READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ | ସଂଖ୍ୟା-୪୪ | ୧୦ ନଭେମ୍ବର - ୧୬ ନଭେମ୍ବର, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-44 | 10th NOVEMBER- 16th NOVEMBER, 2025 | BHUBANESWAR | ₹ 5/- (8 Pages)

# ଭୁଲ୍ ଡିପିଆର ପାଇଁ ଦୁର୍ଘଟଣା ବଢୁଛି : ଗଡକରୀ

**ଭୁବନେଶ୍ୱର :** ଭାରତୀୟ ସଡ଼କ କଂଗ୍ରେସର ୮୪ତମ ବାର୍ଷିକ ଅଧିବେଶନ ଭୁବନେଶ୍ୱରର ଜନତା ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି । ଦୀର୍ଘ ପ୍ରାୟ ୧୦ବର୍ଷ ବ୍ୟବଧାନରେ ଓଡ଼ିଶାରେ ଏହି ସଡ଼କ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଉଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଧିବେଶନକୁ ଉଦଘାଟନ କରିଛନ୍ତି । ଏହି ଅଧିବେଶନରେ ଦେଶବିଦେଶରୁ ପ୍ରାୟ ୩୫୦୦ରୁ ଅଧିକ ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ପ୍ରତିନିଧି ଓ ଗାଇଡ୍ ଯୋଗ ଦେଇଥିଲେ । ଓଡ଼ିଶାରେ ଏହି ଅଧିବେଶନ ଷଷ୍ଠଥର ପାଇଁ ଆୟୋଜିତ ହେଉଛି । ଏହି ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ସଡ଼କ କଂଗ୍ରେସ (ଆଇଆରସି) ହେଉଛି ଭାରତୀୟ ରୋଡ ଇଞ୍ଜିନିୟରିଂର ଆତ୍ମା ଓ ସଡ଼କ ଭିତ୍ତିଭୂମି, ଗବେଷଣା, ଇଞ୍ଜିନିୟରିଂ ଓ ନବସୃଜନ ପାଇଁ ଏକ ବୃହତ ଜ୍ଞାନ ବିନିମୟ କ୍ଷେତ୍ର । ଦେଶର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱସ୍ତରୀୟ ସଡ଼କ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ରହିଛି । ସଡ଼କ ନିର୍ମାଣରେ କଠିନ ବର୍ଜ୍ୟବସ୍ତୁର ଉପଯୋଗ ଉପରେ ଗୁରୁତ୍ୱାରୋପ କରି ଭୁବନେଶ୍ୱରର ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଏପର୍ଯ୍ୟନ୍ତ ୮୦ ଲକ୍ଷ ଟନ୍



ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ଉପଯୋଗ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ସଡ଼କ ନିର୍ମାଣ କ୍ଷେତ୍ରରେ ଦ୍ରୁତ ଉନ୍ନତି ଆସିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବଜେଟ ଆବଣ୍ଟନ ସର୍ବାଧିକ ୨.୮୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଦେଶରେ ରାଜପଥ ନିର୍ମାଣ ୬୦% ବୃଦ୍ଧି ପାଇ ୧,୪୬,୩୪୨ କିଲୋମିଟରରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ଭାରତ ବିଶ୍ୱର ଏକ ନମ୍ବର ସଡ଼କ ନେଟ୍‌ୱାର୍କ ହେବାକୁ ଯାଉଛି । ଉନ୍ନତ ସଡ଼କ ଯୋଗୁଁ ଦେଶରେ ଲଜିଷ୍ଟିକ୍ସ ଖର୍ଚ୍ଚ ମଧ୍ୟ ୧୬ରୁ ୧୧ ପ୍ରତିଶତକୁ ହ୍ରାସ ପାଇଛି । ସେ ସଡ଼କ ନିର୍ମାଣରେ ଟେକ୍ନୋଲୋଜି, ଉତ୍ତମ ମାନର ଉଚଜ ପ୍ରସ୍ତୁତି, ସଡ଼କ ନିରାପତ୍ତା ଏବଂ ଗ୍ରୀନ ହାଇଡ୍ରୋଜେନ୍ ଭଳି ବିକଳ୍ପ ଇନ୍ଧନର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦଘାଟନୀ ଅବସରରେ କହିଛନ୍ତି ଯେ, ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ 'ବିସ୍ତୃତ ଭିତ୍ତିଭୂମି ମାଷ୍ଟର ପ୍ଲାନ' ପ୍ରସ୍ତୁତ କରାଯାଉଛି । ରାଜ୍ୟରେ ୧୫ ହଜାର କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ୫ ବର୍ଷ ମଧ୍ୟରେ ୭୫ ହଜାର କିଲୋମିଟର ସଡ଼କ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାକୁ ଅଧିକ ଗତିଶୀଳ କରିବାକୁ ରାଜ୍ୟରେ ଓଡ଼ିଶା ଷ୍ଟେଟ୍ ରୋଡ ପଲିସି-୨୦୨୫ ଏବଂ ଓଡ଼ିଶା ଷ୍ଟେଟ୍ ହାଇୱେ ➤ ପୃ-୬

### ଚର୍ଚ୍ଚାରେ ନବୀନଙ୍କ ୧.୨୨ ମିନିଟର ଭିଡିଓ

# ମାନବିକତା ଭୁଲିଗଲାଣି ବିଜେଡି !

**ଭୁବନେଶ୍ୱର :** ସତରେ କ'ଣ ବିଜେଡି ଏବେ ସାଧାରଣ ମାନବିକତା ଭୁଲିଗଲାଣି ? ଯେଉଁ ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ଦୀର୍ଘ ୨୪ବର୍ଷ ଧରି ଶାସନରେ ରହିଲା, ଏବେ ସେହି ନେତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଦେଖାଇବା ପରିବର୍ତ୍ତେ ତାଙ୍କୁ ବାର୍ଦ୍ଧକ୍ୟଜନିତ ବୟସାଧିକ୍ୟଜନିତ ଶାରୀରିକ ସମସ୍ୟା ମଧ୍ୟରେ ବି ନିର୍ବାଚନୀ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ବାଧ୍ୟ କରିଛି । ଯଦି ଏଭଳି ବାଧ୍ୟବାଧକତା ଦଳ ୨୦୨୪ ସାଧାରଣ ନିର୍ବାଚନରେ କରିଥାନ୍ତା ହୁଏତ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିନଥାନ୍ତା ବୋଲି ଚର୍ଚ୍ଚା ହେଉଛି । ନବୀନ ନୂଆପଡ଼ା ଗସ୍ତରେ ଯିବାବେଳେ ୧.୨୨ମିନିଟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ନବୀନଙ୍କୁ ବିମାନ ବନ୍ଦରର ୩ ନମ୍ବର ଗେଟ୍ ପାଖରେ ପ୍ରାୟ ୭୦ଫୁଟ୍ ଲମ୍ବ ଲାଉଞ୍ଜ ଅଞ୍ଚଳକୁ ଅତିକ୍ରମ



କରିବାକୁ ୩ଥର ଅଟକିବାକୁ ପଡ଼ିଛି । ଆଉ ଚାଲିବାବେଳେ ନବୀନଙ୍କ ଦୁଇ ଗୋଡ଼ ଠିକ୍ ଭାବେ ନପଡ଼ିବା ଓ ଅଳ୍ପ ଚାଲିବା ପରେ ସେ ଥକି ପଡୁଥିବା ଭିଡିଓରୁ ଜଳଜଳ ଦିଶୁଛି । ରାଜ୍ୟର ସର୍ବାଧିକ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ବୟସାଧିକ୍ୟଜନିତ ଶାରୀରିକ ସମସ୍ୟା ସତ୍ତ୍ୱେ ତାଙ୍କୁ କିଏ ଓ କାହିଁକି ନୂଆପଡ଼ାକୁ ପଠାଉଛି ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି ତଥା ସୋସିଆଲ ମିଡିଆରେ ନବୀନପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପାଉଥିବା ଦେଖିବାକୁ ମିଳିଛି । ବିଜେଡିର ପୂର୍ବତନ ନେତ୍ରୀ ଶ୍ରୀମୟୀ ମିଶ୍ର ଏବଂ ପୂର୍ବତନ ଯୁବ ମହାସଚିବ ଏଲିନା ଦାଶ ମଧ୍ୟ ଏହି ଭିଡିଓକୁ ନିଜ ସୋସିଆଲ ମିଡିଆରେ ଶେୟାର କରି ସିଧାସଳଖ ଦଳକୁ ଟାର୍ଗେଟ କରିବାକୁ ପଛାଇନାହାନ୍ତି । ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ➤ ପୃ-୬

# ଜନସଂଖ୍ୟା ଠାରୁ ଦୁଇଗୁଣ ମୋବାଇଲ ଫୋନ୍

**ନୂଆଦିଲ୍ଲୀ :** ଆଜିକାଲିର ଦୈନନ୍ଦିନ ଜୀବନରେ ମୋବାଇଲ ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ପରିଗଣିତ ହେଲାଣି । ତୁରନ୍ତ ଯୋଗାଯୋଗର ମାଧ୍ୟମ, ସୂଚନାର ଆଦାନ ପ୍ରଦାନ, ବ୍ୟାଙ୍କ ସେବା, ମନୋରଞ୍ଜନ ଏବଂ ନାଭିଗେସନ୍ ଭଳି ବିଭିନ୍ନ କାର୍ଯ୍ୟ ମୋବାଇଲ ଦ୍ୱାରା ସହଜରେ ହୋଇପାରୁଛି । ମୋବାଇଲ ଆଜିର ଯୁଗରେ ଲୋକେ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି । ଏମିତି କି ଜଣକା ୨ରୁ ୩ଟି ମୋବାଇଲ୍ ଫୋନ ବି ବ୍ୟବହାର କରୁଛନ୍ତି । ସେମିତି ଗୋଟେ ଗୋଟେ ପରିବାରରେ ସଦସ୍ୟଙ୍କ ଠାରୁ ମୋବାଇଲ୍ ସଂଖ୍ୟା ବି ଅଧିକ ଥିବା ଜଣାପଡୁଛି । ତେବେ ଆପଣ ଜାଣି ଆଚମ୍ବିତ ହେବେ ଯେ- ଏପରି କିଛି ଦେଶ ଅଛି ଯାହାର ଜନସଂଖ୍ୟା ଠାରୁ ସେମାନେ ଅଧିକ ମୋବାଇଲ ଫୋନ୍ ବ୍ୟବହାର କରନ୍ତି । କଥାର ସତ୍ୟତା ଜଣିଲେ ଆପଣ ବି ହୋଇଯିବେ



ଆଶ୍ଚର୍ଯ୍ୟ । କେବଳ ଯୁବପିଢି ନୁହେଁ ସବୁବର୍ଗର ଲୋକମାନେ ସ୍ମାର୍ଟଫୋନ୍ ନିଶାରେ ମାତିଛନ୍ତି । ଖାଇବା ପିଇବା ଠାରୁ ସ୍ମାର୍ଟଫୋନ ଅଧିକ ଦରକାରୀ ହୋଇପଡିଛି । ସେପ୍ଟେମ୍ବର ୧୯୮୧ରେ ସ୍ୱିଡେନରେ ଇ.ଏଫ୍. ଜନସନ୍ ଏବଂ ମିଲିକମ୍‌ଙ୍କ ଦ୍ୱାରା ମିଲିକମ୍ ସହାୟକ କମ୍ପାନୀ କମଭିକ୍ ଦ୍ୱାରା ପ୍ରଚଳନ ହୋଇଥିବା ସ୍ମାର୍ଟ ଫୋନ୍ ନିଶା କେବଳ ସହର ମଧ୍ୟରେ ସୀମିତ ରହିନାହିଁ , ଏହା ଗ୍ରାମ ଠାରୁ ଆରମ୍ଭ କରି ଅପହଞ୍ଚ ଅଞ୍ଚଳ ଯାଏଁ ବି ➤ ପୃ-୬

# ପୀତବାସ ପଣ୍ଡା ହତ୍ୟା ମାମଲା; ସପକ୍ଷରେ ୨୦୯ ଓକିଲ

**ବ୍ରହ୍ମପୁର :** ପୀତବାସ ପଣ୍ଡା ହତ୍ୟା ମାମଲାରେ ରୋଚକ ମୋଡ଼ । ଏହି ମାମଲାର ଅନ୍ୟତମ ପ୍ରମୁଖ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ବିଜେଡିର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଗିରଫକୁ ବିରୋଧ କରି ତଥା ତାଙ୍କ ସପକ୍ଷରେ ଲଢ଼ିବାକୁ ୪୪ ଜଣ ଓକିଲ ଓ୍ୱକାଲତନାମା ଦାଖଲ କରିଥିବା ବେଳେ ତାଙ୍କ ବିରୋଧରେ ଲଢ଼ିବାକୁ ବାହାରିଛନ୍ତି ୨୦୯ ଜଣ ଓକିଲ । ବିକ୍ରମ ପାଇଁ ମାମଲା ଲଢ଼ିବାକୁ ୪୪ ଜଣ ଓକିଲ ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଓ୍ୱକାଲତନାମା ଦାଖଲ କରିସାରିଛନ୍ତି । ତେବେ ବିକ୍ରମଙ୍କୁ ଏହି ମାମଲାରୁ ମୁକ୍ତ କରିବା ପାଇଁ ଗତକାଲି ଏସ୍ଡିଜେମ୍ କୋର୍ଟରେ ଏକ ପିଟିସନ ଦାଖଲ ହେବା ପରେ ଏକଜୁଟ ହୋଇଛନ୍ତି ପୀତବାସଙ୍କୁ ସମର୍ଥନ କରୁଥିବା ଓକିଲ । ବିକ୍ରମଙ୍କ ସପକ୍ଷରେ ବାହାରିଥିବା ୪୪ ଜଣ ଓକିଲଙ୍କ ମଧ୍ୟରୁ ଜଣେ



ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି । ଏହା ଜଣାପଡ଼ିବା ପରେ ମୃତ ପୀତବାସଙ୍କୁ ନ୍ୟାୟ ଦେବା ପାଇଁ ସେମାନେ ଏକାଠି ହୋଇଛନ୍ତି ୨୦୯ ଜଣ ଓକିଲ । ଆଉ ସେମାନେ ଓ୍ୱକାଲତନାମା ଦାଖଲ କରିଛନ୍ତି । ପୀତବାସଙ୍କୁ ନ୍ୟାୟ ଦେବାକୁ ୨୦୯ ଓକିଲ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ତାଙ୍କ ଭାଇ କୃଷ୍ଣଚନ୍ଦ୍ର ପଣ୍ଡା । ଆଗକୁ ଏହି ମାମଲାର ପରିଚାଳନା ସରକାରୀ ଓକିଲ କରିବାକୁ ଥିବା ବେଳେ ଏହି ୨୦୯ ଜଣ ଓକିଲ ସେମାନଙ୍କୁ ସାହାଯ୍ୟ କରିବେ ବୋଲି ସେ କହିଛନ୍ତି । ଆଗକୁ ତାଙ୍କ ଭାଇଙ୍କ ସମର୍ଥନରେ ଆହୁରି କିଛି ଓକିଲ ମଧ୍ୟ ଓ୍ୱକାଲତନାମା ଦାଖଲ କରିବେ ବୋଲି ସେ କହିଛନ୍ତି । ଏହି ମାମଲାରେ ଏଯାଏ ୧୬ ଜଣ ଗିରଫ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଗୁଳି କରିଥିବା ବ୍ୟକ୍ତି ମଧ୍ୟ ଅଛନ୍ତି । ପୁଲିସ୍ ସିନ୍ ରିକ୍ରିଏସନ କରି ସାରିଛି । ତେବେ ଯା ମଧ୍ୟରେ ହାଇକୋର୍ଟର ଦୁଇ ଜଣ ବରିଷ୍ଠ ଆଡ୍‌ଭୋକେଟ୍‌ଙ୍କୁ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ ନିଯୁକ୍ତି ଦେବାକୁ ➤ ପୃ-୬

### ରାଜପଥ ଓ ଏକ୍ସପ୍ରେସୱେରେ ବୁଲା ପଶୁଙ୍କ ପ୍ରବେଶ ନିଷେଧ

# ହଟାଇବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ସାରା ଦେଶରେ ବୁଲା କୁକୁରଙ୍କ ସମସ୍ୟାର ଶୁଣାଣି କରିଥିଲେ । ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ । ସୁପ୍ରିମକୋର୍ଟ ରାଜପଥ ଏବଂ ଏକ୍ସପ୍ରେସୱେରୁ ବୁଲା ପଶୁମାନଙ୍କୁ ନିଷିଦ୍ଧ କରିଥିଲେ ଏବଂ ସେମାନଙ୍କୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ୍ ନାଥ କହିଛନ୍ତି ଯେ ଆଦେଶଟି ତିନୋଟି ଭାଗରେ ଅଛି । ପ୍ରଥମଟି ଅନୁପାଳନ ଉପରେ । ଆମିକସ୍ ରିପୋର୍ଟର ବିଷୟବସ୍ତୁକୁ ଆମ ଆଦେଶର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ପଢ଼ାଯିବ । ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପରବର୍ତ୍ତୀ ଶୁଣାଣି ପୂର୍ବରୁ ବ୍ୟାପକ



ସତ୍ୟପାଠ ଦାଖଲ କରିବେ, ଯେଉଁଥିରେ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତ୍ରୁଟିକୁ ଦୂର କରିବା ପାଇଁ ସେମାନେ ନେଇଥିବା ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରାଯିବ । ଯେକୌଣସି ଶିଥିଳତାକୁ ଗମ୍ଭୀରତାର ସହ ନିଆଯିବ । ଜଷ୍ଟିସ୍ ନାଥ କହିଛନ୍ତି ଯେ ଦ୍ୱିତୀୟ ଆଦେଶ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ସହିତ ଜଡିତ । ଏହି ନିର୍ଦ୍ଦେଶଗୁଡ଼ିକୁ ପୁନର୍ବାର ଦୃଢ଼ କରାଯାଇଛି ଯେ ସମସ୍ତ ରାଜ୍ୟର ନୋଡାଲ ଅଧିକାରୀମାନେ ଜାତୀୟ ରାଜପଥରୁ ବୁଲା ପଶୁମାନଙ୍କୁ ହଟାଇବା ନିଶ୍ଚିତ କରିବେ । ରାଜପଥ, ରାସ୍ତା, ଏକ୍ସପ୍ରେସୱେରେ ଗୋରୁ ସମେତ ସମସ୍ତ ପଶୁଙ୍କୁ ତୁରନ୍ତ ହଟାଇବା ପାଇଁ ଏକ ମିଳିତ, ସମନ୍ୱିତ ଅଭିଯାନ ଆରମ୍ଭ କରାଯିବ । ଗୋରୁ ଏବଂ ଅନ୍ୟାନ୍ୟ ପଶୁପାଳନକୁ ସମସ୍ତ ଆବଶ୍ୟକୀୟ ଯତ୍ନ ଯୋଗାଇ ଦିଆଯିବ । ➤ ପୃ-୬

## ବକ୍ରବାଣୀ



ଗଣତନ୍ତ୍ର ଏଠି ମରୁଚି ନିତି
ଇସି ଇଡି ମିଶି ଚଲାନ୍ତି କାତି
ନେତାଙ୍କ ମୁହଁରେ ଗୋଟିଏ କଥା
ଜନତା ତ ଏଠି ସବ୍ ଜାନତା
ଜନଗଣ ଯଦି ନୁହେଁ ଭକୁଆ
ମରି ପଡ଼ି ଏତେ ପ୍ରଚାର କିଆଁ
ସରକାରୀ ଧନ ହୁଅଇ ବଣ୍ଟା
ବିରୋଧୀ ଦଳଙ୍କ ଭାଙ୍ଗଇ ଅଣ୍ଟା
ଅଳ୍ପ କିଛି ପାଇ ଜନତା ଖୁସି
ତା'ପରେ କାନ୍ଦନ୍ତି ରାସ୍ତାରେ ବସି ।

——— ଟୁଟୁ

### ପଞ୍ଚାୟତ ନିର୍ବାଚନ ପାଇଁ ମୋହନ ସରକାରଙ୍କ 'ମିଶନ ପାୱାର'

# ସଶକ୍ତ ହେବ ପାୱାର, ରୋଡ, ୱାଟର

**ଭୁବନେଶ୍ୱର :** ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ସମରସଜ୍ଜା କଲାଣି ଶାସକ ବିଜେପି । ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଏକ ବଡ଼ ରଣନୀତି ଆପଣାଇଛନ୍ତି । କ୍ଷମତାକୁ ଆସିବା ପରେ ପ୍ରଥମ ଥର ପାଇଁ ବିଜେପି ରାଜ୍ୟରେ ଗ୍ରାମାଞ୍ଚଳରେ ବିଜେଡିର ଗଡ଼କୁ ଭାଙ୍ଗି ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ 'ମିଶନ ପାୱାର'କୁ ରାଜନୀତିକ ଅସ୍ତ୍ର ଭାବେ ବ୍ୟବହାର ନିମନ୍ତେ ଯୋଜନା କରିଛି । ୨୦୨୭ ମସିହା ସୁଦ୍ଧା ରାଜ୍ୟର ସବୁ ଗାଁରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ ଓ ରାସ୍ତା ସଂଯୋଗକୁ ସୁଦୃଢ଼ ତଥା ସୁନିଶ୍ଚିତ କରାଇବା ନିମନ୍ତେ ଏହି ମିଶନ ପାୱାର (ପାୱାର, ୱାଟର, ରୋଡ)ର ପରିକଳ୍ପନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅକ୍ଟୋବର ୧୫ତାରିଖରେ 'ନୋଟ୍ ସିଟ୍ ' ପଠାଇ ସୂଚନା ଦେବା ପରେ ଆସନ୍ତା ୧୧ତାରିଖ ୧୧ଟାବେଳେ ବିଭାଗଗୁଡ଼ିକର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠୁ ପ୍ରସ୍ତୁତି ଆରମ୍ଭ କରିଛି ମୋହନ ମାଝୀଙ୍କ ସରକାର । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ନୋଟ୍ ସିଟ୍ ପଠାଇ ରାଜ୍ୟର ପ୍ରତ୍ୟେକ ଗାଁରେ ବିଦ୍ୟୁତ, ପାନୀୟ ଜଳ ଓ ସବୁଦିନିଆ ରାସ୍ତା ସଂଯୋଗ ୨୦୨୭ ମସିହା ସୁଦ୍ଧା ସୁନିଶ୍ଚିତ କରାଇବା ପାଇଁ ମିଶନ ପାୱାର



(ପାୱାର, ୱାଟର, ରୋଡ) 'ପାୱାର'ର ପରିକଳ୍ପନା କରାଯାଇଥିବା ସୂଚନା ଦେଇଛନ୍ତି । ୨୦୨୭ ଫେବୃୟାରୀ ମାସରେ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ମୋହନ ସରକାର ଏଭଳି ଆଗୁଆ ପ୍ରସ୍ତୁତି ନେଉଥିବା ଜଣାପଡ଼ିଛି । ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ରାଜ୍ୟର ସମସ୍ତ ୩୦ ଜିଲ୍ଲା ପରିଷଦ ଗଠନ କରିବା ସହ ୭୦ପ୍ରତିଶତରୁ ଅଧିକ ପଞ୍ଚାୟତ ସମିତିକୁ ମଧ୍ୟ କବଜା କରିଥିଲା । ବିଜେଡିର ଗ୍ରାମାଞ୍ଚଳରେ ଥିବା ଏହି ଦୁର୍ଗରେ ଛିଦ୍ର କରିବା ନିମନ୍ତେ ବିଗତ ଦେଢ଼ବର୍ଷ ଧରି ରାଜ୍ୟରେ ଶାସକ ବିଜେପି ପକ୍ଷରୁ ଉଦ୍ୟମ ଜାରି ରହିଛି । ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଭଳି ଜିଲ୍ଲାରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ମିଶ୍ରଣ କରାଉଥିଲେ ମଧ୍ୟଏବେବି ବିଜେଡିର ଦବଦବା ଗ୍ରାମାଂଚଳରେ ରହିଛି । ଯାହାକୁ ଦୃଷ୍ଟିରେ ରଖି ମୋହନ ମାଝୀଙ୍କ ସରକାର ଏବେ ସବୁ ଗାଁରେ ଏହି ୩ଟି ମୌଳିକ ସୁବିଧାକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ପହଞ୍ଚାଇ ➤ ପୃ-୬

# ପୃଥିବୀକୁ ୧୫୦ ଥର ଧ୍ୱଂସ କରିପାରିବ ଆମେରିକା : ଟ୍ରମ୍ପ



**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବୟାନକୁ ନେଇ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି । ସେ କହିଛନ୍ତି ଯେ ଆମେରିକା ପାଖରେ ଏତେ ପରମାଣୁ ଅସ୍ତ୍ର ଅଛି ଯେ ତାହା ବିଶ୍ୱକୁ ୧୫୦ ଥର ଧ୍ୱଂସ କରିଦେବ । କିନ୍ତୁ ଏପରି କିଛି କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ତାଙ୍କ ସାକ୍ଷାତକୁ 'ଉତ୍ତମ' ବୋଲି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ବିବାଦ ଯୋଗ ଅଛି। ଧନର ସ୍ଥିତି ମଜବୁତ ହେବ। ଉପହାର ପାଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶୁଭ ଖବର। ଜୀବନସାଥୀଙ୍କ ସହ ଧାର୍ମିକ ଯାତ୍ରାରେ ଯାଇପାରନ୍ତି। ପରିବାରେ ଶାନ୍ତି ବଜାୟ ରହିବ। ନୂତନ ଗାଡି କ୍ରୟ କରିପାରନ୍ତି।

**ବୃଷ** ଖାଦ୍ୟରେ ଧ୍ୟାନ ଦିଅନ୍ତୁ। ତରବରିଆ ଭାବେ କାମ ଶେଷ କରନ୍ତୁ ନାହିଁ। ବନ୍ଧୁଙ୍କ ସହ ସମୟ କଟାଇବେ। ୨ଟି ଜାଗାରୁ ଧନପ୍ରାପ୍ତି ଯୋଗ ଅଛି। କାମରେ ପ୍ରଶଂସିତ ହେବେ। କଳାରେ ରୁଚି ବଢ଼ିବ। ବିଦେଶ ଭ୍ରମଣ ଯୋଗ ଅଛି।

**ମିଥୁନ** ସନ୍ତାନ ପାଇଁ ବ୍ୟସ୍ତ ରହିବେ। ଆୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇପାରନ୍ତି। ସମ୍ମାନିତ ହେବେ। ଜୀବନସାଥୀଙ୍କ ସହ ନୂଆ ଜିନିଷ କିଣାକିଣି କରିପାରନ୍ତି। ପ୍ରେମୀଙ୍କ ପାଇଁ ସମୟ ବହୁତ ଭଲ।

**କର୍କଟ** ମନ ଚଞ୍ଚଳ ରହିବ। ଚିଡିଚିଡା ବଢ଼ିବ। ଧନ ସାମାନ୍ୟ ରହିବ। ଗାଡି ବା ଘର କରଣା ଜିନିଷ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ଦେଖାଦେବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିଯିବ।

**ସିଂହ** ଅଚାନକ ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁ ଓ ପିତାମାତା ଆପଣଙ୍କୁ ସାକ୍ଷାତ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇବେ। ପ୍ରେମୀଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଯାନ କ୍ରୟ କରିପାରନ୍ତି।

**କନ୍ୟା** ଉପହାର ପାଇବା ଯୋଗ ଅଛି। ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ। ଆୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ଦୂରଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**ତୁଳା** ପରିବାର ସହ ସମୟ କଟାଇବା ଯୋଗ ଅଛି। ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମୀମାନେ ମନର କଥା ପ୍ରକାଶ କରିପାରନ୍ତି। ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇପାରନ୍ତି।

**ବିଛା** ପେଟରେ ସମସ୍ୟା ହୋଇପାରେ। ଧନପ୍ରାପ୍ତି ଯୋଗ ସାମାନ୍ୟ ଅଛି। ନୂଆ ଚାକିରି ପାଇପାରନ୍ତି। ପଦୋନ୍ନତି ଯୋଗ ଅଛି। ଜୀବନସାଥୀଙ୍କ ସହ ପୂଜାପାଠରେ ମନ ଦେବେ। ଗୃହରେ ଶାନ୍ତି ବଜାୟ ରହିବ।

**ଧନୁ** ସ୍ୱାସ୍ଥ୍ୟ ପାଇଁ ମନନିବେଶ କରିବେ। ରୋକିଥିବା ଧନ ପାଇବେ। ଅନ୍ୟର ସ୍ୱାସ୍ଥ୍ୟ ପରୀକ୍ଷାରେ ଧନ ଖର୍ଚ୍ଚ ହେବ। ଚାକିରିରେ ପରିବର୍ତ୍ତନ ଯୋଗ ଅଛି। ଜୀବନସାଥୀଙ୍କ ସହ ପଡୋଶୀ ସହ ବିବାଦ ହୋଇପାରେ।

**ମକର** ବହୁତ କ୍ରୋଧିତ ହେବେ। ମିଛ କହିବାକୁ ପଡିପାରେ। ଧନପ୍ରାପ୍ତି ପାଇଁ ସଂଘର୍ଷ କରିବେ। କାର୍ଯ୍ୟ କ୍ଷେତ୍ରରେ ନୂଆ ସୁଯୋଗ ପାଇବେ। ଦମ୍ପତ୍ତିଙ୍କ ସମ୍ପର୍କ ଦୃଢ଼ ହେବ। ନୂତନ ଜାଗା କ୍ରୟ କରିପାରନ୍ତି।

**କୁମ୍ଭ** ମନ ପ୍ରସନ୍ନ ରହିବ। ଧନ ବର୍ଷା ହୋଇପାରେ। ବାଣୀରେ ଲଗାମ ରଖନ୍ତୁ। କାମରେ ମନ ଲଗାନ୍ତୁ। ଘର ପାଇଁ ଖର୍ଚ୍ଚ ବଢ଼ିବ। ବିବାହ ସ୍ଥିର ହୋଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ ସମୟ। ନୂଆ ଗାଡି କିଣିବାର ସୁଯୋଗ ଆସିବ।

**ମୀନ** ପରିବାରରେ ବିବାଦ ହୋଇପାରେ। ବସ୍ତୁହୀନ ଯୋଗ ଅଛି। ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟ କ୍ଷେତ୍ରରେ ସମାଧାନ ହେବ। ଶ୍ୱଶୁରାଳୟ ଭ୍ରମଣ ଯୋଗ ଅଛି। ନୂତନ ଜାଗା କିଣିପାରନ୍ତି। କୌଣସି ଏକ ଜାଗାରୁ ଟଙ୍କା ମିଳିପାରେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୧% ଧନୀ ଭାରତୀୟଙ୍କ ସମ୍ପତ୍ତି ୬୨% ବୃଦ୍ଧି



**ନୂଆଦିଲ୍ଲୀ :** ସାରା ବିଶ୍ୱରେ ଆର୍ଥିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଧନୀ ଓ ଗରିବଙ୍କ ମଧ୍ୟରେ ଉକ୍ତ ତାରତମ୍ୟ ଏପରି ବଢ଼ିଯାଇଛି ଯେ, ଏହା ଗଣତାନ୍ତ୍ରିକ ସ୍ଥିରତା, ଆର୍ଥିକ ଆଘାତ ପ୍ରତିରୋଧ ସାମର୍ଥ୍ୟ ଏବଂ ଜଳବାୟୁ ସହଯୋଗ ପ୍ରତି ବିପଦ ସୃଷ୍ଟି କରିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଦେଶରେ ସର୍ବାଧିକ ଧନ ଥିବା ୧% ବ୍ୟକ୍ତିଙ୍କ ସମ୍ପତ୍ତି ୨ ଦଶନ୍ଧି ମଧ୍ୟରେ ୬୨% ବୃଦ୍ଧି ପାଇଛି। ନୋବେଲ ପୁରସ୍କାର ବିଜେତା ଜୋସେଫ୍ ଷ୍ଟିଗ୍ଲିଟ୍‌ଜଙ୍କ ଦ୍ୱାରା ପ୍ରସ୍ତୁତ ତଥା ଜି-୨୦ ସମର୍ଥିତ ଏକ ସଦ୍ୟ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨୦୨୪ ଡିସେମ୍ବର ୧ରୁ ୨୦୨୫ ନଭେମ୍ବର ୩୦ ପର୍ଯ୍ୟନ୍ତ ଜି୨୦ରେ ଅଧ୍ୟକ୍ଷତା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ସାରା ବିଶ୍ୱରେ ୧% ସର୍ବାଧିକ ଧନୀଙ୍କ ସମ୍ପତ୍ତି ୪୧% ବଢ଼ିଛି। ଏହି ଅବଧି ମଧ୍ୟରେ ଅଧା ଗରିବଙ୍କ ସମ୍ପତ୍ତି ମାତ୍ର ୧%ରେ ସୀମିତ ରହିଛି। ରିପୋର୍ଟରେ ଏହାକୁ ବୈଶ୍ୱିକ ଜରୁରୀ ସ୍ଥିତି ବୋଲି ଅଭିହିତ କରାଯାଇଛି। ଭାରତ ଓ ଚାଇନା ଭଳି ଦେଶରେ ଏଭଳି ବ୍ୟବଧାନ ବଢ଼ିଥିବାବେଳେ ଅଧିକାଂଶ ରାଷ୍ଟ୍ରରେ ଆର୍ଥିକ ଅସମାନତା ବ୍ୟାପକ ହୋଇଛି। ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଦେଶରେ ୧ ପ୍ରତିଶତ ସବୁଠୁ ଧନୀ ଅଧିକରୁ ଅଧିକ ସମ୍ପତ୍ତି ଠୁଳ କରିବାରେ ଲାଗିଛନ୍ତି। ଏହି ଦେଶଗୁଡ଼ିକର ଜନସଂଖ୍ୟା ବିଶ୍ୱର ୭୪%। ଭାରତରେ ଶୀର୍ଷ ୧ ପ୍ରତିଶତଙ୍କ ସମ୍ପତ୍ତିର ସାନ୍ଦ୍ରତା ଚାଇନାର ୫୪ ପ୍ରତିଶତଠାରୁ ଅଧିକ ରହିଛି ବୋଲି ଜୟତି ଘୋଷ, ୱିନ୍ନିଏ ବ୍ୟାନ୍ୟିମା ଓ ଇମ୍ରାନ୍ ଭଲୋଡିଆ ସାମିଲ ଥିବା ବିଶେଷଜ୍ଞ କମିଟି ଦର୍ଶାଇଛି। ଅତ୍ୟଧିକ ଅସମାନତା ଦୂର ପାଇଁ ଏକ ଅନ୍ତର୍ଜାତୀୟ କମିଟି ଗଠନ କରାଯିବା ଉଚିତ ବୋଲି ଏଥିରେ ସୁପାରିସ କରାଯାଇଛି।

**ମହିଳା ସଶକ୍ତୀକରଣ ଯୋଜନାରେ ବିଗୁଡୁଛି ରାଜ୍ୟ ବଜେଟ**

# ୧୨ ରାଜ୍ୟରେ ୧.୬୮ ଲକ୍ଷ କୋଟି ଖର୍ଚ୍ଚ



**ନୂଆଦିଲ୍ଲୀ :** ଦେଶର ୧୨ ରାଜ୍ୟ ୨୦୨୫-୨୬ରେ ମହିଳାଙ୍କ ପାଇଁ ନିଃସର୍ତ୍ତ ନଗଦ ରାଶି ଟ୍ରାନ୍ସଫର (ୟୁସିଟି) ଯୋଜନାରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ୩ ବର୍ଷ ପୂର୍ବରୁ କେବଳ ୨ଟି ରାଜ୍ୟ ମହିଳାଙ୍କ ପାଇଁ ଏଭଳି ଯୋଜନା ଚଳାଉଥିଲେ। ଏକ ରିପୋର୍ଟ ଅନୁସାରେ ନିକଟରେ ମହିଳାଙ୍କ ସଶକ୍ତୀକରଣ ନିମନ୍ତେ ଅନେକ ଯୋଜନା ରାଜ୍ୟ ଗୁଡ଼ିକ ଲାଗୁ କରିଛନ୍ତି। ଦେଶରେ ଏହା ଏକ ମୁଖ୍ୟ କଲ୍ୟାଣକାରୀ ଯୋଜନା ସାଜିଛି। ଚଳିତ ବର୍ଷ କେବଳ ମହିଳା କୈନ୍ଦ୍ରିକ କଲ୍ୟାଣକାରୀ ଯୋଜନା ପାଇଁ ବଢୁଥିବା ବ୍ୟୟ ଯୋଗୁଁ ୧୨ରୁ ୬ଟି ରାଜ୍ୟର ରାଜସ୍ୱ କ୍ଷତି ହେବା ଅନୁମାନ କରାଯାଇଛି। ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଗତ ବର୍ଷ ତୁଳନାରେ ମହିଳା ୟୁସିଟି ଯୋଜନାର ବଜେଟ ଯଥାକ୍ରମେ ୩୧ ଓ ୧୫ ପ୍ରତିଶତ ବୃଦ୍ଧି ପାଇଛି। ରିପୋର୍ଟରେ କୁହାଯାଇଛି କି ଯଦି ଏହି ଯୋଜନା ବନ୍ଦ କରିଦିଆଯିବ ତେବେ ରାଜ୍ୟର ଆର୍ଥିକ ସ୍ଥିତିରେ ଅନେକ ସୁଧାର ଆସିପାରେ। ସୂଚନାଯୋଗ୍ୟ, ମହାରାଷ୍ଟ୍ର ଏପ୍ରିଲ ୨୦୨୫ରେ ମୁଖ୍ୟମନ୍ତ୍ରୀ ଲଡକି ବହିନ ଯୋଜନାରେ ମାସିକ ପୈଠ ହ୍ରାସ କରିଥିଲା। ଏନେଇ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଚେତାବନୀ ଦେଇଥିଲା ଯେ ମହିଳା, ଯୁବପିଢ଼ି ଓ ଚାଷୀଙ୍କ ପାଇଁ ସବସିଡି ଓ ନଗଦ ରାଶି ହସ୍ତାନ୍ତରରେ ବଢୁଥିବା ବଜେଟ ଫଳରେ ଉତ୍ପାଦକ ଖର୍ଚ୍ଚ ପାଇଁ ରାଜସ୍ୱ ଉପରେ ପ୍ରଭାବ ପଡିପାରେ। ମଧ୍ୟପ୍ରଦେଶରେ ଲାଡଲି ବହନା ଯୋଜନା ଏବଂ କର୍ଣ୍ଣାଟକରେ ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମହିଳାଙ୍କୁ ପ୍ରାୟ ୧୫୦୦ ଟଙ୍କା ପର୍ଯ୍ୟନ୍ତ ପୈଠ କରାଯାଉଛି। କର୍ଣ୍ଣାଟକର ଜିଏସଡିପି ୦.୬ ପ୍ରତିଶତ ଅଧିକ ଥିବାବେଳେ ମହିଳାଙ୍କୁ ଆର୍ଥିକ ରାଶି ସହାୟତା ପ୍ରଦାନ ପରେ ଏହା ୦.୩ ପ୍ରତିଶତକୁ ହ୍ରାସ ପାଇଛି। ସେହିଭଳି ମଧ୍ୟ ପ୍ରଦେଶରେ ଜିଏସଡିପି ବଳକା ୦.୪ ପ୍ରତିଶତରୁ ୧.୧ ପ୍ରତିଶତକୁ ଖସିଆସିଛି। ଓଡ଼ିଶାରେ ମହିଳା ସଶକ୍ତୀକରଣ ପାଇଁ ପ୍ରଚଳିତ ସୁଭଦ୍ରା ଯୋଜନାରେ ୫ ବର୍ଷ (୨୦୨୪-୨୯) ପାଇଁ ୫୫,୮୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଯୋଜନାରେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ ଆର୍ଥିକ ରୂପେ ଦୁର୍ବଳ ମହିଳାଙ୍କୁ ମାସିକ ପୈଠ ମାଧ୍ୟମରେ ସ୍ୱାବଲମ୍ବୀ କରିବା ୟୁସିଟି ଯୋଜନାର ଉଦ୍ଦେଶ୍ୟ। ଅନେକ ରାଜ୍ୟ ଏହାକୁ ଏକ ମୁଖ୍ୟ କଲ୍ୟାଣକାରୀ ଯୋଜନା ରୂପେ ଲାଗୁ କରିଛନ୍ତି। ଏଥିରେ ବୟସ, ଆୟ ସୀମା ଓ ଅନ୍ୟାନ୍ୟ ମାନଦଣ୍ଡ ମାଧ୍ୟମରେ ହିତାଧିକାରୀ ମନୋନୟନ ହୋଇଥାନ୍ତି।

# ଦାରିଦ୍ର୍ୟ ଦୂରୀକରଣରେ ଭାରତର ଐତିହାସିକ ପଦକ୍ଷେପ

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ଶ୍ରମ ଓ ନିଯୁକ୍ତି ତଥା ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡାଭିୟ ସାମାଜିକ ବିକାଶ ପାଇଁ ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ପାଇଁ କତାରର ଦୋହାରେ ଅଛନ୍ତି, ଯେଉଁଠାରେ ସେ ଉଚ୍ଚସ୍ତରୀୟ ଗୋଲଟେବୁଲ ଏବଂ ପୂର୍ଣ୍ଣାଙ୍ଗ ଅଧିବେଶନରେ ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ସୁରକ୍ଷା ମାଧ୍ୟମରେ ଭାରତର ପରିବର୍ତ୍ତନକାରୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ନୀତି ଆୟୋଗ ଦ୍ୱାରା 'ଦାରିଦ୍ର୍ୟରୁ ବାହାରିବା ପଥ: ଶେଷ ମାଇଲକୁ ସଶକ୍ତ କରିବାରେ ଭାରତର ଅଭିଜ୍ଞତା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଡକ୍ଟର ମାଣ୍ଡଭିୟ ପ୍ରାୟ ୨୫୦ ନିଯୁତ ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ବାହାର କରିବାରେ ଏବଂ ସାମାଜିକ ସୁରକ୍ଷା କଭରେଜକୁ ଏହାର ଜନସଂଖ୍ୟାର ୬୪ ପ୍ରତିଶତରୁ ଅଧିକ ପର୍ଯ୍ୟନ୍ତ ବିସ୍ତାର କରିବାରେ ଭାରତର ସଫଳତା ପ୍ରଦର୍ଶନ କରିଥିଲେ। ସେ ରେଖାଙ୍କିତ କରିଥିଲେ ଯେ ମହିଳା ଏବଂ ଶିଶୁ ଭାରତର ବିକାଶ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ୧୧୮ ନିଯୁତରୁ ଅଧିକ ସ୍କୁଲ ପିଲା ମଧ୍ୟାହ୍ନ ଭୋଜନ ପାଉଛନ୍ତି ଏବଂ ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି, ଯାହା ତୃଣମୂଳ ସ୍ତରରେ ଉଦ୍ୟୋଗୀତାକୁ ଆଗେଇ ନେଉଛି। ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ଯେ ଜେଏଏମ (ଜନ ଧନ, ଆଧାର, ମୋବାଇଲ) ମାଧ୍ୟମରେ ଭାରତର ଡିଜିଟାଲ୍ ବିପ୍ଳବ କଲ୍ୟାଣ ପ୍ରଦାନକୁ ପରିବର୍ତ୍ତନ କରିଛି ତଥା ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ କରିଛି। ସେ ଆଲୋକପାତ କରିଥିଲେ ଯେ ସ୍କିଲ୍ ଇଣ୍ଡିଆ ମିଶନ ଅଧୀନରେ ୧୪ ନିଯୁତରୁ ଅଧିକ ଯୁବକଙ୍କୁ ତାଲିମ ଦିଆଯାଇଛି ଏବଂ ନୂତନ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ଆଉ ୩୫ ନିଯୁତ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି କରିବ। ଡକ୍ଟର ମାଣ୍ଡଭିୟ ଗତକାଲି ଇଣ୍ଟରନାସନାଲ୍ ଲେବର ଅର୍ଗାନାଇଜେସନ (ଆଇଏଲଓ) ଦ୍ୱାରା ଆୟୋଜିତ ଗ୍ଲୋବାଲ୍ କୋଏଲସନ୍ ଫର ସୋସିଆଲ ଜଷ୍ଟିସର ସ୍ୱଟଲାଇଟ୍ ଅଧିବେଶନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେ ସାମାଜିକ ନ୍ୟାୟ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଆଚରଣକୁ ଆଗକୁ ବଢ଼ାଇବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ। କେନ୍ଦ୍ରମନ୍ତ୍ରୀ ରେଖାଙ୍କିତ କରିଥିଲେ ଯେ ଭାରତ ୨୦୧୭ ରୁ ୨୦୨୩ ମଧ୍ୟରେ ୧୭୦ ନିଯୁତରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି, ବେକାରୀ ୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି ଏବଂ ମହିଳାମାନଙ୍କ କାର୍ଯ୍ୟବଳ ଅଂଶଗ୍ରହଣ ପ୍ରାୟ ଦ୍ୱିଗୁଣିତ ହୋଇଛି। ଡକ୍ଟର ମାଣ୍ଡଭିୟ ତାଙ୍କ ଭାଷଣରେ ସାମାଜିକ ନ୍ୟାୟ ଉପରେ ଏକ ବିଶ୍ୱସ୍ତରୀୟ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଆଇଏଲଓ ଏବଂ ବିଶ୍ୱସ୍ତରୀୟ ମେଣ୍ଟକୁ ପ୍ରଶଂସା କରିଥିଲେ। ସେ ମନେ ପକାଇଥିଲେ ଯେ ଭାରତ ଫେବୃଆରୀ ୨୦୨୫ରେ ସାମାଜିକ ନ୍ୟାୟ ଉପରେ ପ୍ରଥମ ଆଞ୍ଚଳିକ ଆଲୋଚନା ଆୟୋଜନ କରିଥିଲା, ଯେଉଁଠାରେ ଭାରତର ସର୍ବବୃହତ ନିଯୁକ୍ତିଦାତା ମହାସଂଘ ଏବଂ ଶ୍ରମିକ ସଂଘ ସମେତ ୨୧ ରୁ ଅଧିକ ସଂଗଠନ ମେଣ୍ଟରେ ଯୋଗଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଭାରତର ଦୃଢ଼ ସାମାଜିକ ସୁରକ୍ଷା ଇକୋସିଷ୍ଟମ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ୭୮ ନିଯୁତରୁ ଅଧିକ ସଦସ୍ୟଙ୍କୁ ସେବା ପ୍ରଦାନ କରୁଛି ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ୧୫୮ ନିଯୁତ ବୀମାକୃତ ବ୍ୟକ୍ତି ଏବଂ ଆଶ୍ରିତମାନଙ୍କୁ ସ୍ୱାସ୍ଥ୍ୟ ତଥା ସାମାଜିକ ସୁରକ୍ଷା ପ୍ରଦାନ କରୁଛି। ସେ ଉଲ୍ଲେଖ କରିଥିଲେ ଯେ ଇ-ଶ୍ରମ ପ୍ଲାଟଫର୍ମ, ୩୧୦ ନିଯୁତରୁ ଅଧିକ ଅଣସଂଗଠିତ ଶ୍ରମିକଙ୍କୁ କଭର କରି, ସାମାଜିକ ସୁରକ୍ଷା ଏବଂ ଉନ୍ନତ ନୀତି ନିର୍ଦ୍ଧାରଣ ପାଇଁ ସୁଗମ ପ୍ରବେଶକୁ ସକ୍ଷମ କରିଥାଏ।

**ସ୍ୱଚ୍ଛ ସର୍ବେକ୍ଷଣ ରିପୋର୍ଟ-୨୦୨୫**

# ତାମିଲନାଡୁ ସର୍ବାଧିକ ଅପରିଷ୍କାର ସହର



**ନୂଆଦିଲ୍ଲୀ :** ଦଶନ୍ଧି ଧରି 'ସ୍ୱଚ୍ଛ ଭାରତ ମିଶନ' ଅଭିଯାନ ଚାଲିଥିଲେ ମଧ୍ୟ ସହରୀ ପରିମଳ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ରହିଥିବା 'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫' ରିପୋର୍ଟରୁ ଜଣାପଡ଼ିଛି। ଜନସଂଖ୍ୟା ଏକ ମିଲିୟନରୁ ଅଧିକ ଥିବା ସହରଗୁଡ଼ିକ ମଧ୍ୟରେ ତାମିଲନାଡୁର ସହରଗୁଡ଼ିକ ସର୍ବାଧିକ ଅପରିଷ୍କାର ତାଲିକାରେ ସ୍ଥାନ ପାଇଛନ୍ତି। ସବିଶେଷ ରିପୋର୍ଟ ଅନୁଯାୟୀ ତାମିଲନାଡୁର ପ୍ରଦର୍ଶନ ବିଶେଷ ଚିନ୍ତାଜନକ ରହିଛି। ତାଲିକାରେ ମାଦୁରାଇ ୪,୮୨୩ ସ୍କୋର ସହ ଅପରିଷ୍କାର ସହର ମଧ୍ୟରେ ସର୍ବପ୍ରଥମ ସ୍ଥାନରେ ରହିଛି। ରାଜ୍ୟ ରାଜଧାନୀ ଚେନ୍ନାଇ ମଧ୍ୟ ୬,୮୨୨ ସ୍କୋର ସହ ତୃତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ, ଦୁର୍ବଳ ପରିମଳ ନିୟମ, ନାଗରିକଙ୍କ ଅସହଯୋଗ ଏବଂ ଭିତ୍ତିଭୂମିଗତ ତ୍ରୁଟି ଯୋଗୁଁ ତାମିଲନାଡୁର ସହରଗୁଡ଼ିକ ତଳକୁ ଖସି ଆସିଛନ୍ତି। ଦେଶର ବୈଷୟିକ ରାଜଧାନୀ ଭାବେ ପରିଚିତ ବେଙ୍ଗାଲୁରୁ ୬,୮୪୨ ସ୍କୋର ସହ ଦେଶର ପଞ୍ଚମ ଅପରିଷ୍କାର ସହର ଭାବେ ପରିଗଣିତ ହୋଇଛି। ଅନିୟନ୍ତ୍ରିତ ସମ୍ପ୍ରସାରଣ ଏବଂ ଅସଙ୍ଗଠିତ ବର୍ଜ୍ୟବସ୍ତୁ ପରିଚାଳନା ହେତୁ ସହରର ଏହି ଦୁର୍ବଳ ପ୍ରଦର୍ଶନ ବୋଲି ରିପୋର୍ଟରେ କୁହାଯାଇଛି।

# ଭାରତକୁ ଆବଶ୍ୟକ ବିଶ୍ୱସ୍ତରୀୟ ବ୍ୟାଙ୍କ: ଅର୍ଥମନ୍ତ୍ରୀ



**ନୂଆଦିଲ୍ଲୀ :** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର କହିଛନ୍ତି ଯେ ଦେଶକୁ ବଡ଼ ଏବଂ ବିଶ୍ୱସ୍ତରୀୟ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି ଏବଂ ଏ ନେଇ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସହ ଆଲୋଚନା ଜାରି ରହିଛି। ୧୨ତମ ଆରବିଆଇ ବ୍ୟାଙ୍କିଙ୍ଗ୍ ଏବଂ ଅର୍ଥନୀତି ସମ୍ମିଳନୀ ୨୦୨୫କୁ ସମ୍ବୋଧିତ କରି ସେ ବ୍ୟାଙ୍କଗୁଡ଼ିକୁ ଶିଳ୍ପ କ୍ଷେତ୍ରକୁ ଅଧିକ ଋଣ ପ୍ରବାହ କରିବାକୁ ଆହ୍ୱାନ କରିଛନ୍ତି। ଅର୍ଥମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତକୁ ଅନେକ ବଡ଼ ଓ ବିଶ୍ୱସ୍ତରୀୟ ବ୍ୟାଙ୍କ ଆବଶ୍ୟକ। ସରକାର ଏ ଦିଗରେ ଦେଖୁଛନ୍ତି ଏବଂ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏ ନେଇ ଆରବିଆଇ ଓ ବ୍ୟାଙ୍କମାନଙ୍କ ସହ ଆଲୋଚନା ଚାଲିଛି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଂସ୍କାରକୁ ଆଗେଇ ନେଇ ସରକାର ଆଇଡିବିଆଇ ବ୍ୟାଙ୍କରୁ ସେମାନଙ୍କ ଅଂଶଧନ ବିକ୍ରି କରିବାକୁ ଯୋଜନା କରିଛନ୍ତି। ନିକଟରେ (ଅଗଷ୍ଟ ୨୦୨୫ରେ) ସେବି ଏହି ବ୍ୟାଙ୍କରେ ଏଲଆଇସିକୁ ପ୍ରମୋଟରରୁ ପବ୍ଲିକ୍ ଅଂଶୀଦାର ଭାବରେ ପୁନଃବର୍ଗୀକରଣ କରିବାକୁ ଅନୁମୋଦନ କରିଛି। ଏହା ପୂର୍ବରୁ ସରକାର ୨୦୧୭ରେ ଥିବା ୨୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟାକୁ କମାଇ ୧୨ରେ ସୀମିତ କରିବାକୁ ବୃହତ୍ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ମିଶ୍ରଣ ଅଭିଯାନରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ସିଣ୍ଡିକେଟ୍ ବ୍ୟାଙ୍କ, ଆହ୍ଲାବାଦ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେସନ୍ ବ୍ୟାଙ୍କ ସମେତ ଅନେକ ବ୍ୟାଙ୍କକୁ ଅନ୍ୟ ବଡ଼ ବ୍ୟାଙ୍କ ସହ ମିଶାଯାଇଛି।

# ପୁରୁଷ ଦ୍ୱିତୀୟ ବିବାହ ପୂର୍ବରୁ ପ୍ରଥମ ସ୍ତ୍ରୀଙ୍କ ସ୍ୱୀକୃତି ଜରୁରୀ: ହାଇକୋର୍ଟ



**କୋଚି :** ମୁସଲମାନ ପୁରୁଷଙ୍କ ଦ୍ୱିତୀୟ ବିବାହକୁ କେରଳ ବିବାହ ପଞ୍ଜୀକରଣ (ସାଧାରଣ) ନିୟମ, ୨୦୦୮ ଅନୁଯାୟୀ ପଞ୍ଜୀକରଣ କରିବା ପୂର୍ବରୁ, ତାଙ୍କର ପ୍ରଥମ ସ୍ତ୍ରୀଙ୍କୁ ଶୁଣିବାର ସୁଯୋଗ ଦିଆଯିବା ଜରୁରୀ ବୋଲି କେରଳ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଜଷ୍ଟିସ୍ ପି.ଭି. କୁଞ୍ଜିକୃଷ୍ଣନ୍ ଏହି ମାମଲାର ଶୁଣାଣି କରିବାବେଳେ କହିଛନ୍ତି ଯେ ଯଦିଓ ମୁସଲମାନ ବ୍ୟକ୍ତିଗତ ଆଇନ୍ କିଛି ପରିସ୍ଥିତିରେ ଜଣେ ପୁରୁଷଙ୍କୁ ଏକାଧିକ ବିବାହ କରିବାକୁ ଅନୁମତି ଦିଏ, ତଥାପି ବିବାହକୁ ଆଇନଗତ ଭାବେ ପଞ୍ଜୀକରଣ କରିବାକୁ ହେଲେ ଦେଶର ଆଇନ ପ୍ରାଥମିକତା ପାଇବ। ଧର୍ମ ସାମ୍ବିଧାନିକ ଅଧିକାର ଠାରୁ ଗୌଣ ହୋଇଯାଏ ବୋଲି କୋର୍ଟ ମନ୍ତବ୍ୟ ଦେଇଛନ୍ତି। କୋର୍ଟ ମୁସଲମାନ ପୁରୁଷ ଏବଂ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଆବେଦନକୁ ଖାରଜ କରିବାବେଳେ କହିଛନ୍ତି ଯେ, ଯଦି ପ୍ରଥମ ସ୍ତ୍ରୀ ଏହି ପଞ୍ଜୀକରଣକୁ ବିରୋଧ କରନ୍ତି ଏବଂ ଦ୍ୱିତୀୟ ବିବାହ ବୈଧ ନୁହେଁ ବୋଲି ଅଭିଯୋଗ କରନ୍ତି, ତେବେ ପଞ୍ଜୀକରଣ ଅଧିକାରୀ ଦ୍ୱିତୀୟ ବିବାହକୁ ପଞ୍ଜୀକୃତ କରିବେ ନାହିଁ। ଏପରି ପରିସ୍ଥିତିରେ, ପକ୍ଷମାନଙ୍କୁ ସେମାନଙ୍କର ଧାର୍ମିକ ଆଇନ୍ ଅନୁଯାୟୀ ଦ୍ୱିତୀୟ ବିବାହର ବୈଧତା ପ୍ରତିଷ୍ଠା କରିବା ପାଇଁ ସକ୍ଷମ କୋର୍ଟକୁ ପଠାଯିବା ଉଚିତ୍। ଜଷ୍ଟିସ୍ କୁଞ୍ଜିକୃଷ୍ଣନ୍ କହିଛନ୍ତି, ଜଣେ ମୁସଲମାନ ପ୍ରଥମ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ଦ୍ୱିତୀୟ ବିବାହ ପଞ୍ଜୀକରଣକୁ ନୀରବଦ୍ରଷ୍ଟା ହୋଇ ଦେଖିପାରିବେ ନାହିଁ। କୋର୍ଟ ୨୦୦୮ ନିୟମର ଧାରା ୧୧କୁ ଉଲ୍ଲେଖ କରି କହିଛନ୍ତି ଯେ ରେଜିଷ୍ଟ୍ରାର୍ ବିବାହର ସ୍ମାରକପତ୍ରରେ ପୂର୍ବ ବୈବାହିକ ସ୍ଥିତି ସମେତ ସମସ୍ତ ବିବରଣୀ ଯାଞ୍ଚ କରିବାକୁ ଆବଶ୍ୟକ। ଜଜ୍ ଗୁରୁତ୍ୱାରୋପ କରିଛନ୍ତି ଯେ ବ୍ୟକ୍ତିଗତ ଆଇନ୍ ଏକାଧିକ ବିବାହକୁ ଅନୁମତି ଦେଉଥିଲେ ମଧ୍ୟ, ଏହା ସହିତ ସ୍ୱାମୀ ଉଭୟ ସ୍ତ୍ରୀଙ୍କୁ ସମାନ ଭାବରେ ବ୍ୟବହାର କରିବାର ଏବଂ ସମାନ ଭରଣପୋଷଣ ଯୋଗାଇବାର କ୍ଷମତା ଭଳି ସର୍ତ୍ତ ଜଡ଼ିତ। ସମ୍ବିଧାନର ଧାରା ୧୪ ଏବଂ ୧୫ ଅନୁଯାୟୀ ସମାନତା ଅଧିକାର ମହିଳାମାନଙ୍କୁ ଏପରି ମାମଲାରେ ଏଡ଼ାଇ ଦିଆଯିବାରୁ ରକ୍ଷା କରେ ବୋଲି କୋର୍ଟ କହିଛନ୍ତି।

# 'ଭାରତର ବିକାଶ ମାର୍ଗ ଗ୍ଲୋବାଲ ସାଉଥ ପାଇଁ ଏକ ଅନୁକରଣୀୟ ବିକାଶ ମଡେଲ'



**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭ୍ୟ କତରର ଦୋହାରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ ଭାରତର ଜାତୀୟ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏହି ମଞ୍ଚରେ ଭାରତକୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗୌରବର ବିଷୟ ବୋଲି ଡକ୍ଟର ମାଣ୍ଡଭ୍ୟ କହିଛନ୍ତି। ସେ କହିଛନ୍ତି, ୩୦ ବର୍ଷ ପୂର୍ବେ, କୋପେନହେଗେନ ଘୋଷଣାପତ୍ରରେ ବିକାଶର କେନ୍ଦ୍ରରେ ଲୋକମାନଙ୍କୁ ରଖାଯାଇଥିଲା, ଯେଉଁଥିରେ ଦାରିଦ୍ର୍ୟ ଦୂରୀକରଣ, ପୂର୍ଣ୍ଣ ନିଯୁକ୍ତି ଏବଂ ସମ୍ମାନଜନକ କାର୍ଯ୍ୟ ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ଉପରେ ଧ୍ୟାନ ଦିଆଯାଇଥିଲା। ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତି ପ୍ରତି ଭାରତର ଆଭିମୁଖ୍ୟ ଏହି ଘୋଷଣାପତ୍ର ଅନୁରୂପ ରହିଆସିଛି। ଡକ୍ଟର ମାଣ୍ଡଭ୍ୟ ଆହୁରି କହିଛନ୍ତି, ଭାରତର ବିକାଶ କାହାଣୀ ବ୍ୟାପକ ପରିବର୍ତ୍ତନ ଉପରେ ଆଧାରିତ। ଗତ ୧୦ ବର୍ଷ ମଧ୍ୟରେ, ନିରନ୍ତର ସଂସ୍କାର, କଲ୍ୟାଣକାରୀ କାର୍ଯ୍ୟକ୍ରମର ସମନ୍ୱୟ ଏବଂ ଡିଜିଟାଲ ନବସୃଜନ ମାଧ୍ୟମରେ ପ୍ରାୟ ୨୫୦ ନିଯୁତ ଭାରତୀୟଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି। ଭାରତ ଅନ୍ତ୍ୟୋଦୟ ଦର୍ଶନକୁ ଆଧାର କରି ବିକାଶ ଯାତ୍ରାରେ ଆଗକୁ ବଢୁଛି। କେନ୍ଦ୍ର ମନ୍ତ୍ରୀ କହିଥିଲେ, ଆମର ପ୍ରଗତି ଏକ ଜୀବନଚକ୍ର ଆଧାରିତ ଢାଞ୍ଚାର ପରିଣାମ। ଭାରତରେ ପିଲାମାନଙ୍କୁ ସୁସ୍ଥ ମୂଳଦୁଆ, ଯୁବବର୍ଗଙ୍କୁ ଶିକ୍ଷା ଓ ଜୀବିକା ପାଇଁ ସମର୍ଥନ, ଶ୍ରମିକଙ୍କୁ ଭଲ କାମ ଏବଂ ଜଣେ ବୃଦ୍ଧାବସ୍ଥାରେ ମର୍ଯ୍ୟାଦା ଏବଂ ଆୟ ସୁରକ୍ଷା ସୁନିଶ୍ଚିତ କରାଯାଉଛି। ଡକ୍ଟର ମାଣ୍ଡଭ୍ୟ କହିଛନ୍ତି, ଦେଶରେ ଏବେ ୧୧ କୋଟି ୮୦ ଲକ୍ଷରୁ ଅଧିକ ସ୍କୁଲ ପିଲାଙ୍କୁ ପୁଷ୍ଟିକର ମଧ୍ୟାହ୍ନ ଭୋଜନ, ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଉଛି। ୪୨ କୋଟି ୫୦ ଲକ୍ଷ ଭାରତୀୟଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ନିମ୍ନ ଆୟବର୍ଗର ଲୋକମାନଙ୍କୁ ୩କୋଟି ୭୦ ଲକ୍ଷ ଆବାସ ଯୋଗାଇ ଦିଆଯାଇଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ୨୦୧୭-୧୮ ଏବଂ ୨୦୨୩-୨୪ ମଧ୍ୟରେ, ଆମର ବେକାରୀ ହାର ୬% ରୁ ୩.୨% କୁ ହ୍ରାସ ପାଇଛି ଏବଂ ମହିଳାଙ୍କ ନିଯୁକ୍ତି ହାର ପ୍ରାୟ ଦ୍ୱିଗୁଣିତ ହୋଇଛି। ଲକ୍ଷ ଲକ୍ଷ ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରାଯାଇଛି। ଋଣ ବିତରଣ ଏହି ମହିଳା ନେତୃତ୍ୱାଧୀନ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକର ଶକ୍ତିକୁ ବୃଦ୍ଧି କରିଛି। ସେ ଆହୁରି କହିଛନ୍ତି, ଭାରତର ସାମାଜିକ ସୁରକ୍ଷା କଭରେଜ୍ ୨୦୧୫ ରେ ୧୯%ରୁ ବୃଦ୍ଧି ପାଇ ୨୦୨୫ରେ ୬୪.୩% ହୋଇଛି। ଆମର ପ୍ରୟାସକୁ ସ୍ୱୀକୃତି ଦେଇ, ଅନ୍ତର୍ଜାତୀୟ ସାମାଜିକ ସୁରକ୍ଷା ସଂଘ ଚଳିତ ବର୍ଷ ଭାରତକୁ 'ସାମାଜିକ ସୁରକ୍ଷାରେ ଉତ୍କୃଷ୍ଟ ସଫଳତା ପାଇଁ ଆଇଏସଏସଏ ପୁରସ୍କାର' ପ୍ରଦାନ କରିଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଇଣ୍ଟରନେଟ୍ ମାଲିକାନା ଏବଂ ଏକକ ନାଗରିକ ପରିଚୟ ପତ୍ର ମାଧ୍ୟମରେ ଅତ୍ୟନ୍ତ ଦକ୍ଷତାପୂର୍ବକ ଶେଷ ମାଇଲରେ ସେବା ବିତରଣ ସୁନିଶ୍ଚିତ କରାଯାଉଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବା ଡିବିଟି ଏହାକୁ ଆହୁରି ସ୍ୱଚ୍ଛ କରିଛି। ଡକ୍ଟର ମାଣ୍ଡଭ୍ୟ କହିଛନ୍ତି, ମହିଳା ନେତୃତ୍ୱାଧୀନ ବିକାଶ, ପାରମ୍ପରିକ ଔଷଧ ପ୍ରଣାଳୀ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସମବାୟ କ୍ଷେତ୍ରକୁ ସମାବେଶୀ ବିକାଶର ଇଞ୍ଜିନ ରୂପେ ମାନ୍ୟତା ଦିଆଯାଇଛି। ଏହିସବୁ ବିଶ୍ୱସ୍ତରୀୟ ପ୍ରାଥମିକତା ଆଧାରରେ ଆମେ ଚଳିତ ସମ୍ମିଳନୀର ରାଜନୈତିକ ଘୋଷଣାନାମାକୁ ଗ୍ରହଣ କରିଛୁ ବୋଲି ସେ କହିଛନ୍ତି। ଭାରତ ଜାତିସଂଘର ୧୭ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରତି ସମର୍ପିତ ରହିଛି ବୋଲି ଡକ୍ଟର ମାଣ୍ଡଭ୍ୟ କହିଛନ୍ତି। ସେ କହିଛନ୍ତି, ଆମ ଦେଶର ଆର୍ଥିକ ବିକାଶ ଏବଂ ସାମାଜିକ ବିକାଶ ମାର୍ଗ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଅନୁକୂଳ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତିବଦ୍ଧତା ସହ ସମର୍ଥିତ। କେନ୍ଦ୍ର ମନ୍ତ୍ରୀ ତାଙ୍କ ଅଭିଭାଷଣରେ ପାକିସ୍ତାନ ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ପାକ୍ ରାଷ୍ଟ୍ରପତିଙ୍କ କେତେକ ସନ୍ଦର୍ଭ ଉପରେ ସେ ଦୃଢ଼ ଆପତ୍ତି ଦର୍ଶାଇଛନ୍ତି। ସେ କହିଛନ୍ତି, ଏହା ଭାରତ ବିରୁଦ୍ଧରେ ଭୁଲ ସୂଚନା ପ୍ରସାରଣ କରିବା ସହିତ ସାମାଜିକ ବିକାଶ ଉପରେ ଧ୍ୟାନ ଦେବାରୁ ବିଶ୍ୱକୁ ବିଚଳିତ କରିବା ପାଇଁ ଏକ ଅନ୍ତର୍ଜାତୀୟ ମଞ୍ଚର ଅପବ୍ୟବହାର। ସିନ୍ଧୁ ଜଳ ଚୁକ୍ତିନାମା ଉପରେ ଡକ୍ଟର ମାଣ୍ଡଭ୍ୟ କହିଛନ୍ତି, ପାକିସ୍ତାନ ନିରନ୍ତର ଶତ୍ରୁତା ଏବଂ ସୀମାପାର ଆତଙ୍କବାଦ ମାଧ୍ୟମରେ ଏହାର ଉଦ୍ଦେଶ୍ୟକୁ ଦୁର୍ବଳ କରିଛି। ଭାରତର ବୈଧ ପ୍ରକଳ୍ପଗୁଡ଼ିକୁ ବାଧା ଦେବା ପାଇଁ ପାକିସ୍ତାନ ଏହି ଚୁକ୍ତିନାମାର ବାରମ୍ବାର ଅପବ୍ୟବହାର କରିଛି। ସେ କହିଛନ୍ତି, ଭାରତୀୟ ନାଗରିକଙ୍କ ବିରୋଧରେ ସୀମାପାର ଆତଙ୍କବାଦ ଚଳାଇଥିବା ପାକିସ୍ତାନ ଜାମ୍ମୁ କାଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶ ପ୍ରସଙ୍ଗ ଭଳି ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ। ବରଂ ଏହି ଦେଶ ନିଜ ଦେଶରେ ରହିଥିବା ସମସ୍ୟାର ସମାଧାନ ଲାଗି ଆତ୍ମସମୀକ୍ଷା କରିବା ଦରକାର। କାରଣ ଏହା ସବୁବେଳେ ଅନ୍ତର୍ଜାତୀୟ ସମୁଦାୟର ହାତଟେକାକୁ ଚାହିଁ ରହିଛି। ଏହି ଦେଶ ଅନ୍ତର୍ଜାତୀୟ ମଞ୍ଚର ଅପବ୍ୟବହାର ବନ୍ଦ କରିବା ଉଚିତ୍। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବକା ସାଥ୍ ସବକା ବିକାଶ ମନ୍ତ୍ରରେ ବିଶ୍ୱାସ କରନ୍ତି। ଲୋକମାନଙ୍କୁ ନୀତିର କେନ୍ଦ୍ରରେ ରଖାଗଲେ ସାମାଜିକ ପ୍ରଗତି ସମ୍ଭବ ହୋଇଥାଏ। ଭାରତର ବିକାଶ ପଥ ଗ୍ଲୋବାଲ ସାଉଥ ପାଇଁ ଏକ ଅନୁକରଣୀୟ ବିକାଶ ମଡେଲ ପ୍ରଦାନ କରେ। ଭାରତର ବିକାଶ ପଥରେ ଅଗ୍ରସର ହେଉଥିବା ବେଳେ ନିଜର ଶ୍ରେଷ୍ଠ ପ୍ରଥାକୁ ବାଣ୍ଟିବା ଏବଂ ବିଶ୍ୱ ସହଭାଗିତାକୁ ସୁଦୃଢ଼ କରିବା ଲାଗି ପ୍ରସ୍ତୁତ ବୋଲି ସେ କହିଛନ୍ତି।

### ରାଜ୍ୟପାଳଙ୍କ ସହ ଭାବ ବିନିମୟ କଲେ ଜନଜାତି ଯୁବ ପ୍ରତିନିଧି

# ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶିକ୍ଷା ହିଁ ବଳିଷ୍ଠ ମାଧ୍ୟମ : ରାଜ୍ୟପାଳ

**ଭୁବନେଶ୍ୱର :** ଜୀବନର ଲକ୍ଷସ୍ଥଳରେ ପହଂଚିବା ପାଇଁ ଶିକ୍ଷା ହିଁ ବଳିଷ୍ଠ ମାଧ୍ୟମ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ୧୭ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ମହାରାଷ୍ଟ୍ରର ଯୁବ ପ୍ରତିନିଧିଙ୍କ ସହ ଭାବ ବିନିମୟ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏତଦ୍‌ବ୍ୟତୀତ ଜନଜାତି ଯୁବକମାନେ ସେମାନଙ୍କର ଅଧିକାର, ଦାୟିତ୍ୱ ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ବିଷୟରେ ଅବଗତ ରହିବାକୁ ଆହ୍ୱାନ ଜଣାଇଛନ୍ତି। "ମେରା ଯୁବା ଭାରତ" ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ଏବଂ ଗୃହ ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ହେଉଥିବା "୧୭ତମ ଜନଜାତି ଯୁବ ବିନିମୟ" କାର୍ଯ୍ୟକ୍ରମରେ ଏହି ଗ୍ରୁପରେ ଉପରୋକ୍ତ ୫ଟି ରାଜ୍ୟର ୨୦୦ ଯୁବ ପ୍ରତିନିଧି ସାମିଲ ହୋଇଛନ୍ତି। ଯୁବ ପ୍ରତିନିଧିମାନଙ୍କ ସହ ରାଜ୍ୟପାଳ ଭାବ ବିନିମୟ କରିବା ଅବସରରେ ସେମାନଙ୍କର ଶିକ୍ଷା, ଭବିଷ୍ୟତ ଲକ୍ଷ ସଂପର୍କରେ ପଚାରି ବୁଝିବା ସହ ଏ ଦିଗରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି ବୋଲି ରାଜ୍ୟପାଳ କହିବା ସହିତ ଏସବୁ ଯୋଜନା ବିଷୟରେ ଭଲଭାବେ ସଚେତନ ହେଲେ ସେମାନେ ଏହା ଦ୍ୱାରା ଲାଭାନ୍ୱିତ ହେବେ ବୋଲି ରାଜ୍ୟପାଳ କହିଥିଲେ। ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ଯୁବ ପ୍ରତିନିଧିମାନେ ଅବଗତ ଅଛନ୍ତି କି ନାହିଁ ରାଜ୍ୟପାଳ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସଂପର୍କରେ ଆଲୋଚନା କରି ଏହି ଯୋଜନା ଅଧିନରେ ଅତି ସ୍ୱଳ୍ପ ପ୍ରିମିୟମରେ କିପରି ପରିବାର ଉପକୃତ ହୋଇଥାଏ ତାହା ଅବତାରଣା କରି ଏ ଦିଗରେ ନିଜେ ସଚେତନ ହୋଇ



ଅନ୍ୟମାନଙ୍କୁ ସଚେତନ କରାଇବାକୁ ରାଜ୍ୟପାଳ କହିଥିଲେ। ଯେଉଁ ଯୁବକଯୁବତୀମାନେ ଚାକିରୀ ନକରି ନିଜେ ବିକଳ୍ପ ଧନ୍ଦା କରିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ମୁଦ୍ରା ଯୋଜନାରେ କିପରି ଯୁବକଯୁବତୀ ଋଣ ପାଇ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ସେ ସଂପର୍କରେ ରାଜ୍ୟପାଳ ମାର୍ଗଦର୍ଶନ କରିଥିଲେ। ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ କର୍ମ ସଂସ୍ଥାନ ସୃଷ୍ଟି କରିବା ନିମନ୍ତେ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏତଦ୍‌ବ୍ୟତୀତ ବୈଷୟିକ ଜ୍ଞାନ କୌଶଳ, ସାଇବର ଅପରାଧ ନିରାକରଣ ସଂପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସଚେତନ ହୋଇ ଅନ୍ୟମାନଙ୍କୁ ସେଚତନ କରାଇପାରିଲେ ନିଜେ ତଥା ସମାଜର ପ୍ରଭୁତ ଉନ୍ନତି ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଯୁବ ପ୍ରତିନିଧିମାନେ ମଧ୍ୟ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ରାଜ୍ୟପାଳ ସେମାନଙ୍କ ସହିତ ଭାବ ବିନିମୟ କରି ଆନନ୍ଦ ପ୍ରକାଶ କରିଥିଲେ ଏବଂ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସିଆରପିଏଫ୍ ଡିଆଇଜି ଭରତ ଭୂଷଣ ସେଠୀ, 'ମେରା ଯୁବା ଭାରତ' ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖରାଟ, ଡେପୁଟି ଡିରେକ୍ଟର ଶକ୍ତି ସ୍ୱରୂପ ସିଂହ ମଂଚାସୀନ ଥିଲେ। ଡିଷ୍ଟ୍ରିକ୍ଟ ଯୁଥ ଅଫିସର ଖୋର୍ଦ୍ଧା ନିଖିଲ୍ କୋକୁଲ୍ଲା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ବନ୍ଦେ ମାତରମ୍' ଜାତୀୟତା ଏବଂ କର୍ତ୍ତବ୍ୟର ପଥ ଦେଖାଉଛି : ଧର୍ମେନ୍ଦ୍ର

**ଭୁବନେଶ୍ୱର:** ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷର ପବିତ୍ର ଯାତ୍ରାକୁ ଏକ ଭବ୍ୟ ତଥା ଅବିସ୍ମରଣୀୟ ରୂପ ପ୍ରଦାନ କରିବା ସହିତ ବର୍ଷବ୍ୟାପୀ ସ୍ମରଣୋତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାଟନାରେ ମାନ୍ୟବର ଗୃହ ମନ୍ତ୍ରୀ ଅମିତ ଶାହା ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ହେଉଛି ଜାତୀୟ ଗର୍ବ ଏବଂ ସାଂସ୍କୃତିକ ଚେତନାର ଏକ ମୁହୂର୍ତ୍ତ, ଯାହା ପ୍ରତ୍ୟେକ ଭାରତୀୟଙ୍କ ମନରେ ଭାରତ ମାତାଙ୍କ ପ୍ରତି ଅତୁଟ ପ୍ରେମକୁ ପୁନର୍ବାର ଜାଗ୍ରତ କରୁଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଏହି କାଳଜୟୀ ରଚନା ସ୍ୱାଧୀନତା ଆନ୍ଦୋଳନ ସମୟରେ ଶକ୍ତି ଏବଂ ଏକତାର ଉତ୍ସ ପାଲଟିଥିଲା। ଆଜି ମଧ୍ୟ ଏହା ଆମକୁ ଜାତୀୟତା ଏବଂ କର୍ତ୍ତବ୍ୟର ପଥ ଦେଖାଇବାକୁ ପ୍ରେରଣା ଦେଉଛି। ମାନ୍ୟବର



ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ 'ବିକଶିତ ଭାରତ'ର ସଂକଳ୍ପ ନେଇ ଦ୍ରୁତ ଗତିରେ ଅଗ୍ରସର ହେଉଛି। 'ବନ୍ଦେ ମାତରମ୍'ର ଏହି ଭାବନା ଆମର ସାମୂହିକ ଚେତନାକୁ ଆହୁରି ମଜବୁତ କରିଛି। ଏହି ଐତିହାସିକ ଅବସର ଆମକୁ ସଂକଳ୍ପ ନେବାକୁ ଆହ୍ୱାନ କରେ ଯେ ଜାତୀୟ ସ୍ୱାର୍ଥ, ଜାତୀୟ ନୀତି ଏବଂ ଜାତୀୟ ସେବା ଆମର ପ୍ରାଥମିକତାରେ ସର୍ବୋପରି ରହିବ ଏବଂ ଆମେ ଏକ ନୂତନ ଭାରତ ନିର୍ମାଣରେ ଆମର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବୁ। ଏହି ରାଷ୍ଟ୍ର ଗୀତକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ବର୍ଷବ୍ୟାପୀ ସ୍ମରଣୋତ୍ସବ ପଦକ୍ଷେପ କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ସେହି ରାଷ୍ଟ୍ରୀୟ ଚେତନାକୁ ପୁଣି ଥରେ ମନେ ପକାଇବାର ଅବସର।

## ବିଜେଡିର ଶେଷ ଭରସା କୁନି କୁନି ପିଲା : ଗୋଲକ ମହାପାତ୍ର

**ଭୁବନେଶ୍ୱର :** ଏକ ସଶକ୍ତ ଓ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନିର୍ବାଚନ ମେରୁଦଣ୍ଡ ସଦୃଶ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ଉଚିତ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। କିନ୍ତୁ ଦୁଃଖର ବିଷୟ ବିଜୁ ଜନତା ଦଳ ୨୫ବର୍ଷ ଓଡ଼ିଶାକୁ ଶାସନ କରିଥିଲେ ମଧ୍ୟ ନିର୍ବାଚନ ସମୟରେ ଅଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପାରହେବା ପାଇଁ ଅପଚେଷ୍ଟା ଚଳାଇଛି। ନିର୍ବାଚନ ହାରିବା ଭୟରେ ଶାସକ ଦଳ ନିଜର ହିତାହିତ ଜ୍ଞାନ ହରାଇବସିଛି। ଶେଷରେ ବିଜେଡିର ଶେଷ ଭରସା କୁନି କୁନି ପିଲା ସାଜିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ନିର୍ବାଚନମଣ୍ଡଳୀ ନିର୍ବାଚନୀ ପ୍ରଚାର ଅବସରରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ବାବୁଙ୍କୁ ସ୍ୱାଗତ ଜଣାଇବା ପାଇଁ କୋମନା ବ୍ଲକର ତରାବୋଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ କୋମଳମତି ଛୋଟ ଛୋଟ



ପିଲାଙ୍କୁ ବ୍ୟବହାର କରିଥିଲେ। ଛୋଟ ଛୋଟ ପିଲାମାନେ ବିଜେଡିର ଦଳୀୟ ପତକା, ପୋଷାକ ପରିଧାନ କରି ସ୍ଲୋଗାନ ଦେଉଥିବାର ଦୃଶ୍ୟ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ଶିଶୁ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛି ବିଜେଡି। ଏହା ସଂପୂର୍ଣ୍ଣ ଭାବେ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ଯାହାର ଭିଡିଓ ଓ ଫଟୋକୁ ନେଇ ତଥ୍ୟ ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏଥିରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ପ୍ରତିନିଧିମଣ୍ଡଳ ଦାବୀ କରିଛି ବୋଲି ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢୀ, ତୃପ୍ତିମୟୀ ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କ କୃତିତ୍ୱ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ପୁରୁଣା ବଷାଣ୍ଡ ସ୍ଥିତ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁମାରୀ ଉଷା ଖରା ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ଲକ୍ଷ୍ମୀପୁର ବ୍ଲକକୁ ଗୌରବନିତ କରି ଛନ୍ତି।ଏନେଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ସହପାଠୀ ମାନେ ତାଙ୍କୁ ସୁବେଚ୍ଛା ଜଣାଇଥିବା ବେଳେ ଏହା ଆମ ଶିକ୍ଷାନୁଷ୍ଠାନ ପାଇଁ ଅତ୍ୟନ୍ତ ଗୌରବ କଥା ବୋଲି ପ୍ରଧାନ ଶିକ୍ଷୟତ୍ରୀ ସୁକାନ୍ତି ସାହୁ କହିଛନ୍ତି।

## 'ଭୋଟ ପାଇଁ ଓଡିଶାବାସୀଙ୍କୁ ବ୍ୟବହାର କରିଛି ବିଜେଡି ଓ କଂଗ୍ରେସ'

**ନୂଆପଡା :** ବିଜେଡି ୨୪ବର୍ଷ ଓ କଂଗ୍ରେସ ୫୦ ବର୍ଷ ଶାସନ କରିବି ଉଭୟ ଓଡିଶାବାସୀଙ୍କ ଭରଷା ହରାଇଛନ୍ତି। ନବୀନ ପଟ୍ଟନାୟକ ୨୪ ବର୍ଷ ଶାସନ କଲେ କିନ୍ତୁ ଓଡିଆ କହିପାରିଲେନାହିଁ। କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ରାଉଲକେଲାରେ ଅନୁଷ୍ଠିତ ଏକ ସଭାରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ, କିନ୍ତୁ ସେତେବେଳର ମୁଖ୍ୟମନ୍ତ୍ରୀ ନିଜ ମାତୃଭାଷା ଓଡିଆରେ ଠିକ୍ ରେ ଦୁଇ ଧାଡିରେ କହିପାରିଲେନାହିଁ। ଯାହା ଲେଖିକି ଆଣିଥିଲେ, ତାକୁ ବହୁ କଷ୍ଟରେ ପଢିଥିଲେ ନବୀନ ବାବୁ। ଯିଏ ଓଡିଆ କହିପାରିଲେନି କି ଶିଖିପାରିଲେନି ସେ କଣ ଓଡିଶାବାସୀଙ୍କ କଥା ବୁଝିବେ ? ଶେଷ ନିଶ୍ୱାସ ଥିବା ଯାଏ ଦିବଙ୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ପାଇଁ କାର୍ଯ୍ୟ କଲେ, କିନ୍ତୁ ନିଜ ଦଳର ସହଯୋଗୀଙ୍କ ସୁଖଃ ଦୁଃଖର ସାଥୀ ହୋଇପାରିଲେ ନାହିଁ ନବୀନ ପଟ୍ଟନାୟକ। ଏପରିକି ସ୍ୱର୍ଗତଃ ଢୋଲକିଆଙ୍କ ଶେଷ ସମୟରେ ତାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଚିନ୍ତା ମଧ୍ୟ କଲେ ନାହିଁ। ଏହା ଅତ୍ୟନ୍ତ ଦୁଃଖଦାୟକ



ବୋଲି ଛତିଶଗଡର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ କହିଛନ୍ତି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ନୂଆପଡା ବ୍ଲକ ଅନ୍ତର୍ଗତ ପଞ୍ଚମପୁରଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଶ୍ରୀ ସାଏ କହିଛନ୍ତି ଯେ, କଂଗ୍ରେସ ପରିବାରବାଦକୁ ଛାଡି ପାରିନି। ଦୀର୍ଘ ୫୦ ବର୍ଷର ନିଜ ଶାସନ ସମୟରେ କଂଗ୍ରେସ ଦଳ ଓଡିଶାକୁ ଅବହେଳା କରିବା ସହିତ ଲୁଟିଦେଇଛି। ଉଭୟ ବିଜେଡି - କଂଗ୍ରେସ ଦଳ ପାରିବାରିକ ଦଳ। କଂଗ୍ରେସ ଓ ବିଜେଡି ଦଳ କେବଳ ଭୋଟ ପାଇଁ ଓଡିଶାବାସୀଙ୍କୁ ବ୍ୟବହାର କରିଛି। ବର୍ତ୍ତମାନ ଉଭୟ ବିଜେଡି ଓ କଂଗ୍ରେସ ଦଳ ଓଡିଶାବାସୀଙ୍କ ଦ୍ୱାରା ପ୍ରତ୍ୟାକ୍ଷିତ ହୋଇସାରିଛନ୍ତି। 'ବିଜେପିର ଅନ୍ୟ ନାମ ବିକାଶ' କୁ ନୂଆପଡାବାସୀ ହୃଦବୋଧ କରିସାରିଛନ୍ତି। ଏଥର ବିପୁଳ ସଂଖ୍ୟାରେ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜେପି ପ୍ରାର୍ଥୀ ଯୁବ ଚେହେରା ଶ୍ରୀ ଜୟ ଢୋଲକିଆଙ୍କୁ ବିଜୟୀ କରିବେ ବୋଲି ଶ୍ରୀ ସାଏ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ। ଏହି ଦଳରେ ଲୋକତନ୍ତ୍ର, ନିୟତ, ନୀତି, ସିଦ୍ଧାନ୍ତ, ବିଚାରଧାର ରହିଛି। କଂଗ୍ରେସ ଦଳ ଭଳି ବିଜେପିରେ ପରିବାରବାଦ ନାହିଁ। ମୋ ଭଳି ଜଣେ ସାମାନ୍ୟ ଚାଷୀ ପରିବାରରୁ ଆସିଥିବା ସାଧାରଣ ଲୋକଟି ୩ ଥର ବିଧାୟକ, ୪ ଥର ସାଂସଦ, ୩ ଥର ରାଜ୍ୟ ସଭାପତି ଏବଂ ମୋଦି ସରକାରର ପ୍ରଥମ ପାଳିରେ କେନ୍ଦ୍ରମନ୍ତ୍ରୀ ହୋଇଛି ବୋଲି ଶ୍ରୀ ସାଏ କହିଛନ୍ତି। ଜଣେ ଗରୀବ ହିଁ ଅନ୍ୟ ଜଣେ ଗରୀବର ଦୁଃଖକୁ ବୁଝିଥାଏ। ସାମାନ୍ୟ ଓ ଗରୀବ ପରିବାରରୁ ଆସିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଶାସନକୁ ଆସିବା ପରେ "ମୋ ସରକାର ଗରୀବଙ୍କ ପାଇଁ ସମର୍ପିତ" ବୋଲି କହିଥିଲେ ଏବଂ ପ୍ରଥମ ଦିନରୁ ଗରୀବଙ୍କ କଲ୍ୟାଣ ଓ ଉଥାନ ପାଇଁ ଅନେକ କଲ୍ୟାଣକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ କରିଛନ୍ତି। ଶୌଚାଳୟ, ପକ୍କାଘର, ମାଗଣା ରାସନ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ କରିପାରିଛନ୍ତି। ଆଦିବାସୀଙ୍କୁ ସମ୍ମାନ ଦେବା ସହିତ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଆଦିବାସୀ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଛନ୍ତି। ଭାରତୀୟ ଜନତା ପାର୍ଟିରେ ଜୟ ଢୋଲକିଆ ଆସିଛନ୍ତି ଆପଣଙ୍କ ସେବା କରିବା ପାଇଁ। ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ଜୟ ଢୋଲକିଆ ନୂଆପଡା ଏବଂ ଅଞ୍ଚଳବାସୀଙ୍କ ସାମଗ୍ରିକ ବିକାଶ କରିବେ ବୋଲି ଶ୍ରୀ ସାଏ କହିଛନ୍ତି।

# ବିଶ୍ୱସ୍ତରୀୟ ପୁରୀ ରେଳ ଷ୍ଟେସନ ପୁନଃନିର୍ମାଣ ବିଳମ୍ବ

**ପୁରୀ :** କେବେ ସରିବ ପୁରୀ ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ? ରେଳ ଯାତ୍ରୀଙ୍କୁ ମିଳିବ ବିଶ୍ୱସ୍ତରୀୟ ସୁବିଧା। ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳଯାତ୍ରୀ ମୌଳିକ ସୁବିଧା ନପାଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମୀକ୍ଷା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇପାରିନାହିଁ। ନିର୍ଦ୍ଧାରିତ ସମୟରେ ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ଶେଷ କରିବାରେ ଠିକାଦାର ସଂସ୍ଥା ବିଫଳ ହୋଇଛି। ଏହାସତ୍ତ୍ୱେ ଠିକାଦାରଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କେବେ କାର୍ଯ୍ୟକ୍ଷମ ହେବ ପୁରୀରେ ବିଶ୍ୱସ୍ତରୀୟ



ରେଳ ଷ୍ଟେସନ ସେଥିନେଇ ଅନିଶ୍ଚିତତା ଦେଖାଦେଇଛି। ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଅମୃତ ଭାରତ ଯୋଜନାରେ ୧୬୧.୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପରେ ଏହି ବ୍ୟୟ ଅଟକଳ ୧୭୭ କୋଟି ୪୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩ ମେ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୁଇବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରାଯାଇଥିଲା। ଏହି ଯୋଜନାରେ ପୁରୀ ରେଳ ଷ୍ଟେସନକୁ ଶୀତତାପ ନିୟନ୍ତ୍ରିତ କରିବା ସହ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ଚାରିତାଲା ବିଶିଷ୍ଟ କୋଠା ନିର୍ମାଣ କରାଯାଉଛି। ସେଥିରେ ଅତ୍ୟାଧୁନିକ ଓ ଆରାମଦାୟକ ବିଶ୍ରାମ ଗୃହ, ଯାତ୍ରୀ ପ୍ରତୀକ୍ଷାଳୟ, ଫୁଡ୍ କୋର୍ଟ, ଟିକଟ ବିକ୍ରୟ କେନ୍ଦ୍ର, ଜିନିଷ ରଖିବା ଘର, ବ୍ୟବସାୟିକ ଅଞ୍ଚଳ, ଉନ୍ନତ ପ୍ଲାଟଫର୍ମ, କର୍ମଚାରୀ ବିଶ୍ରାମ ଗୃହ, ଉନ୍ନତ ଗାଡ଼ି ପାର୍କିଂ, ଲିଫ୍ଟ, ସୁଦୃଶ୍ୟ ତୋରଣ ଆଦି ନିର୍ମାଣ କରାଯାଉଛି। ଏହାଛଡ଼ା ଏକ ଷ୍ଟେସନ – ଏକ ଉତ୍ପାଦ ବିକ୍ରୟ କେନ୍ଦ୍ର ନିର୍ମାଣ ହେଉଛି। ଏହା କାର୍ଯ୍ୟକ୍ଷମ ହେଲେ ପୁରୀବାସୀଙ୍କ ବହୁ ବର୍ଷର ଦାବି ଓ ସ୍ୱପ୍ନ ସାକାର ହେବ। ରେଳ ଷ୍ଟେସନ ପୁନଃନିର୍ମାଣ ପାଇଁ ପୁରୁଣା କୋଠା ଭାଙ୍ଗି ଦିଆଯାଉଛି। ଷ୍ଟେସନ ପରିସରରେ ଅସ୍ଥାୟୀ ଟିକଟ ବିକ୍ରି ଗୃହ, ଜିନିଷ ରଖିବା ଘର, ରେଳବାଇ ପୁଲିସ ଥାନା ପ୍ରସ୍ତୁତ କରାଯାଇଛି। ରେଳଯାତ୍ରୀ ଟିକଟ ବିକ୍ରୟ କେନ୍ଦ୍ର ସମ୍ମୁଖ ଚଟାଣରେ ବିଶ୍ରାମ କରୁଛନ୍ତି। ଶୌଚାଳୟ ଓ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ଠିକାଦାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିର୍ମାଣ ଅବଧି ବାରମ୍ବାର ବୃଦ୍ଧି କରାଯାଉଛି। ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନ ନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି ହୋଇଛି। ରେଳ ଷ୍ଟେସନ ନିର୍ମାଣ ବିଳମ୍ବ ନେଇ କେତେକ ବ୍ୟକ୍ତି ଏକ୍ସ ଯୋଗେ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଖୋର୍ଦ୍ଧା ରେଳ ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରେଳ ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ଉଦାହରଣ ସୃଷ୍ଟି କଲେ ଜୁଆଙ୍ଗ ଆଦିବାସୀ ପୁରୁଷଙ୍କ ତୁଳନାରେ ମହିଳା ଅଧିକ



**ଭୁବନେଶ୍ୱର :** ଓଡ଼ିଶାର ସାମଗ୍ରିକ ଲିଙ୍ଗ ଅନୁପାତ ପୁରୁଷଙ୍କ ସପକ୍ଷରେ ଥିବାବେଳେ, କେନ୍ଦୁଝର ଜିଲାର ଜୁଆଙ୍ଗ୍ ଆଦିବାସୀ ସମ୍ପ୍ରଦାୟ ଏକ ଭିନ୍ନ ଚିତ୍ର ପ୍ରସ୍ତୁତ କରିଛି। ତଥ୍ୟ ଅନୁଯାୟୀ, ଏହି ଆଦିବାସୀ ଗୋଷ୍ଠୀରେ ମହିଳାମାନେ ପୁରୁଷଙ୍କ ସଂଖ୍ୟାକୁ ଟପି ଯାଇଛନ୍ତି, ଯାହା ରାଜ୍ୟ ତଥା ଜାତୀୟ ସ୍ତରରେ ଏକ ବିରଳ ଜନସାଂଖ୍ୟିକ ବିଶେଷତା। କେନ୍ଦୁଝର ଜିଲାର ମୋଟ ଜନସଂଖ୍ୟା ୧୮,୦୧,୭୩୩ (୯,୦୬,୪୮୭ ପୁରୁଷ ଏବଂ ୮,୯୫,୨୪୬ ମହିଳା) ଥିବାବେଳେ ଜିଲା ସ୍ତରରେ ମହିଳା ସଂଖ୍ୟା କମ୍ ରହିଛି। ସେହିପରି, ସମଗ୍ର ଓଡ଼ିଶାରେ ପ୍ରତି ୧୦୦୦ ପୁରୁଷରେ ୯୭୯ ମହିଳା ଅଛନ୍ତି। ତେବେ, କେନ୍ଦୁଝରର ୫୪ ଖଣ୍ଡ ଗ୍ରାମରେ ବ୍ୟାପିଥିବା ଜୁଆଙ୍ଗ୍ ଜନସଂଖ୍ୟା ୧୨,୩୮୮, ଯେଉଁଥିରେ ୬,୧୩୫ ପୁରୁଷ ଏବଂ ୬,୨୫୩ ମହିଳା ଅଛନ୍ତି। ଏଠାରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ। କୋଡିପାଶା ଗ୍ରାମରେ ୧୮୮ ଜଣ ଜୁଆଙ୍ଗ୍ ଜନସଂଖ୍ୟା ମଧ୍ୟରେ ୮୯ ପୁରୁଷ ଓ ୯୯ ମହିଳା ଅଛନ୍ତି। ଉପରଚାମ୍ପେଇ ଗ୍ରାମରେ ୧୪୮ ପୁରୁଷ ଏବଂ ୧୬୪ ମହିଳା ଅଛନ୍ତି। କାଞ୍ଜିପାଣି ପାହାଡ଼ ଉପରେ ଥିବା ପ୍ରସିଦ୍ଧ ପାଣିସାନ୍ଧ୍ୱା ଗ୍ରାମରେ ମଧ୍ୟ ଏହି ଧାରା ଦେଖିବାକୁ ମିଳେ। ଏହାର ୭୩୩ ଜଣ ଜୁଆଙ୍ଗ୍ ଜନସଂଖ୍ୟା ମଧ୍ୟରେ ୩୫୮ ପୁରୁଷ ଏବଂ ୩୭୫ ମହିଳା ଅଛନ୍ତି। ଭାରତର ଅନେକ ଅଞ୍ଚଳରେ ହ୍ରାସ ପାଉଥିବା କନ୍ୟା ଜନ୍ମ ହାର ଚିନ୍ତାର ବିଷୟ ପାଲଟିଥିବାବେଳେ, କେନ୍ଦୁଝରର ଜୁଆଙ୍ଗ୍ ଆଦିବାସୀ ସମ୍ପ୍ରଦାୟ ଏକ ସ୍ୱାସ୍ଥ୍ୟକର ଲିଙ୍ଗ ଅନୁପାତ ବଜାୟ ରଖିବାରେ ଏକ ଉଦାହରଣ ସୃଷ୍ଟି କରିଛି।

## ଓଡ଼ିଆ ଝିଅ ହେଲେ ଝାଡଖଣ୍ଡ ପୋଲିସ ଡିଜି

**ଭୁବନେଶ୍ୱର :** ଓଡ଼ିଆ ଝିଅ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ତଦାଶା ମିଶ୍ରଙ୍କୁ ଝାଡ଼ଖଣ୍ଡର ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ପୁଲିସ ଡିଜି ପଦରେ ନିଯୁକ୍ତ ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା ଅଧିକାରୀ। ଡିଜି ପଦରୁ ଅନୁରାଗ ଗୁପ୍ତା ଇସ୍ତଫା ଦେବାପରେ ତାଙ୍କ ସ୍ଥାନରେ ଶ୍ରୀମତୀ ମିଶ୍ରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ୧୯୯୪ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ତଦାଶା ମିଶ୍ର ଅସ୍ଥାୟୀ ରୂପେ ଏହି ଦାୟିତ୍ୱ ତୁଲାଇବେ। ଏବେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ତଦାଶା ଆସନ୍ତା ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବେ। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ନେବା ପୂର୍ବରୁ ସେ ରେଳବାଇର ଅତିରିକ୍ତ ମହାନିର୍ଦ୍ଦେଶକ ଥିଲେ। ଏହାସହିତ ରାଜ୍ୟ ପୁଲିସ ବିଭାଗରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ରହିଥିଲେ। ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ତଦାଶା ମିଶ୍ର ୧୯୯୪ରେ ଆଇପିଏସ୍ ବିହାର କ୍ୟାଡର୍ରେ ଯୋଗ ଦେଇଥିଲେ। ତେବେ ୨୦୦୦ରେ ବିହାର ବିଭାଜନ ପରେ ତାଙ୍କୁ ଝାଡ଼ଖଣ୍ଡ କ୍ୟାଡର ମିଳିଥିଲା।

## ଧାନ ଏମ୍ଏସ୍‌ପି କ୍ୱଇଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟର କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ପହିଲାରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖରିଫ୍ ଋତୁ ଲାଗି କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବାବଦକୁ ଅତିରିକ୍ତ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ଏମ୍ଏସ୍‌ପି ଅନୁଯାୟୀ, ଏଣିକି ଚାଷୀଙ୍କୁ କୁଇଣ୍ଟାଲ ପିଛା ୨୩୦୦ ବଦଳରେ ୨୩୬୯ ଟଙ୍କା ସାଧାରଣ ଧାନ ବାବଦକୁ ମିଳିବ। ଏହାବାଦ୍ ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି ମିଶିବା ପରେ ଧାନ କୁଇଣ୍ଟାଲ ପିଛା ୩୧୦୦ ବଦଳରେ ୩୧୬୯ ଟଙ୍କା ହେବ। ଏନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନଭେମ୍ବର ପହିଲାରେ ବିଜ୍ଞପ୍ତିନାମା ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଦର୍ଶାଇଛନ୍ତି, ସାଧାରଣ ଧାନ କୁଇଣ୍ଟାଲ ପିଛା ଖରିଫ୍ ଲାଗି ୨,୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ୨୩୮୯ ଟଙ୍କା ରହିଛି। ତେବେ ଏଥିରେ ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ମିଶିବା ପରେ ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ଚାଷୀ ୩୧୮୯ ଟଙ୍କା ପାଇବେ।

କାହା କଥାରେ ଯଦି କୌଣସି ଭୁଲ୍
କିମ୍ବା ଠିକ୍ ହୋଇଯାଉଥାନ୍ତା,
ତେବେ ଦୁନିଆ ସ୍ୱର୍ଗ ପାଲଟି
ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ ନଭେମ୍ବର - ୧୬ ନଭେମ୍ବର, ୨୦୨୫

# ମାଗଣାଖିଆ ଓ ମାଗିଖିଆ

ଆଜିକାଲି ସମୟରେ ରାଜନୀତିରେ କିଛି ନୀତି ବା ନୈତିକତା ଥିବା ପରି ମନେହୁଏନି। କାରଣ ସୁବିଧାବାଦୀ ରାଜନୀତି ଓ ଏହାର ଫାଇଦା ନେତାଙ୍କୁ ପଥ ହୁଡ଼ିଥିବା ପଥିକ ପରି କେଉଁ ଆଡ଼େ କେତେବେଳେ ନେଇଯିବ ଏହାର ପୂର୍ବ ଆକଳନ ସମ୍ଭବ ନୁହେଁ। ବର୍ତ୍ତମାନ ବିଜେଡି ଛାଡି ବିଜେପିରେ କି ବିଜେପି ଛାଡି ବିଜେଡିରେ ଯୋଗଦେବା ଏକ ରକମ ପ୍ରତିଯୋଗିତା ଚାଲିଛି। ଏହି କ୍ରମରେ ବିଜେଡିର ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ହୁଅନ୍ତୁ କି ରାଜ୍ୟସଭା ସାଂସଦ ଥିବା ଅମର ପଟ୍ଟନାୟକ ହୁଅନ୍ତୁ ସମସ୍ତେ ସ୍ୱାର୍ଥ ପାଇଁ ପାଗଳ ହୋଇଯାଇଛନ୍ତି। ଆଜି ବୟସର ଅପରାହ୍ନରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ବୟସାଧିକ କାରଣ ହେତୁ ଠିକରେ ଚାଲିବୁଲି ପାରୁନଥିଲା ବେଳେ ବିଜେଡି ଭୋଟ ପାଇଁ ତାଙ୍କୁ କିଭଳି ବ୍ୟବହାର କରୁଛି ତାହା ନୂଆପଡା କୋମନାରେ ହୋଇଥିବା ସଭାରେ ଦେଖିବାକୁ ମିଳିଲା। ନବୀନ ବାବୁ ଠିକରେ ଚାଲି ବୁଲି ପାରୁନଥିବା ବେଳେ କଣ ପାଇଁ ତାଙ୍କୁ ଏଭଳି ହଇରାଣ କରାଯାଉଛି ଭାବିଲେ ଦୁଃଖ ଲାଗିବ। କାରଣ ଯେଉଁ ନେତାଙ୍କ ପଦିଏ କଥା ଟିକେ ହାତହଲା ଦେଖିବାକୁ ଲୋକ ପାଗଳ ହେଉଥିଲେ। ଯେଉଁଥିପାଇଁ ଓଡିଶାବାସୀ ନବୀନଙ୍କୁ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ କରିଥିଲେ। ସେ କେବେ ବିରୋଧୀଙ୍କୁ ଖରାପ ଭାଷାରେ ସମ୍ବୋଧନ କରୁନଥିଲେ। ବରଂ ଓଡ଼ିଶାବାସୀ ତାଙ୍କୁ ଏତେ ଭଲ ପାଉଥିଲେ ଯେ ବାରମ୍ବାର ଭୋଟ ଦେଇ ଜିତାଇ ଆଣୁଥିଲେ। ଗତ ସାଧାରଣ ନିର୍ବାଚନରେ କାଁ ଭାଁ ପ୍ରଚାର କରିଥିଲା ବେଳେ ବର୍ତ୍ତମାନ ନୂଆପଡା ଉପନିର୍ବାଚନ ପରିପ୍ରେକ୍ଷିରେ ତାଙ୍କୁ ସଭାକୁ ନେବା ଆଦୌ ସମିଚୀନ ମନେ ହୁଏନାହିଁ। ଯେଉଁ ଦଳ ହଜାର ହଜାର ନେତା ସୃଷ୍ଟି କରିଥିଲା ସେହି ଦଳରେ ନବୀନଙ୍କ ପରେ ଜଣେ କଣ କେହି ନେତା ନାହାନ୍ତି ବୋଲି ସମସ୍ତେ କହୁଛନ୍ତି। ବୟସ ବଢିଲେ ବିଶ୍ରାମ ଓ ସେବା ଦୁଇଟି ଜିନିଷର ଆବଶ୍ୟକତା ଥିଲା ବେଳେ ଅସୁସ୍ଥ ନବୀନଙ୍କୁ କୌଣସି ରାଜନୈତିକ ସଭାକୁ ନେବା ଦଳ ପାଇଁ ଲାଭବାନ ହୋଇପାରେ ମାତ୍ର ଏହା ମାନବିକତା ବିରୋଧୀ। ନବୀନ ସୁସ୍ଥ ଥାଇ ବୁଲିବା ଏବଂ ବର୍ତ୍ତମାନ ଭଳି ସମୟରେ ବୁଲିବା ମଧ୍ୟରେ ଢେର ପାର୍ଥକ୍ୟ ରହିଛି। ବିଜେଡି ଏଥର ନବୀନଙ୍କ ମୁହଁରେ ଗୋଟେ ଛୋଟ କଥା କୁହାଇ ତାଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଦେଇଛି। କାରଣ ନବୀନ କାହାକୁ କେବେ ବେଇମାନ କହୁନଥିଲେ କି ରୁକ୍ଷ ଗଳାରେ କେବେ କିଛି କହୁନଥିଲେ। କିନ୍ତୁ ନୂଆପଡା ସଭାରେ ଏହା ଦେଖିବାକୁ ମିଳିଲା ଏବଂ ଏହାର ଜବାବ ରଖିଲେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପରିବାର। ସେମାନେ ନବୀନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଦେଇ ନିଜର ମତ ରଖିଲେ। ହେଲେ ଏବେ ପ୍ରଶ୍ନ ଉଠୁଛି କିଏ ନବୀନ କହିଥିବା ଶବ୍ଦ ଓ ଭାଷଣର ସ୍କ୍ରିପ୍ଟ ଲେଖକ? ଯାହାଙ୍କ ପାଇଁ ନବୀନ ଗୋଟେ କଳଙ୍କ ମୁଣ୍ଡାଇବାକୁ ବାଧ ହେଲେ। ଶ୍ରୀମୟୀ ମିଶ୍ର ଏବେ ଖୋଲାଖୋଲି କହିଲେଣି ଯେ ବିଜେଡିର ବିପର୍ଯ୍ୟୟ ପାଇଁ ପାଣ୍ଡିଆନ ଦମ୍ପତ୍ତି ଦାୟୀ। ତେବେ ବିଜେଡିର ଅନ୍ୟ ତୁଙ୍ଗ ନେତା କରୁଛନ୍ତି କଣ? ଏତିକିରେ କଥା ସୀମିତ ନୁହେଁ। କାରଣ ନବୀନ ମୁଖ୍ୟମନ୍ତ୍ରୀ ହେବା ପରେ ଯେହେତୁ ସେ ରାଜନୀତିର ଧାର ଧରିନଥିଲେ, ଓଡିଶା ବା ଓଡ଼ିଆ ନେତାଙ୍କୁ ଜାଣିନଥିଲେ ତେଣୁ ସେ ଅଫିସରଙ୍କ ଜରିଆରେ ଚୌକି ମାଡି ବସିବା ଆରମ୍ଭ କଲେ। ଫଳ କଣ ହେଲା ନା ନବୀନ ନେତା ନା ଦଳ ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଲା। ପର କାନ୍ଧରେ ବନ୍ଧୁକ ଥୋଇ ଶିକାର ନିଜର ଭାବିଥିବା ଜଣେ ନେତାଙ୍କୁ ଓଡ଼ିଆ ଲୋକ ଗ୍ରହଣ କରିଗଲେ। ଅଣ ଓଡ଼ିଆ ଅଧିକାରୀ ଭାବିନେଲେ ଯେ ଓଡ଼ିଆ ଭୋଟର ମାଗଣାଖିଆ ଓ ମାଗିଖିଆ। ତଦନୁସାରେ ଗେମ ପ୍ଲାନ କାମ କଲା।

ସମ୍ବାଦକାନ୍ତି

ତାରକ ମହାନ୍ତି

# ମୁଁ ହିଁ କୃଷ୍ଣ..ମୁଁ ହିଁ କଂସ



ମନୋଜ କୁମାର ବେହେରା

ଜଣେ ଚିତ୍ରକାର ଥିଲେ,ଯିଏ ଅଦ୍ଭୁତ ଚିତ୍ର ତିଆରି କରୁଥିଲେ। ଲୋକେ ତାଙ୍କର ଚିତ୍ରକାରୀରର ବହୁତ ପ୍ରଶଂସା କରୁଥିଲେ। ଦିନେ କୃଷ୍ଣ ମନ୍ଦିରର ଭକ୍ତମାନେ ତାଙ୍କୁ କୃଷ୍ଣ ଆଉ କଂସଙ୍କର ଗୋଟିଏ ଚିତ୍ର ତିଆରି କରିବା ପାଇଁ ଇଛା ପ୍ରକଟ କଲେ। ଚିତ୍ରକର ମଧ୍ୟ ଏଥିପାଇଁ ପ୍ରସ୍ତୁତ ହୋଇଗଲେ। କାହିଁକିନା ଏହା ଭଗବାନଙ୍କର କାମ ଥିଲା। କିନ୍ତୁ ସେ ଚିତ୍ର କରିବା ପାଇଁ କିଛି ସର୍ତ୍ତ ରଖିଲେ। ସେ କହିଲେ ମୋତେ ଯୋଗ୍ୟ ପାତ୍ର ଦରକାର,ଯଦି ତାହା ମିଳିଯିବ ତା'ହେଲେ ମୁଁ ଆରାମରେ ଚିତ୍ର ବନେଇ ଦେବି। କୃଷ୍ଣଙ୍କ ଚିତ୍ର ପାଇଁ ଗୋଟିଏ ଯୋଗ୍ୟ ଚଞ୍ଚଳ ବାଳକ ଆଉ କଂସ ପାଇଁ ଜଣେ କ୍ରୁର ବ୍ୟକ୍ତିଙ୍କୁ ଆଣି ଦେଲେ ଯାଇ ମୁଁ ମୁଁ ଚିତ୍ର ବନେଇବି। କୃଷ୍ଣ ମନ୍ଦିରର ଭକ୍ତମାନେ ଗୋଟିଏ ବାଳକକୁ ନେଇ କରି ଆସିଲେ,ବାଳକ ବହୁତ ସୁନ୍ଦର ଦେଖା ଯାଉଥିଲା। ଚିତ୍ରକର ତାକୁ ଦେଖି ପସନ୍ଦ କଲେ, ଆଉ ସେହି ବାଳକକୁ ସାମନାରେ ରଖି ବାଳ କୃଷ୍ଣଙ୍କର ଗୋଟିଏ ସୁନ୍ଦର ଚିତ୍ର ବନଇଲେ। ଏବେ ପାଳି କଂସର ଥିଲା କିନ୍ତୁ କ୍ରୁର ବାଲା ବ୍ୟକ୍ତିଙ୍କୁ ଖୋଜିବା ଭାରି କଷ୍ଟ ଥିଲା। ଯେଉଁ ବ୍ୟକ୍ତିଙ୍କୁ କୃଷ୍ଣ ମନ୍ଦିର ବାଲାଙ୍କୁ ପସନ୍ଦ ଆସୁଥିଲା ତାହା ସେହି ଚିତ୍ରକରଙ୍କୁ ପସନ୍ଦ ଆସୁ ନଥିଲା। ତାଙ୍କୁ ସେହି ଭାବ ମିଳୁ ନଥିଲା। ସମୟ ବିତି ଚାଲିଲା। ଶେଷରେ ଥକି କରି ବହୁ ବର୍ଷ ପରେ ଏବେ ଚିତ୍ରକରଙ୍କୁ ଜେଲ୍‌କୁ ନେଇକରି ଗଲେ, ଯେଉଁଠି ଆଜୀବନ କାରାଦଣ୍ଡରେ ଅପରାଧୀ ଦଣ୍ଡ ଭୋଗୁଥିଲେ। ସେହି ଅପରାଧୀ ମାନଙ୍କ ଭିତରୁ ଜଣଙ୍କୁ ଚିତ୍ରକର ପସନ୍ଦ କଲେ ଆଉ ତାକୁ ସାମନାରେ ରଖି ସେ କଂସର ଚିତ୍ର ବନେଇଲେ। କୃଷ୍ଣ ଏବଂ କଂସର ସେହି ଚିତ୍ର ଆଜି ବହୁ ବର୍ଷ ପରେ ପୂର୍ଣ୍ଣ ହେଲା। କୃଷ୍ଣ ମନ୍ଦିରର ଭକ୍ତମାନେ ସେହି ଚିତ୍ରକୁ ଦେଖିକରି ମୁଗ୍ଧ ହୋଇଗଲେ। ସେହି ଅପରାଧୀ ମଧ୍ୟ ସେହି ଚିତ୍ରକୁ ଦେଖିବା ପାଇଁ ଇଛା ବ୍ୟକ୍ତ କଲେ। ସେହି ଅପରାଧୀ ଯେତେବେଳେ ସେହି ଚିତ୍ରକୁ ଦେଖିଲେ ଆଉ ସେ ଜୋର୍‌ରେ କାନ୍ଦିବାକୁ ଲାଗିଲେ। ସମସ୍ତେ ଏହା ଦେଖି ଆଚମ୍ବିତ ହୋଇଗଲେ। ଚିତ୍ରକର ତାଙ୍କୁ ଏହାର କାରଣ ବଡ ଶ୍ରଦ୍ଧାର ସହିତ ପଚାରିଲେ। ଏବେ ସେହି ଅପରାଧୀ କହିଲା, ବୋଧେ ଆପଣ ମୋତେ ଚିହ୍ନି ପାରିଲେ ନାହିଁ, ମୁଁ ସେହି ଛୁଆ ଅଟେ ଯାହାକୁ ଆପଣ ପ୍ରଥମେ କୃଷ୍ଣର ଚିତ୍ର ପାଇଁ ପସନ୍ଦ କରିଥିଲେ। ମୋର କୁକର୍ମ ଆଜି ମୋତେ କଂସ ବନେଇ ଦେଲା,ଏହି ଚିତ୍ରରେ ମୁଁ ହିଁ କୃଷ୍ଣ..ମୁଁ ହିଁ କଂସ ଅଟେ। ଆମର କର୍ମ ହିଁ ଆମକୁ ଭଲ ଆଉ ଖରାପ ମନୁଷ୍ୟ ବନେଇ ଥାଏ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାତୀୟ ଏକତା ପ୍ରସଙ୍ଗରେ ଦୃଷ୍ଟିକୋଣ !



ଅସିତ ମହାନ୍ତି

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜାତୀୟ ଏକତାର ଦୃଷ୍ଟିକୋଣ ସମନ୍ୱୟ, ସମାନତା ଏବଂ ସାମୂହିକ ଶକ୍ତିରେ ମୂଳ ଥିଲା - କିନ୍ତୁ ଆଜିର ଭାରତ, ଆନୁଷ୍ଠାନିକ ଶ୍ରଦ୍ଧାଞ୍ଜଳି ସତ୍ତ୍ୱେ, ପ୍ରାୟତଃ ଏହି ଆଦର୍ଶରୁ ଦୂରେଇ ଯାଏ।

ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେବଳ ସ୍ୱାଧୀନତା ପରବର୍ତ୍ତୀ ଭାରତର ଜଣେ ରାଜନୈତିକ ସ୍ଥପତି ନଥିଲେ - ସେ ଏକତାର ଏକ ନୈତିକ ଦିଗଦର୍ଶକ ଥିଲେ। ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ରାଷ୍ଟ୍ରୀୟ ଏକତା ଦିବସ (ଜାତୀୟ ଏକତା ଦିବସ) ଭାବରେ ପାଳନ କରାଯାଉଥିବା ତାଙ୍କର ଐତିହ୍ୟ, ୫୬୦ ରୁ ଅଧିକ ରାଜ୍ୟ ରାଜ୍ୟକୁ ଭାରତୀୟ ସଂଘରେ ଏକୀକୃତ କରିବାର ତାଙ୍କର ସ୍ମାରକୀ ସଫଳତାରେ ସ୍ଥାପିତ। କିନ୍ତୁ ପଟେଲଙ୍କ ଦୃଷ୍ଟିକୋଣ କ୍ଷେତ୍ରୀୟ ଏକୀକରଣଠାରୁ ବହୁ ଦୂରରେ ବିସ୍ତାରିତ ଥିଲା। ସେ ଜାତି, ଧର୍ମ, ଶ୍ରେଣୀ ଏବଂ କ୍ଷେତ୍ରକୁ ଅତିକ୍ରମ କରି ଏକ ଏକତାରେ ବିଶ୍ୱାସ କରୁଥିଲେ - ପାରସ୍ପରିକ ସମ୍ମାନ, ସମାନ ଉଦ୍ଦେଶ୍ୟ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ମାଧ୍ୟମରେ ଗଠିତ ଏକତା। ତାଙ୍କ କଥା ଆଜି ମଧ୍ୟ ପ୍ରତିଧ୍ୱନିତ ହୁଏ: 'ଆମକୁ ଉଚ୍ଚ ଏବଂ ନୀଚ, ଧନୀ ଏବଂ ଗରିବ, ଜାତି କିମ୍ବା ଧର୍ମର ପାର୍ଥକ୍ୟକୁ ଦୂର କରିବାକୁ ପଡିବ। ଆମକୁ ପାରସ୍ପରିକ ବିବାଦକୁ ତ୍ୟାଗ କରିବାକୁ ପଡିବ ଏବଂ ସମାନତାର ଭାବନା ବିକଶିତ କରିବାକୁ ପଡିବ।' ତଥାପି, ଯେତେବେଳେ ଭାରତ ୨୦୨୫ ରେ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ପରେଡ୍, ଭାଷଣ ଏବଂ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ସହିତ ପାଳନ କରୁଛି, ଏକ ଚିନ୍ତାଜନକ ବିଡ଼ମ୍ବନା ପ୍ରକାଶ ପାଇଛି। ପଟେଲ ଯେଉଁ ନୀତିଗୁଡ଼ିକ ପାଇଁ ଠିଆ ହୋଇଥିଲେ - ସାମାଜିକ ସଂହତି, ସଂଘୀୟ ଅଖଣ୍ଡତା ଏବଂ ଅନ୍ତର୍ଭୁକ୍ତିମୂଳକ ଶାସନ - ବିଭାଜନକାରୀ ରାଜନୀତି, ସାଂସ୍କୃତିକ ଧ୍ରୁବୀକରଣ ଏବଂ ସାଂଗଠନିକ କ୍ଷୟ ଦ୍ୱାରା କ୍ରମାଗତ ଭାବରେ ଦୁର୍ବଳ ହେଉଛି। ଏହି ଆନୁଷ୍ଠାନିକ ଶ୍ରଦ୍ଧାଞ୍ଜଳି ପ୍ରାୟତଃ ତାଙ୍କ ଆଦର୍ଶରୁ ଗଭୀର ପ୍ରସ୍ଥାନକୁ ଲୁଚାଇ ଦିଏ।

ପଟେଲଙ୍କ ସବୁଠାରୁ ସ୍ଥାୟୀ ଅବଦାନ ମଧ୍ୟରୁ ଗୋଟିଏ ଥିଲା ସଂଘୀୟ ଏକତା ଉପରେ ତାଙ୍କର ଜିଦ୍। ସେ ବିଶ୍ୱାସ କରୁଥିଲେ ଯେ ଭାରତର ଶକ୍ତି ଏହାର ବିବିଧତାରେ ନିହିତ, ଏବଂ ଏକୀକୃତ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଆଞ୍ଚଳିକ ପରିଚୟକୁ ସମ୍ମାନ କରାଯିବା ଉଚିତ। କିନ୍ତୁ, ଆଜି ସଂଘୀୟତା ସଂକୁଚିତ। ଅନେକ ରାଜ୍ୟ ସରକାର କେନ୍ଦ୍ରୀୟ ପ୍ରୋତ୍ସାହନ ଉପରେ ଚିନ୍ତା ପ୍ରକାଶ କରିଛନ୍ତି, ବିଶେଷକରି ଭାଷା ନୀତି, ସମ୍ବଳ ବଣ୍ଟନ ଏବଂ ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ। ଉଦାହରଣ ସ୍ୱରୂପ, ଅଣ-ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକରେ ହିନ୍ଦୀକୁ ଏକ ପ୍ରମୁଖ ଭାଷା ଭାବରେ ପ୍ରବର୍ତ୍ତନ ଭାଷାଗତ ଆଧିପତ୍ୟ ବିଷୟରେ ବିତର୍କକୁ ପୁନର୍ବାର ଆରମ୍ଭ କରିଛି - ପଟେଲଙ୍କ ଅନ୍ତର୍ଭୁକ୍ତିମୂଳକ ନୀତିର ବିପରୀତ। ତାଙ୍କର ଦୃଷ୍ଟିକୋଣ ସମାନତା ନୁହେଁ, ବରଂ ବିବିଧତା ମାଧ୍ୟମରେ ଏକତା ଥିଲା।ସାମାଜିକ ସମନ୍ୱୟ, ପଟେଲଙ୍କ ଦର୍ଶନର ଆଉ ଏକ ସ୍ତମ୍ଭ, ମଧ୍ୟ ଘୃଣାର ଶିକାର ହେଉଛି। ସାମ୍ପ୍ରଦାୟିକ ହିଂସା, ଜାତିଭିତ୍ତିକ ଭେଦଭାବ ଏବଂ ଲକ୍ଷ୍ୟଭେଦପୂର୍ଣ୍ଣ ଘୃଣା ଭାଷଣର ବର୍ଦ୍ଧିତ ଘଟଣା ଏକ ବର୍ଦ୍ଧିତ ଅସହିଷ୍ଣୁତାକୁ ପ୍ରତିଫଳିତ କରେ ଯାହାକୁ ପଟେଲ ସ୍ପଷ୍ଟ ଭାବରେ ନିନ୍ଦା କରିଥାନ୍ତେ। 'ଅସ୍ପୃଶ୍ୟତା ଦୂର କରିବା' ଏବଂ 'ଏକ ପିତାଙ୍କ ସନ୍ତାନ ପରି ବଞ୍ଚିବା' ପାଇଁ ତାଙ୍କର ଆହ୍ୱାନ ବାକଚାତୁରୀ ନଥିଲା - ଏହା କାର୍ଯ୍ୟ ପାଇଁ ଏକ ଆହ୍ୱାନ ଥିଲା। ତଥାପି, ଦଳିତ ଏବଂ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ବ୍ୟବସ୍ଥାଗତ ବାଦ୍ଦିଚ୍ଛେଦର ସମ୍ମୁଖୀନ ହେଉଛନ୍ତି, ଏବଂ ଧାର୍ମିକ ସଂଖ୍ୟାଲଘୁମାନେ ପ୍ରାୟତଃ ସାର୍ବଜନୀନ ଆଲୋଚନା ଏବଂ ନୀତିରେ ନିଜକୁ ଉପେକ୍ଷିତ ମନେ କରନ୍ତି। ଯେତେବେଳେ ସେ ବୁଣିବାକୁ ଚାହୁଁଥିବା ସାମାଜିକ ତାଳମେଳ ଭାଙ୍ଗି ପଡୁଛି, ସେତେବେଳେ ପଟେଲଙ୍କ ଐତିହ୍ୟ ପାଳନ ଫମ୍ପା ହୋଇଯାଏ।

ଏହା ବ୍ୟତୀତ, ପଟେଲଙ୍କ ଅଖଣ୍ଡତା ଏବଂ ସାର୍ବଜନୀନ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ବର୍ତ୍ତମାନର ରାଜନୈତିକ ପରିବେଶର ସମ୍ପୂର୍ଣ୍ଣ ବିପରୀତ। ସେ ସ୍ୱଚ୍ଛ ଶାସନ ଏବଂ ନୈତିକ ନେତୃତ୍ୱର ଜଣେ ଦୃଢ଼ ପ୍ରବକ୍ତା ଥିଲେ। କିନ୍ତୁ, ଆଜି ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ବର୍ଦ୍ଧିତ ଚାପର ସମ୍ମୁଖୀନ ହେଉଛନ୍ତି - ସଂକୁଚିତ ପ୍ରେସ୍ ସ୍ୱାଧୀନତାଠାରୁ ଦୁର୍ବଳ ନ୍ୟାୟିକ ସ୍ୱାଧୀନତା ପର୍ଯ୍ୟନ୍ତ। ଗଣତାନ୍ତ୍ରିକ ଏକତାର ମୂଳଦୁଆ, ଭିନ୍ନମତ ପାଇଁ ସ୍ଥାନ ସଙ୍କୁଚିତ ହେଉଛି। ଯେଉଁମାନେ ଅସହଜ ପ୍ରଶ୍ନ ଉଠାନ୍ତି ସେମାନଙ୍କୁ ପ୍ରାୟତଃ 'ଜାତୀୟ ବିରୋଧୀ' ଭାବରେ ଚିହ୍ନିତ କରାଯାଏ, ଏକ ଲେବଲ୍ ଯାହାକୁ ପଟେଲ, ଯିଏ ଗଠନମୂଳକ ସମାଲୋଚନାକୁ ମୂଲ୍ୟ ଦେଇଥିଲେ, ପ୍ରତ୍ୟାଖ୍ୟାନ କରିଥାନ୍ତେ।ପଟେଲଙ୍କ ଚାରିପାଖରେ ଥିବା ପ୍ରତୀକକୁ ମଧ୍ୟ ଏପରି ଭାବରେ ବ୍ୟବହାର କରାଯାଇଛି ଯାହା ତାଙ୍କ ଐତିହ୍ୟକୁ ବିକୃତ କରିଥାଏ। ଗୁଜରାଟରେ ଏକତା ପ୍ରତିମୂର୍ତ୍ତି, ଯେତେବେଳେ ଏକ ମହାନ ଶ୍ରଦ୍ଧାଞ୍ଜଳି, ପ୍ରାୟତଃ ପଟେଲଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅନ୍ତର୍ଭୁକ୍ତୀ ଦେଶପ୍ରେମ ପରିବର୍ତ୍ତେ ଶକ୍ତିଶାଳୀ ଜାତୀୟତାବାଦକୁ ପ୍ରଦର୍ଶିତ କରିବା ପାଇଁ ବ୍ୟବହାର କରାଯାଏ। ଏକତାର ଦୃଷ୍ଟିକୋଣ ଏହାର ସାରକୁ ଅତିକ୍ରମ କରିସାରିଛି। ଜାତୀୟ ଏକତା ଦିବସ କାର୍ଯ୍ୟକ୍ରମ, ଯଦିଓ ଭଲ ଉଦ୍ଦେଶ୍ୟ ରଖି କରାଯାଇଥିଲା, ବିଭାଜନକୁ ସେତୁ କରିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରକୃତ ପ୍ରୟାସ ସହିତ ନ ହେଲେ ପ୍ରଦର୍ଶନକାରୀ ହେବାର ଆଶଙ୍କା ରହିଛି।

ଶିକ୍ଷା ମଧ୍ୟ ଏହି ବିସଙ୍ଗତିକୁ ପ୍ରତିଫଳିତ କରେ। ପଟେଲ ଜ୍ଞାନ ଏବଂ ନାଗରିକ ସଚେତନତା ମାଧ୍ୟମରେ ନାଗରିକମାନଙ୍କୁ ସଶକ୍ତ କରିବାରେ ବିଶ୍ୱାସ କରୁଥିଲେ। ତଥାପି, ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟରେ ସମ୍ପ୍ରତି ପାଠ୍ୟକ୍ରମ ପରିବର୍ତ୍ତନ ଐତିହାସିକ ସଂଶୋଧନବାଦ ଏବଂ ଆଦର୍ଶଗତ ପକ୍ଷପାତ ବିଷୟରେ ଚିନ୍ତା ସୃଷ୍ଟି କରିଛି। ଯେତେବେଳେ ଇତିହାସକୁ ଚୟନମୂଳକ ଭାବରେ ଶିକ୍ଷା ଦିଆଯାଏ, ଏବଂ ସମାଲୋଚନାମୂଳକ ଚିନ୍ତାଧାରା ନିରୁତ୍ସାହିତ କରାଯାଏ, ସେତେବେଳେ ଏକତାର ମୂଳଦୁଆ - ଏକ ସୂଚନାପ୍ରାପ୍ତ ଏବଂ ନିୟୋଜିତ ନାଗରିକ - ଦୁର୍ବଳ ହୋଇଯାଏ।ଆର୍ଥିକ କ୍ଷେତ୍ରରେ, ପଟେଲଙ୍କ ସମାନ ବିକାଶର ଦୃଷ୍ଟିକୋଣ ବଢୁଥିବା ଅସମାନତା ଦ୍ୱାରା ଚ୍ୟାଲେଞ୍ଜ ହୁଏ। ଭାରତ ଭିତ୍ତିଭୂମି ଏବଂ ଡିଜିଟାଲ୍ ଅଭିବୃଦ୍ଧିରେ ଅଗ୍ରଗତି କରିଥିବା ବେଳେ, ଗ୍ରାମୀଣ ଦୁର୍ଦ୍ଦଶା, ବେକାରୀ ଏବଂ କୃଷି ସଙ୍କଟ ଜାରି ରହିଛି। ପଟେଲଙ୍କ ସ୍ୱରାଜ ଚିନ୍ତାଧାରା କେବଳ ରାଜନୈତିକ ସ୍ୱାଧୀନତା ପର୍ଯ୍ୟନ୍ତ ସୀମିତ ନଥିଲା - ଏହା ଅର୍ଥନୈତିକ ସ୍ୱାବଲମ୍ବନ ଏବଂ ସାମାଜିକ ନ୍ୟାୟକୁ ଘେରି ରହିଥିଲା। ସାର୍ବଜନୀନ ସେବାର ସାମଗ୍ରୀକରଣ ଏବଂ କଲ୍ୟାଣକାରୀ ଯନ୍ତ୍ରପାତିର କ୍ଷୟ ଏହି ଦୃଷ୍ଟିକୋଣକୁ ଧୋକା ଦିଏ।ପଟେଲଙ୍କୁ ପ୍ରାମାଣିକ ଭାବରେ ସମ୍ମାନ ଦେବା ପାଇଁ, ଭାରତକୁ ରୀତିଗତ ସ୍ମୃତିରୁ ଆଗକୁ ବଢ଼ିବାକୁ ପଡିବ। କେବଳ ପ୍ରତିମୂର୍ତ୍ତି ଏବଂ ସ୍ଲୋଗାନ ଦ୍ୱାରା ଜାତୀୟ ଏକତା ବଜାୟ ରହିପାରିବ ନାହିଁ - ଏହା ସହାନୁଭୂତି, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରତିଫଳିତ କରୁଥିବା ନୀତିଗତ ବିକଳ୍ପଗୁଡ଼ିକର ଦାବି କରେ। ଏଥିପାଇଁ ନେତା ଏବଂ ନାଗରିକମାନେ ସମାନ ଭାବରେ ଅସହଜ ସତ୍ୟର ସମ୍ମୁଖୀନ ହେବା ଏବଂ ଏକ ସମାଜ ଆଡକୁ କାମ କରିବା ଆବଶ୍ୟକ ଯେଉଁଠାରେ ଭିନ୍ନତାକୁ ଭୟ କରାଯାଏ ନାହିଁ ବରଂ ଆଲିଙ୍ଗନ କରାଯାଏ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଐତିହ୍ୟ ଅତୀତର ଏକ ଅବଶେଷ ନୁହେଁ - ଏହା ବର୍ତ୍ତମାନ ପାଇଁ ଏକ ଜୀବନ୍ତ ଆହ୍ୱାନ। ତାଙ୍କର ଏକତାର ଦୃଷ୍ଟିକୋଣ ସାହସିକ, କରୁଣାପୂର୍ଣ୍ଣ ଏବଂ ଗଭୀର ଗଣତାନ୍ତ୍ରିକ ଥିଲା। ଭାରତ ଏକ ଛକରେ ଠିଆ ହୋଇଥିବା ସମୟରେ, ଏହାକୁ ପଚାରିବାକୁ ପଡିବ: ଆମେ କ'ଣ ପ୍ରକୃତରେ ପଟେଲଙ୍କ ଆଦର୍ଶକୁ ବଜାୟ ରଖିଛୁ, ନା କେବଳ ତାଙ୍କ ନୀତିରୁ ଦୂରେଇ ଯାଇ ତାଙ୍କ ନାମକୁ ଡାକିଛୁ? ଏହାର ଉତ୍ତର ମହାନ ଉତ୍ସବଗୁଡ଼ିକରେ ନୁହେଁ, ବରଂ ଜାତିର ଆତ୍ମାକୁ ଆକାର ଦେଉଥିବା ଦୈନନ୍ଦିନ ପସନ୍ଦଗୁଡ଼ିକରେ ଅଛି। କେବଳ ପଟେଲଙ୍କ ଏକତାର ଆତ୍ମାକୁ ପୁନରୁଦ୍ଧାର କରି ଭାରତ ଏକ ନ୍ୟାୟପୂର୍ଣ୍ଣ, ଅନ୍ତର୍ଭୁକ୍ତ ଏବଂ ସ୍ଥିର ଗଣତନ୍ତ୍ର ଭାବରେ ଏହାର ପ୍ରତିଶ୍ରୁତି ପୂରଣ କରିବାକୁ ଆଶା କରିପାରିବ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ଶୂନ୍ୟ କୋଠରୀ, ଏକକ ସମ୍ବାଦ



ସଞ୍ଜୀବ କୁମାର ଦାସ

ପୃଥିବୀଟା ରାତ୍ରିର ଯେଉଁ ପ୍ରହରରେ ଅବଚେତନ ମୁଦ୍ରାରୁ ଅଚେତନ ଆଡକୁ ଢଳିଯାଏ। ନିଦ୍ରିତ ଅବା ମୂର୍ଚ୍ଛିତ ଅନେକେ ଯେବେ ସାରା ଦିନର କର୍ମ ଅକର୍ମ କୁକର୍ମକୁ ନେଇ ଝାପ୍ସା ସ୍ୱପ୍ନ /ଦୁଃସ୍ୱପ୍ନଟିଏ ଦେଖୁଥାନ୍ତି। କିଏ ନିଜକୁ ସୁକର୍ମ ପାଇଁ ଇଶ୍ୱରଙ୍କୁ ଧନ୍ୟବାଦ ଦିଏ। ଅକର୍ମ ପାଇଁ କିଏ ଅବା ବିଳପି ଉଠେ ଅଥବା କୁକର୍ମ ପାଇଁ କିଏ ଅବା ନିଜକୁ ଏବଂ କେବେବି ଯୋଡିଦାର ଅବା ସହଭାଗିକୁ ଧିକ୍କାରୁ ଥାଏ। ସେଇ ନିର୍ଲିପ୍ତ ମୁହୂର୍ତ୍ତରେ କୋଠରୀଟି ଚଳଚଞ୍ଚଳ ହୋଇଯାଏ। ଆଉ ଏଇ ଅଳ୍ପ ଦିନ ହେବ ଜଣେ ଡଉଲ ଡାଉଲ ଯୁବକକୁ ତ୍ୟାଗିଥିବା ଜୀବନ ସଙ୍ଗିନୀଙ୍କ କଥା କାହିଁକି ନିଜ ରୁଦ୍ଧ ଓ ଶୂନ୍ୟ କୋଠରୀ ଭିତରେ ତଡ଼ିତ ଭଳି କ୍ଷେପି ଯା'ନ୍ତି। ଶେଷରେ ତାଙ୍କ ଦୁଇ କାନମୂଳେ ଏମିତି ଶକ୍ତ ଚାପୁଡ଼ା ଥୁଅନ୍ତି। ଯାହା ବର୍ଣାଳୀ ପରାୟେ ଗୋଲାପ ରଙ୍ଗ ଧାରଣ କରେ। ପ୍ରତୀୟମାନ ହୁଏ ପ୍ରାଇମେରୀ ସ୍କୁଲର ଅବଧାନେ ଦେଇଥିବା ସତକିଆ 'ପନିଷମେଣ୍ଟ' / ଦଣ୍ଡବିଧାନ ଅବା! ଅପ୍ରତିଭ ଯୁବକ:ମୋର ଦଣ୍ଡ କ'ଣ କିଛି ଅକର୍ମ /ଅପକର୍ମ ପାଇଁ। ନା, ଲୋକ କୁହା କୁହି କଥାରେ କେଉଁ ଏକ ଭ୍ରମରେ ଛନ୍ଦି ହୋଇଯାଇଥିବା ମୋର ପ୍ରଣୟ କାହାଣୀ। ଶୂନ୍ୟ କୋଠରୀ:ଦିଏନା ସେ କିଛି ଉତ୍ତର,ପ୍ରଶ୍ନ ଉଡ଼ିଯାଏ ବାଏଁ ବାଏଁ ସତ୍ୟ ପ୍ରେମର କଥା କହିବାକୁ ପାଖରେ ନ ଥାନ୍ତି ପ୍ରେୟସୀ - ଜାୟା, କହିବାକୁ ଅପରାଧର ସେ ଭିନ୍ନ ରୂପମାନ-କର୍ମ,ଅକର୍ମ ,ଅପକର୍ମର ଅନେକ କାହାଣୀ। ହେଲେ ଯୁବକ କୁଆଡେ ଶୁଣିଥିଲେ ପତ୍ନୀଙ୍କ ସଖିଠୁ, ସମ୍ପର୍କର ଦୂରତା ଅନ୍ୟ କିଛି କାରଣରୁ ନୁହେଁ। ସେ ତ ଥିଲା ବରଂ 'କ୍ଲୀବତା'/ 'ଅପୌରୁଷ'ର ସ୍ପଷ୍ଟ ଚିହ୍ନ ତାଙ୍କ ପୂର୍ଣ୍ଣ ଅବୟବରୁ।

*ଭଦ୍ରକ*
*ଦୂରଭାଷ : ୬୩୭୧୬୧୯୦୦୫*

# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ



ଅକ୍ଷୟ କୁମାର ରାଉତ

*(ପୂର୍ବପ୍ରକାଶ ଉତ୍ତାରୁ)*

କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଳାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧାଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

**ଧାରାବାହିକ ଉପନ୍ୟାସ**

# ମହାନାୟକ



## କ୍ଷୀରୋଦ ଦାସ

ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୩୪

*(ପୂର୍ବପ୍ରକାଶ ଉତ୍ତାରୁ)*

ସାଙ୍ଗସାଥୀମାନେ ତାଙ୍କୁ ଦେଖୁଥିଲେ ଆଶ୍ଚର୍ଯ୍ୟ ତଥା ହେୟ ଦୃଷ୍ଟିରେ। ସବୁଦିନ ତାଙ୍କ ସହିତ କଥା ହେଉଥିବା ଘନିଷ୍ଠ ବନ୍ଧୁମାନେ ମଧ୍ୟ କେମିତି ଗୋଟାଏ କରଛଡା ଦେଉଥିଲେ। ସେ ଯେମିତି ଗୋଟାଏ ଜୋକର ଅବା ବିଚରା ଅବା ସପ୍ତାଶ୍ଚର୍ଯ୍ୟମାନଙ୍କ ଭିତରୁ ଗୋଟିଏ, ସେହିପରି ତାତ୍ପର୍ଯ୍ୟପୂର୍ଣ୍ଣ ଚାହାଣୀରେ ଅନ୍ୟମାନେ ଚାହୁଁଥିଲେ ସୁମନ୍ତଙ୍କୁ।

'ଗପ ଚୋର' ରୂପକ ମେଡାଲଟିଏ ଅଦୃଶ୍ୟ ଭାବରେ ଝୁଲାଇ ଦିଆଯାଇଥିଲା ସୁମନ୍ତଙ୍କ ବେକରେ। ତାଙ୍କୁ ଶୁଣାଇ ଶୁଣାଇ ସାଙ୍ଗସାଥୀମାନେ କୁହାକୁହି ହେଉଥିଲେ -

: ଯାହା କୁହ ଭାଇ, ଶଳା ମଫସଲୀ ଚୋରମୁହାଁ ଟୋକାର ସାହସକୁ ମାନିବାକୁ ପଡିବ। ଦିନରାତି ଚବିଶ ଘଣ୍ଟା ଆମେ ଶଳା ଆଣ୍ଠେଇ ପେଟେଇ ଗପ ତ ଗପ, ଧାଡିଏ କବିତା ବି ଗାରେଇ ପାରୁନୁ, ଯେ ମେଞ୍ଚଡ ଟୋକା ପାଞ୍ଚ ଛ' ପୃଷ୍ଠିଆ ଗପଟେ ଲେଖି ପକାଇଲା! ଭେରୀ ଟାଲେଣ୍ଟେଡ ବୟ...

: ହୋ ଗ୍ୟାହାଣ୍ଟିକ ଭାଇ, ତୁମ ଚାରି ଖୁରାକୁ ଜୁହାର ହୋ! ଗପ ଚୋରୀ କଲ ତ କଲ, କେବେ ଆମ ପ୍ରେମିକାମାନଙ୍କ ହୃଦୟକୁ ଚୋରୀ କରିବାର ଚେଷ୍ଟା ଯେମିତି ନ କର...

: ଆରେ ଭାଇମାନେ, ସାଧୁ ସାବଧାନ। ଏ ହେଉଛି ମଫସଲୀ ଚୋର। ମହା ଡେଞ୍ଜର।

ସାଙ୍ଗସାଥୀମାନଙ୍କ ଏପରି ହୃଦୟବିଦାରକ ଟୀକ୍‌କା ଟୀପ୍ପଣୀ ସୁମନ୍ତଙ୍କ କାନରେ ପଡୁଥିଲେ ମଧ୍ୟ ସେ ଥିଲେ ନିର୍ବିକାର। ସେ ଚୋର ନୁହଁନ୍ତି, ଚୋରୀ କରି ନାହାନ୍ତି - ଗଳା ଫଟାଇ ଚିତ୍କାର କରି ସଫେଇ ଦେବାକୁ ସେ ଚାହୁଁନଥିଲେ। କିନ୍ତୁ ଏକ ନିରବ ଅଭିମାନ ଆଉ ବତୁରା କୋହରେ ବିତୁଥିଲା ତାଙ୍କର ପ୍ରତିଟି ଦିନର ପ୍ରତିଟି ମୁହୂର୍ତ୍ତ। ସହଜେ ତ ତାଙ୍କର ପରିଚିତ ପୃଥିବୀ ଥିଲା ଅତି ସଂକୁଚିତ। ଚୁପ୍‌ଚାପ ଏକୁଟିଆ ନିରୀହ ଛାତ୍ରଟିଏ ସେ। ଆହୁରି ଏକଲା ହୋଇଗଲେ ଯେତେବେଳେ ପ୍ରିୟବନ୍ଧୁ ଅଜୟ ସମେତ ତାଙ୍କର ଅତି ଘନିଷ୍ଠ ସାଙ୍ଗ ଚାରି ପାଞ୍ଚ ଜଣ ତାଙ୍କଠାରୁ ଅଲଗା ହୋଇଗଲେ।

ଶ୍ରେଣୀଗୃହରେ ସେମାନେ ତାଙ୍କ ପାଖରେ ନ ବସି ଅଲଗା ବସିଲେ। ସତେ କି ସେ ବିରାଟ ପାପଟିଏ କରି ଦେଇଛନ୍ତି, ସତେ କି ସେ ଦୂରାରୋଗ୍ୟ ଏକ ଡିଆଁ ରୋଗରେ ପୀଡିତ, ତାଙ୍କ ପାଖରେ ବସିଲେ କି ତାଙ୍କ ସାଙ୍ଗରେ



କେହି ମିଶିଲେ ରୋଗଟି ଡେଇଁପଡି ଖପ୍ କରି ମାଡି ବସିବ ସେମାନଙ୍କୁ, ସେହିପରି ଛାଡଛାଡ ହେଉଥିଲେ ସେମାନେ।

ସାରା କଲେଜରେ ଏକୁଟିଆ ହୋଇଯାଇଥିଲେ ସୁମନ୍ତ।

ସେଦିନ ଥାଏ ବୁଧବାର। ଅସରାଏ ଟାଣବର୍ଷା ହୋଇ ଛାଡି ଯାଇଥାଏ। ତଥାପି ମେଘର ଭାରରେ ଆକାଶ ଲାଗୁଥାଏ ଆସନ୍ନ ପ୍ରସବା! ଲାଗଲାଗ ଦୁଇଟି କ୍ଲାସ ବାତିଲ ହୋଇଯାଇଥାଏ ସେହି ବିଭାଗର ଅଧ୍ୟାପକମାନେ ଅନୁପସ୍ଥିତ ଥିବାରୁ। ପିଲାମାନେ ଭେଳା ଭେଳା ହୋଇ ଏଣେତେଣେ ବୁଲୁଥାଆନ୍ତି। ଆଉ କିଛି ପୁଅଝିଅ କଲେଜ ଗେଟ୍ ପାଖରେ ଠିଆ ହୋଇ ଚାଟ୍ ଗୁପଚୁପ୍ ଖାଉଥାଆନ୍ତି। କେହି କେହି ସିନିୟର ପିଲାମାନେ ଚା ଓ ସିଗାରେଟ୍‌ର ମଜା ନେଉଥାଆନ୍ତି।

ଲାଇବ୍ରେରୀର ଗୋଟିଏ କୋଣରେ ବସି ସୁମନ୍ତ ତାଙ୍କର ପ୍ରିୟ ଲେଖକ ମାକ୍ସିମ ଗର୍କୀଙ୍କ 'ଶିକ୍ଷାନବିସ' ବହିଟି ପଢୁଥାଆନ୍ତି ନିବିଷ୍ଟ ମନରେ। ଋଷିଆନ ଲିଟରେଚର ତାଙ୍କର ପ୍ରିୟ ପସନ୍ଦ। ଗର୍କୀ, ଚେକଭ, ଟଲଷ୍ଟୟ, ଦସ୍ତୋଭସ୍କି ତାଙ୍କର ପ୍ରିୟ ଲେଖକ।

ତଙ୍କ ସାମନାରେ ଆସି କେହି ଜଣେ ଠିଆ ହେବା ପରି ଲାଗିଲା ତାଙ୍କୁ। ମୁହଁ ଟେକି ଚାହିଁଲେ ସୁମନ୍ତ। ଝିଅ ପିଲାଟିଏ। ତା'ର ନାଁ ଜଣା ନାହିଁ ତାଙ୍କୁ, ଠିଆ ହୋଇଥିଲା ତାଙ୍କ ଆଗରେ, ଅଳ୍ପ ହସହସ ମୁହଁରେ, ତାଙ୍କୁ ଚାହିଁ ଏକ ଲୟରେ।

ଅପ୍ରତିଭ ହୋଇଯାଇ ଦିଆ ହୋଇପଡିଲେ ସୁମନ୍ତ।

ଝିଅଟି ତାଙ୍କୁ ଚାହିଁ ଅଳ୍ପ ହସିହସି କହିଲା : ମୁଁ ତୁମ ଶିକ୍ଷୟିତ୍ରୀ ନୁହେଁ ମ, ତୁମ ସହପାଠିନୀ। ମୋତେ ଦେଖି ଏମିତି ଚମକି ପଡୁଛ କାହିଁକି ? ମୁଁ କହିବାକୁ ଆସିଛି କି ତୁମ ଗପଟି ପଢ଼ିଲି କଲେଜ ମାଗାଜିନରୁ। ଭାରି ଭଲ ଲାଗିଲା ଗପଟି ମତେ। ଗପଟି ଭାରି ରିୟଲିଷ୍ଟିକ୍ ହୋଇଛି....

ସୁନ୍ଦରୀ ଝିଅଟିଏ। ଗୋରା ତକତକ ଚେହେରା, ଲମ୍ବା ନହନହକା। ଟଣାଟଣା ଆଖି। ଲମ୍ବା ନାକ। ତାଙ୍କ ପାଖରେ ଠିଆ ହୋଇ ସ୍ମିତ ହସି, ତାଙ୍କ ଗଳ୍ପର ପ୍ରଶଂସା କରୁଛି! ଏଇଟା କଣ କମ୍ ବଡ ଉପଲବ୍ଧିର କଥା ତାଙ୍କ ପାଇଁ! କେବଳ ସେ କାହିଁକି, ଯେତେ ବଡ ଲେଖକ ହୁଅନ୍ତୁ ନା କାହିଁକି ନିଜ ଲେଖାର ପ୍ରଶଂସା ଶୁଣିଲେ ସେ ଉଲ୍ଲସିତ ହେବ ହିଁ ହେବ।

*(କ୍ରମଶଃ)*

# ବିଶେଷ କବିତା



## ନାଇଁ ଡର



### ଗଜାନନ ମିଶ୍ର

ନାଇଁ ଘୁଂଚ,
ନାଇଁ ନ, କିଛି
ସମସ୍ୟା କେନ।

ନାଇଁ ଭାବ,
ଇନ, ଜଣା ନାଇଁ
କାହାକେ କିଛୁ।

ନାଇଁ କିଛି କରିବାକୁ,
ଜୁଗରେଇ ପଡିଛନ୍ ସଭେ,
ଆରୁ ଉଠି ନାଇଁ ପାରବାର
କିହେ ଇନର ଇ ଖାଲୁ।

କେନ୍ତା ସଜେ, ହେଜ,
ସମିଆ କରୁଛେ କାରସାଦି।
କିହେ କାହାକେ କରି
ନାଇଁ ପାରେ ବରବାଦି।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୬୬୬୪୪*

## ବିଶ୍ୱାସର ନା'



### ସୁଚରିତା ମହାନ୍ତି

କିଏ ଜାଣେ
କେତେବେଳେ ଭୁଶୁଡ଼ି ପଡ଼ିବ
ମୋ ଜେଜେ ବାପାଙ୍କ
ସ୍ୱପ୍ନର ତିଆରି ମାଟିର
ଦୋ'ମହଲା ଘରଟା

ଛତିଶ ଇଞ୍ଚ ଚଉଡ଼ାର
ଛାତି ଭଳିଆ କାନ୍ଥ ମୂଳରୁ
ଠାଏ ଠାଏ
ମୂଷା ମାଟି କାଢ଼ି
ଘର ଭିତର ଖୋଳ କରିସାରିଲେଣି।

ଏବେ ମୂଷା,ସାପ,ବେଙ୍ଗ,
ବିଛା,ଚୁଚୁନ୍ଦ୍ରା,ଅସରପାଙ୍କର
ଉପଦ୍ରବ ସେଠି,
ଏମିତି ଅନେକଙ୍କ ବାସ ସ୍ଥାନ
ପାଲଟି ଗଲାଣି ।

ଓରାରୁ ପାଣି ନିଗିଡ଼ି
କାନ୍ଥରୁ ଅତଡ଼ା ଖସିଲାଣି
ଖରା,ତରା ଛପର ଫାଟରୁ
ଆଖି ମିଟିକା ମାରିଲେଣି

ଯେଉଁଦିନ ଠାରୁ
ମୋ ଜେଜେଙ୍କର ନାତି
ନାତୁଣୀମାନେ
ସହର ମୁହାଁ ହେଲେଣି

ତାଙ୍କ ସଂସ୍କାର,ସଂସ୍କୃତି,
ପରମ୍ପରା, ନିତି,ଆଦର୍ଶ
ଶିକ୍ଷାରେ ଉଇ ଚରିଗଲାଣି

ମୁହଁ ମୋଡ଼ି ଦେଇ
ସମସ୍ତେ ଚାଲିଗଲେ କଂକ୍ରିଟ ସହରକୁ
ସୁଖ ସାଉଁଟିବାକୁ
କିନ୍ତୁ ସେ
ତୋଳି ଦେଇ ଯାଇଥିବା
ବିରାଟ ନଅରଟିରେ
ତାଙ୍କର ଏକମାତ୍ର ବୋହୂ ମା'
ଏବେ ବି ଦେବୀ ରୂପେ
ସେଇଠି ବାସ କରନ୍ତି

କହନ୍ତି,ମୋ ଶ୍ୱଶୁର
ତିଆରି କରିଥିବା
ଘର ମୋ ପାଇଁ ମନ୍ଦିର
ଦିଅଁଙ୍କୁ ଛାଡ଼ି କୁଆଡ଼େ ଯିବି !

ଏଇଠି ମୋ ସ୍ୱାମୀ
ଶ୍ୱଶୁରଙ୍କ ବିଶ୍ୱାସ ଓ
ଭଲପାଇବା ଅଛି
ପୂର୍ବଜଙ୍କ ଆତ୍ମା ଅଛି
ସେମାନଙ୍କର ଆଶୀର୍ବାଦ ଅଛି ।

ଦେବା ଦେବୀଙ୍କ
ବାସସ୍ଥାନକୁ ଛାଡ଼ି ଗଲେ
ମୋତେ ଏ ବୁଢ଼ୀ ବୟସରେ
ପାପ ଲାଗିବ ।

ମୋ ଜେଜେ ବାପାଙ୍କର ଆସ୍ଥାକୁ
ତାଙ୍କ ପିଲାମାନେ ଭାଙ୍ଗି ଚୁରମାର କରିଦେଲେ,

ହେଲେ ତାଙ୍କ ବୋହୂ
ମାଟି କାମୁଡ଼ି ପଡ଼ି ରହିଚନ୍ତି
ବିଶ୍ୱାସର ନା'କୁ ସାଥିରେ ଧରି।

*ବାରିପଦା,ମୟୂରଭଞ୍ଜ*
*୮୯୧୭୫୭୧୨୦୨*

## କବିର ପରିଭାଷା



### ସଂଶୟ କୁମାର ସାହାଣୀ

କବି ହୃଦୟର ନିଖୁଣ ଭାବନା
କବିତାର ରୂପ ନିଏ
ନିଜ ଭାବନାକୁ କବିତାରେ ଲେଖି
ସାହିତ୍ୟକୁ ଦାନ ଦିଏ।

ମନର ଭାବକୁ ଶବ୍ଦରେ ସଜାଇ
ନୂଆ ରୂପ ରଙ୍ଗ ଦିଏ
ଭାବ ଆବେଗରେ ଲେଖିଯାଏ କବି
ଅମୃତ ଚଖାଇ ଥାଏ।

ଅବ୍ୟକ୍ତ ବେଦନା ବ୍ୟକ୍ତ କରିବାକୁ
କବି କଲମ ଚଂଚଳ
ଭାବର ଭାଷାର ପୀୟୂଷକୁ ଧରି
ପିଏ ନୀତି ହଳାହଳ।

କବିର ମନକୁ କରେ ଆନମନା
ପ୍ରାକୃତିକ ଶୋଭାରାଜି
ପ୍ରକୃତିକୁ ଦେଖି ନୟନେ ନିରେଖି
ଭାବନାରେ ଯାଏ ହଜି।

ସପନକୁ ଦିଏ ବାସ୍ତବର ରୂପ
ପାଷାଣେ ଫୁଟାଏ ଫୁଲ
ଚନ୍ଦ୍ର କଇଁ ପୁଣି ପ୍ରେମିକ ପ୍ରେମିକା
କିଏ ପୁଣି କବି ତୁଲ।

କବିର ଭାଷାରେ ମଫସଲ ଗାଁ
ସ୍ୱର୍ଗ ଠାରୁ ଗରୀୟାନ
ଗାଁ ପୁଷ୍କରିଣୀ ଅଟେ ମହୋଦଧି
କବି ଦୃଷ୍ଟିରେ ମହାନ।

କବିତା ଅଟଇ କବି ହୃଦୟର
ଚିରନ୍ତନ ସ୍ରୋତସ୍ୱିନୀ
ଉତ୍ତାଳ ତରଙ୍ଗେ ବିମୁଗ୍ଧ ହୁଅଇ
କହେ ଅନେକ କାହାଣୀ।

ଆଙ୍କିପାରେ କବି ଦୁନିଆର ଛବି
କାଗଜ କଲମ ପରେ
ଅଥଳ ଜଳରେ କବି କଲମ ବି
କୋଣାରକ ଗଢି ପାରେ।

ଯାହା ଦେଖେ ନାହିଁ ସାଧାରଣ ବ୍ୟକ୍ତି
କବି ତା ଆଖିରେ ଦେଖେ
କଲମ କାଗଯେ ରୂପ ରଙ୍ଗ ଦେଇ
ସାହିତ୍ୟ ସଜାଇ ରଖେ।

କବି ପରିଭାଷା ଲେଖିବାଟା ନୁହେଁ
ଏତେ ସହଜର କଥା
କବିର ମନର ଭାବକୁ ବୁଝିବା
ଘୁରି ଯିବ ସିନା ମଥା।

*ଅଲଣା -୨, ନଉଁଗୋ ହାଟ*
*ଜଗତସିଂହପୁର*

## ଲୋକ କଥା



### ସଦାଶିବ ବିଶ୍ୱାଳ

ଲୋକେ କହନ୍ତି...
ସ୍ୱର୍ଗପରି ସେଇ ପରିବାର
ଯେଉଁଠି ସହଯୋଗ ଥାଏ
ସହଯୋଗ ନ ଥାଇ
ପରିବାର, ନର୍କ ହୋଇଯାଏ

ଲୋକଙ୍କ ଭାଷାରେ...
ଲୋକ ସହିଚାଲେ ଯେ ପର୍ଯ୍ୟନ୍ତ
ତା'ର ସହନ ଶକତି ଥାଏ
ସୀମା ପାରିହେଲେ
ସବୁ ସମ୍ପର୍କ ଭୁଲିଯାଏ

ଲୋକକଥା କହେ...
ଏ କଳିଯୁଗରେ ରୋକଠୋକ କହିବା ମଣିଷ
ଭଲ ପାଇବା ପାଏନି
ସେ ସମ୍ମାନ ପାଏ ଯିଏ
କଥା ସଜେଇ କହେ, ସତ କହେନି

ଲୋକେ କହନ୍ତି...
ସିଏ ମୂର୍ଖ ଯିଏ
ବଡ଼ ବଡ଼ ଶିକ୍ଷାଗତ ଯୋଗ୍ୟତା ଥାଇ
କଥା କହି ଶିଖିନି

ଢଙ୍ଗରେ କଥା ନ କହିଲେ
ସମ୍ପର୍କରେ ଥିବା ଲୋକ ପାଖେ
ସ୍ନେହ, ଆଦର ପାଏନି।

*କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ*
*ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ*
*ଅଙ୍ଗରୁଆ, ଜିଲ୍ଲା - କେଉଁଝର*

## ଆସ ସଖି ଥରେ



### ବୈଷ୍ଣବ ମେହେର

ଆଶ୍ୱିନ ଯାଇ କାର୍ତ୍ତିକ ବି ଗଲା
ଆସିଗଲା ମାରଗଶିର
ଥିରିଥିରି ଜାଡ଼େ କମ୍ପୁଛି ପଥର ଥରୁଛି ସାରା ସହର
ଧୂଆଁଧୂଆଁ ଲାଗେ ଆକାଶରେ
ଜହ୍ନ ଥପଥପ କାନ୍ଦେ ପତର
ଆସିଲନି ବୋଲି ବିରହ ନିଆଁରେ ଜଳୁଛି ସର୍ବାଙ୍ଗ ମୋର।

କେମିତି କହିବି କହି ବି
ପାରୁନି କେମିତି କାଟୁଛି ଦିନ
ଦିନ ଯାଏ ସିନା ଅଡୁଆ ରାତିଟା କରେ ବଡ଼ ହୀନିମାନ
ଢଳଢଳ ଆଖି ଚାହିଁ ବସିଥାଏ କରି କେତେ ଅଭିମାନ
ଆସିବକି କେବେ ସନ୍ତର୍ପଣେ
ଥରେ ରଖି ମୋର ଆମନ୍ତ୍ରଣ।

କିଏବା ଜାଣିଛି ଜୀବନର ଗତି ଆଗକୁ କୁଆଡ଼େ ଯିବ
ତୁମ ବିନା ଏଠି ଦୁଃଖର ସମ୍ଭାର
ଶେଷ କି କେବେ ହୋଇବ
ଭାବିଭାବି ଆଖି ଲୁହରେ ବତୁରେ କୋହ ପାଲଟେ ବରଫ
ବିଳମ୍ବ ହେଲେ ବି ମୁଁ ସିନା
ଟାକିଛି ନିଶ୍ୱାସ କି ଅଟକି ଥିବ।

ଆସ ସଖି ଥରେ ଜୀବନ
ଭିତରେ ହୋଇଯିବା ଦୁହେଁ ଏକ
ବିଷାଦ ଯନ୍ତ୍ରଣା କେତେ ଯେ
ସହିବା ପ୍ରେମ ନ ପାଳଟୁ ଦୁଃଖ ।

*ସିନାପାଲି, ନୂଆପଡ଼ା*
*ଦୂରଭାଷ : ୯୭୭୭୭୫୩୯୩୫*

# ଭୋକ



## ମିନତୀ ପଟ୍ଟନାୟକ

ସକାଳ ନଅଟାରୁ ଘରୁ ବାହାରିଛି। ସାରା ଦିନର କାର୍ଯ୍ୟ ବ୍ୟସ୍ତତା ଭିତରେ ଫେରିଲା ବେଳକୁ ସନ୍ଧ୍ୟା ହେଇ ଆସିଲାଣି; କାଁ ଭାଁ ରାସ୍ତା କଡ଼ର ସନ୍ଧ୍ୟା ଲାଇଟ ଲାଗି ଗଲାଣି। ଭୀଷଣ ଭୋକ, ତଥାପି ଖାଇବାର ଇଚ୍ଛା ନ ଥିଲା... ଆଜିକାଲି ଏମିତି ହିଁ ହୁଏ, ଦେହ କଥା ମନ ବୁଝେନି ଆଉ ମନ କଥା ବୁଝିବାକୁ ଦେହର ସମୟ କାହିଁ?

ରାଜ ରାସ୍ତାରେ ବୁଲୁଥିବା କେଉଁ ତୃତୀୟ ଲିଙ୍ଗୀର ବଞ୍ଚିବା ପାଇଁ ବିକଳ ସଂଘର୍ଷରେ ଉଭୁରି ଉଠୁଥାଏ।

କିନ୍ତୁ ମୋ ଭୋକ କଥା ନିଆରା... ନା ଶବ୍ଦ, ନା ଭାବ, ନା ଦୃଶ୍ୟ,ନା ସ୍ୱପ୍ନ,ନା ମାନ, ନା ଅଭିମାନ,ନା ଦେହ, ନା ବିଦେହ; ମୋର କି କାହାର ଯୁ ନାହିଁ ବଖାଣି ଦେବ...! ରାସ୍ତା କଡ଼ ଚାହା ଦୋକାନ ଠୁ ଟିକେ ଦୂରରେ କଦମ୍ବ ଗଛକୁ



ଭୋକ ଏକ ରହସ୍ୟ ;ଏକ ନିଘଞ୍ଚ,ନୀରବ ଏବଂ ଅଜ୍ଞାତ ରାସ୍ତା। କେଉଁଠୁ ଆରମ୍ଭ ହୁଏ, କୁଆଡ଼େ ପହଞ୍ଚାଏ କହି ହୁଏନା... ଭୋକ ଅଦମନୀୟ ପଶି ଆସୁଥିବା ଉତ୍ତାଳ ବନ୍ୟା ହେଇ ପାରେ, ଯିଏ ଆଖି ପଲକରେ ପୃଥିବୀର ମାନଚିତ୍ର ବଦଳେଇ ଦିଏ। ଭୋକ ଭିଡ଼ ଭିତରେ ହଜି ଯାଉଥିବା ବୁଲା ବିକାଳୀର ଆତୁର ସ୍ୱର ହେଇପାରେ। ବସ ପ୍ରତୀକ୍ଷାରେ ଦିନ ମଜୁରିଆଙ୍କ ଚହଲ, ଭୋକ ଆଖି ଖୋଲି ନଥିବା ସଦ୍ୟ ଜନ୍ମିତ ପକ୍ଷୀ ଛୁଆର ମା, ତା'ର ଉଡାଣରେ ଭର୍ତ୍ତି ହେଇ ଥାଇପାରେ। ଭୋକ କେଉଁ କୋଇଲା ଖଣିରେ ଖଟୁଥିବା ବାଳୁତ ଶିଶୁର କୋମଳ ଆଖିରେ ଛଳ ଛଳ ବହି ଯିବା ପାଇଁ ରାସ୍ତା ଖୋଜୁ ଥାଏ। ଭୋକ ଆଉଜି ସନ୍ଧ୍ୟା ଆଲୁଅରେ କେହି ଜଣେ,ବୋଧ ହୁଏ ପାଗଳଟେ ବସି ବିନ୍ଦାସ ଚାହା ଆଉ ପାଉଁରୁଟି ଖାଉ ଥିଲା ଏବଂ ତା'ଠୁ ଅପେକ୍ଷା ରଖୁଥିବା ବୁଲା କୁକୁରଟିର ପାଟିକୁ ଖଣ୍ଡେ ଖଣ୍ଡେ ବଢ଼େଇ ଦେଉଥିଲା। ପାଉଁରୁଟି ଦୋକାନୀ ବାଲା ଦେଇଥିବ ନିଶ୍ଚୟ...

ଭାବୁଥିଲି କିଏ ହେଲେ ତ ଖାଉଛି ! ଯେମିତି ବି ହେଉ, ଭୋକ ଭର୍ତ୍ତି ଏ ପୃଥିବୀ, ମେଣ୍ଟେଇବାର ଆତ୍ମ ସନ୍ତୁଷ୍ଟିଟେ ପାଇ ପାରୁଛି... ଘର ଯେତିକି ପାଖ ହେଉଥିଲା ମୋ ଗାଡ଼ିର ବେଗ ସେତିକି ବଢୁ ଥିଲା। ମୋ ଭୋକ ମୋ ଭିତରେ କେତେବେଳେ କେଉଁଠି ଅନ୍ୟତ୍ର ହେଇ ସାରିଥିଲା।

*ଗଞ୍ଜାମ*

# ଅସ୍ତରଙ୍ଗରେ ଦୁଇଦିନିଆ ପ୍ରସିଦ୍ଧ ବାଲିଯାତ୍ରା



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଉପକୂଳରେ ପବିତ୍ର କାର୍ତ୍ତୀକ ପୂର୍ଣ୍ଣିମା ତିଥିରେରେ ପୀର ଜାହାନିଆଁ ବେଳାଭୂମୀରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଓ ଦୁଇ ଦିନିଆବାଲିଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ପୀର ଜାହାନିଆଁ ବୋଇତ ବନ୍ଦାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ' ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଛୁରିଅନା ଗ୍ରାମ ପଞ୍ଚାୟତ ସରପଞ୍ଚ କ୍ଷୀରୋଦ କାଣ୍ଡି ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଶୋଭାକର ବେହେରା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ ଗ୍ରାମାଞ୍ଚଳର ପାରମ୍ପରିକ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଗ୍ରାମଞ୍ଚଳର ନବ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସେହିପରି ହଜାର ହଜାର ଭକ୍ତଙ୍କ ଗହଣରେ ବୁଧବାର ଓ ଗୁରୁବାର ଦୁଇ ଦିନ ବ୍ୟାପି ପୀରଜାହାନିଆଁ ବାଲିଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁ ମାନେ ପ୍ରାତଃ କାଳରେ ସମୁଦ୍ରରେ ବୁଡ଼ ପକାଇ ଥିଲେ। ସର୍ବଧର୍ମ ସମନ୍ୱୟ ପୀଠରେ ଥିବା ପିର ଜାହାନିଆଁ ମନ୍ଦିରରେ ଶ୍ରଦ୍ଧାଳୁମାନେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ପୀର ବାବାଙ୍କ ପାଖରେ ଗୁଡ ଖଇ ଭୋଗ କରି ମାନସିକ ପତାକା ଉଡାଇଥିଲେ। ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ଆୟୋଜିତ ରେ ବେଳାଭୂମିରେ ଯଜ୍ଞ କରି ସମୁଦ୍ର ଆଳତୀ କରିଥିଲେ। ଅସ୍ତରଙ୍ଗ, କାକଟପୁର, ନିମାପଡା, ନିଆଳୀ ପ୍ରଭୃତି ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମାନେ ପହଁଚି ବାବା ପୀରଙ୍କ ସାନିଧ୍ୟ ଲାଭ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ପୀରଜାହାନିଆ ବାଲିଯାତ୍ରାରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ ସମସ୍ୟାକୁ ସୁପରିଚାଳନା କରିବା ପାଇଁ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଦାୟିତ୍ୱରେ ରହିଥିଲେ। ସମୁଦ୍ରରେ ଅଘଟଣ ନ ଘଟିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଦୃଷ୍ଟି ରଖାଯାଇଥିଲା। ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ୭ ଜଣ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା। ନିମାପଡା ସବ ଡିଭିଜନର ସମସ୍ତ ପୁଲିସ ଅଧିକାରୀ, ଅଗ୍ନିଶମ ଅଧିକାରୀ ମାନେ ସମୁଦ୍ରକୂଳରୁ କଣମଣ ବ୍ରିଜ ପର୍ଯ୍ୟନ୍ତ ପୁଲିସ ମୁତୟନ କରାଯାଇଛି। ସ୍ୱାସ୍ଥ୍ୟ ଶିବିର, ସୂଚନା କେନ୍ଦ୍ର, ବିଦ୍ୟୁତ ବିଭାଗର ଷ୍ଟଲ ଖୋଲା ଯାଇଥିଲା। ଗୁରୁବାର ଦିନ ବାଲିଯାତ୍ରା ଶେଷ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ତାଳଦା ଓ ତରାସାହି ପଂଚାୟତର ମିଳିତ ଆୟୋଜନ ରେ ଦ୍ୱିତୀୟ ବର୍ଷ ଦେବୀ ନଦୀରେ ବୋଇତ ବନ୍ଦାଣ ଓ ନଦୀ ପଠାରେ ବାଲି ଯାତ୍ରା ପ୍ରତାପ ପରିଡା ଓ ରବି ମଲିକଙ୍କ ପ୍ରଚେଷ୍ଟା ରେ ସଭାପତି ବିଜୟ ପଢ଼ିଆରୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ମୁଖ୍ୟ ପ୍ରତାପ କୁମାର ପରିଡା କହିଛନ୍ତି। ସେହିପରି ସ୍ୱପ୍ନେଶ୍ୱର ସିରିଡି ସାଇନାଥଙ୍କ ୧୮ ତମ ଯଜ୍ଞ ମହୋତ୍ସବରେ ସମାଜସେବୀ ତଥା ଯୁବ ଉଦ୍ୟୋଗ ପତି ଜଗନ୍ନାଥ ବେହୁରାଙ୍କୁ ଉତ୍ତରୀୟ ଦେଇ ଶିରିଡି ସାଇ ସେବା ସଂସ୍ଥାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁଲ୍ ଡିପିଆର ...

ଅର୍ଥରିଟି ଆକ୍ଟ-୨୦୨୫ ପ୍ରଣୟନ କରାଯାଇଛି ବୋଲି ସେ କହିଛନ୍ତି। ଅଧିବେଶନ ପୂର୍ବରୁ ଆୟୋଜିତ ଟେକ୍ନିକାଲ ସେସନକୁ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିଥିଲେ। ଦୀର୍ଘ ୧୦ ବର୍ଷ ପରେ ଓଡ଼ିଶାକୁ ଏଭଳି ଏକ ଜାତୀୟ ସ୍ତରର କାର୍ଯ୍ୟକ୍ରମ କରିବାର ସୁଯୋଗ ମିଳିଛି, ଯାହା ଗୌରବର ବିଷୟ। ଏହି ଆଇଆରସି ଅଧିବେଶନରେ ମୋଟ୍ ୧୯ଟି ଟେକ୍ନିକାଲ ସେସନ ଅନୁଷ୍ଠିତ ହେବ, ଯେଉଁଥିରେ ବିଭିନ୍ନ କଲେଜର ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ଏବଂ ରିସର୍ଚ୍ଚରମାନେ ମଧ୍ୟ ସାମିଲ ହେବେ। ଏହି ଅଧିବେଶନର ନିଷ୍କର୍ଷ ଦେଶ ଓ ରାଜ୍ୟର ସଡ଼କ କ୍ଷେତ୍ରକୁ ଉନ୍ନତିର ମାର୍ଗ ଦେଖାଇବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି, ପରଂପରା, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟପେୟର ଝଲକ ଦେଖିବାକୁ ମିଳିଛି। ଏହି ଆଇଆରସିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଆଇଆରସିର ଅଧ୍ୟକ୍ଷ ମନୋରଞ୍ଜନ ପରିଡ଼ାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସଡ଼କ ନିର୍ମାଣ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଞ୍ଜିନିୟରମାନଙ୍କୁ ସମ୍ମାନିତ କରାଯିବା ସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

### ମାନବିକତା ...

ଯୋଗ ଦେବାକୁ ପୁଣିଥରେ ସ୍ୱତନ୍ତ୍ର ଚାଟାର୍ଡ ପ୍ଲେନରେ ନବୀନ ନୂଆପଡ଼ା ଯାଇଥିଲେ। ତେବେ ବିମାନ ବନ୍ଦରରେ ନବୀନ ନିଜର ଦୁଇ ପିଏସଓ ଜବାହାର ପଟେଲ ଓ ଚନ୍ଦ୍ରଶେଖର ପାତ୍ରଙ୍କ ସହ ଚାଲି ଚାଲି ଯାଉଥିବାର ୧.୨୨ ମିନିଟର ଏକ ଭିଡିଓ ଜୋରସୋରରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ନବୀନଙ୍କୁ ପ୍ରାୟ ୭୦ଫୁଟ୍ ଚାଲିବାବେଳେ ଥକି ପଡ଼ି ୩ଥର ଅଟକିଛନ୍ତି। ନବୀନଙ୍କୁ ଚାଲିବାରେ ତାଙ୍କର ଦୁଇ ପିଏସଓ (ବ୍ୟକ୍ତିଗତ ସୁରକ୍ଷାକର୍ମୀ) ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓରେ ନବୀନଙ୍କ ବୟସାଧିକ୍ୟଜନିତ ଅସୁସ୍ଥତା, ତାଙ୍କ ଶରୀର ଅତ୍ୟନ୍ତ କ୍ଲାନ୍ତ ଓ ଅସୁସ୍ଥ ଥିବା ଏବଂ ନିଜର ଦୁଇ ପିଏସଓଙ୍କ ସହାୟତାରେ ଧୀରେଧୀରେ ଚାଲୁଥିବା ଦେଖାଯାଇଛି। ତେବେ ଓଡ଼ିଶାର ସର୍ବାଧିକ ଲୋକପ୍ରିୟ ନେତା ନବୀନଙ୍କ ଏଭଳି ବୟସାଧିକ୍ୟଜନିତ ଶାରୀରିକ ସମସ୍ୟା ସତ୍ତ୍ୱେ ତାଙ୍କୁ ଉପନିର୍ବାଚନରେ ପ୍ରଚାର ପାଇଁ ନୂଆପଡ଼ା ନିଆଯିବାକୁ ସାଧାରଣରେ ନିନ୍ଦା କରାଯାଇଛି। ନିଜ ପ୍ରିୟ ନେତାଙ୍କ ଶାରୀରିକ ସ୍ଥିତିକୁ ମଧ୍ୟ ବିଜେଡି ନିଜର ରାଜନୀତିକ ଫାଇଦା ପାଇଁ ଭୁଲି ଯାଇଥିବା ଅଭିଯୋଗ ହେଉଛି । ଯଦି ଦଳ ୨୦୨୪ ସାଧାରଣ ନିର୍ବାଚନରେ ନବୀନଙ୍କୁ ଏଭଳି ଭାବେ ନିର୍ବାଚନୀ ପ୍ରଚାରରେ ସାମିଲ କରିଥାନ୍ତା ହୁଏତ ବିଜେଡିକୁ ଏବେ ବିରୋଧୀ ଦଳରେ ବସିବାକୁ ପଡ଼ିନଥାନ୍ତା ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ପୁଣିଥରେ ନିଜ ସୋସିଆଲ ମିଡିଆ ମାଧ୍ୟମରେ ମାନବିକତାର କଥା କହି ବିଜେଡି ନେତାମାନଙ୍କୁ ଟାର୍ଗେଟ୍ କରିଛନ୍ତି। ନବୀନଙ୍କ ଏହି ୧.୨୨ ମିନିଟର ଭିଡିଓକୁ ଶେୟାର କରି ଶ୍ରୀମୟୀ ଲେଖିଛନ୍ତି ଯେ " ଯଦି ନବୀନ ପଟ୍ଟନାୟକଙ୍କର ପୁଅ ଥାଆନ୍ତା, ତେବେ କ'ଣ ସେ ନିଜ ଅସୁସ୍ଥ ବାପାଙ୍କୁ ଏଭଳି ଦୁର୍ବଳ ଅବସ୍ଥାରେ ନିର୍ବାଚନ ପ୍ରଚାର ପାଇଁ ବାହାରକୁ ପଠାଇଥାନ୍ତେ କି? ଆମ ଭିତରୁ କେହି ବି ପୁଅ-ଝିଅ ଭାବେ ନିଜ ବାପାଙ୍କୁ ଏମିତି ପଠାଇବାକୁ ସାହସ କରିବେ କି? ଏହା ରାଜନୀତି ନୁହେଁ ବରଂ ମାନବିକତାର କଥା। ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପ୍ରତି ଆମର ପ୍ରେମ ଓ ସମ୍ମାନର କଥା। ସେ ଆହୁରି ମଧ୍ୟ ପ୍ରଶ୍ନ କରିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନର ଫଳାଫଳ କ'ଣ ରାଜ୍ୟରେ ସରକାର ପରିବର୍ତ୍ତନ କରିଦେବ କି, ଯଦି ନୁହେଁ, ତେବେ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଏଭଳି ନିର୍ଯାତନା ଦିଆଯାଉଛି କାହିଁକି? ନୂଆପଡ଼ାରେ ନବୀନଙ୍କ ରୋଡ୍ ଶୋ'ରେ ତାଙ୍କ ଉପରକୁ ଟେକା ପଥର ଫିଙ୍ଗାଯିବ ବୋଲି ବିଜେଡି ପକ୍ଷରୁ ଆଶଙ୍କା କରି ଦିଆଯାଇଥିବା ବୟାନକୁ ଦଳର ଯୁବ ଶାଖାର ପୂର୍ବତନ ମହାସଚିବ ଏଲିନା ଦାଶ ନାପସନ୍ଦ କରିଛନ୍ତି। ସେ ସୋସିଆଲ ମିଡିଆରେ ଏଭଳି ବୟାନକୁ ସିଧାସଳଖ ଖଣ୍ଡନ କରି କହିଛନ୍ତି ଯେ, ନବୀନ ପଟ୍ଟନାୟକ ଖାଲି ଗୋଟେ ନାଁ ନୁହେଁ, ସେ ହେଉଛନ୍ତି ସମଗ୍ର ଓଡ଼ିଶାର ଗୋଟେ ନିଆରା ବ୍ୟକ୍ତିତ୍ୱ। ସତରେ କ'ଣ ନବୀନ ବାବୁଙ୍କ ଉପରେ ଟେକା ପଡ଼ିବ? ଓଡ଼ିଶାରେ ଏମିତି କିଏ ସାହସୀ ପୁରୁଷ ଅଛି ଯିଏକି ଏଭଳି ଏକ ବ୍ୟକ୍ତିତ୍ୱଙ୍କ ଉପରକୁ ଟେକା ମାରି ପାରିବ? ଗୁଜବଟି କେତେ ସତ କେତେ ମିଛ, ବିଚାର ଜନସାଧାରଣଙ୍କର। ଅର୍ଥାତ୍ ଏଲିନା ଏଭଳି କହି ନିଜ ଦଳର ଆନୁଷ୍ଠାନିକ ବୟାନକୁ ସୋସିଆଲ ମିଡିଆରେ ଖାରଜ କରିବାକୁ ପଛାଇ ନାହାନ୍ତି। ରାଜନୀତିକ ବିଶ୍ଳେଷକମାନଙ୍କ ମତରେ, ବୟସାଧିକ୍ୟ ଶାରୀରିକ ସମସ୍ୟା ମଧ୍ୟରେ ନବୀନଙ୍କୁ ନୂଆପଡ଼ା ପ୍ରଚାର ମଇଦାନକୁ ଓହ୍ଲାଇବା ହିଁ ଦଳର 'ବ୍ରାଣ୍ଡ ନବୀନ' ଉପରେ ନିର୍ଭରଶୀଳତାକୁ ସ୍ପଷ୍ଟ କରୁଛି। ଦଳର ପ୍ରାୟତଃ ସମସ୍ତ ଆଗଧାଡ଼ିର ନେତାମାନେ ନୂଆପଡ଼ାରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିଲେ ମଧ୍ୟ ନବୀନଙ୍କ ବିନା ପ୍ରଚାରରେ ଦଳୀୟ ପ୍ରାର୍ଥୀଙ୍କ ବିଜୟକୁ ନେଇ ଆଶଙ୍କିତ ଅଛନ୍ତି। ଯେଉଁଥିପାଇଁ ନବୀନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ସତ୍ତ୍ୱେ ତାଙ୍କୁ ନୂଆପଡ଼ା ପ୍ରଚାର ମଇଦାନରେ ଦଳ ଓହ୍ଲାଇଛି।

### ଜନସଂଖ୍ୟା ...

ନିଜର କାୟା ବିସ୍ତାର କରିବାରେ ଲାଗିପଡିଛି। କିନ୍ତୁ ଏପରି ଅନେକ ଦେଶରେ ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କ ହାର ସେମାନଙ୍କ ଜନସଂଖ୍ୟାର ଦୁଇଗୁଣରୁ ଅଧିକ, ଅର୍ଥାତ୍ ପ୍ରତି ୧୦୦ ଜଣ ଲୋକଙ୍କ ପାଇଁ ୨୦୦ ରୁ ଅଧିକ ମୋବାଇଲ୍ ଫୋନ୍ ରହିଛି। ସିଆଇଏ ଏବଂ ଡିଜିଟାଲ୍ ୨୦୨୫ ରିପୋର୍ଟ ଅନୁସାରେ, ୫ଟି ଦେଶ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେଥିମଧ୍ୟରୁ ଚୀନ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଚୀନରେ ୨୦୨୩ ସୁଦ୍ଧା ପ୍ରାୟ ୧.୪ ବିଲିୟନ ଜନସଂଖ୍ୟା ଥିବାବେଳେ, ପ୍ରାୟ ୧.୮୧ ବିଲିୟନ ମୋବାଇଲ୍ ଫୋନ୍ ବ୍ୟବହାରକାରୀ ରହିଛନ୍ତି। ସେହିପରି ଭାରତରେ ଦେଶର ପ୍ରାୟ ୯୩% ଜନସଂଖ୍ୟା ରହିଥିବା ବେଳେ ୧.୦୯ ବିଲିୟନ ମୋବାଇଲ୍ ଫୋନ୍ ଗ୍ରାହକ ରହିଛନ୍ତି। ଏହି ତାଲିକାରେ ଆମେରିକା , ଋଷ ଏବଂ ଇଣ୍ଡୋନେସିଆ ମଧ୍ୟ ସାମିଲ ରହିଛନ୍ତି। ଆମେରିକାରେ ଏ ପର୍ଯ୍ୟନ୍ତ ପ୍ରାୟ ୪୧ କୋଟି ମୋବାଇଲ୍ ଫୋନ୍ ବ୍ୟବହାରକାରୀ ରହିଛନ୍ତି। ଋଷରେ ଜନସଂଖ୍ୟା ପ୍ରାୟ ୧୪୬ ନିୟୁତ ହୋଇଥିବା ବେଳେ ୨୪୫ ନିୟୁତ ମୋବାଇଲ୍ ଫୋନ୍ ବ୍ୟବହାରକାରୀ ରହିଛନ୍ତି। ଇଣ୍ଡୋନେସିଆରେ ମୋବାଇଲ ଫୋନ୍‌ର କ୍ରେଜ ଅଧିକ ଥିବାବେଳେ ୨୦୨୩ ମସିହା ପର୍ଯ୍ୟନ୍ତ ୩୫୨ ନିୟୁତ ମୋବାଇଲ ଫୋନ୍ ବ୍ୟବହାରକାରୀ ରହିଥିବା ବେଳେ ତାଙ୍କର ଜନସଂଖ୍ୟା ମାତ୍ର ୨୮୫ ନିୟୁତ ଅଟେ। ବିଶେଷକରି ହଂକଂ ଏବଂ ୟୁଏସ ଭଳି ସମୃଦ୍ଧ ଦେଶରେ ଅନେକ ବ୍ୟକ୍ତି ନିଜର ବିଭିନ୍ନ କାମରେ ଏକାଧିକ ମୋବାଇଲ୍ ବା ଡିଭାଇସ୍ ସହ ଏକାଧିକ ସିମ କାର୍ଡ ବ୍ୟବହାର କରିଥାଆନ୍ତି। ଯାହା ଜନସଂଖ୍ୟା ବ୍ୟତିତ ମୋବାଇଲର ସଂଖ୍ୟାନକୁ ବଢାଇଥାଏ। ସେହିପରି ଏହିସବୁ ଦେଶମାନଙ୍କରେ ଅନେକ ମୋବାଇଲ ଫୋନ୍ ନିର୍ମାଣ ହେଉଥିବା ବେଳେ ଏଠିକାର ଲୋକମାନେ ଏହାକୁ ଅଧିକ ବ୍ୟବହାର କରିଥାଆନ୍ତି।

### ପୀତବାସ ପଣ୍ଡା ...

ବ୍ରହ୍ମପୁର ଏସ୍‌ପି କ୍ରାଇମବ୍ରାଞ୍ଚ ଡିଜିଙ୍କ ମାଧ୍ୟମରେ ସରକାରଙ୍କୁ ଚିଠି ଲେଖିଛନ୍ତି। ମାମଲାଟି ସମ୍ବେଦନଶୀଳ ହୋଇଥିବା ଦୃଷ୍ଟିରୁ ଏସ୍‌ପି ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସେ ଆଡ୍‌ଭୋକେଟ୍ କାଳିଚରଣ ମିଶ୍ର ଓ ଆଡ୍‌ଭୋକେଟ୍ ଅବିନାଶ ପାଢ଼ୀଙ୍କ ନାମ ସୁପାରିସ କରିଛନ୍ତି। ଏସ୍‌ପି ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ ଯେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ଜଣେ ଅଭିଜ୍ଞ ସ୍ୱତନ୍ତ୍ର ସରକାରୀ ଓକିଲ ଲଢ଼ିବାର ଆବଶ୍ୟକତା ରହିଛି। ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ କାଳିଚରଣ ମିଶ୍ର ସିବିଆଇରେ ବିଭିନ୍ନ ପଦପଦବୀ- ସରକାରୀ ଓକିଲ, ବରିଷ୍ଠ ସରକାରୀ ଓକିଲ, ଉପ ଆଇନ ପରାମର୍ଶଦାତା ଓ ଅତିରିକ୍ତ ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରି ସାରା ଦେଶରେ ଅନେକ ସମ୍ବେଦନଶୀଳ ମାମଲା ଲଢ଼ିଛନ୍ତି। ବ୍ରହ୍ମପୁର କୋର୍ଟରେ ସେ ଏହି ମାମଲା ଲଢ଼ିବା ପାଇଁ ତାଙ୍କର ସମ୍ମତି ପ୍ରଦାନ କରିଛନ୍ତି। ସେହିପରି ଏହି ମାମଲାରେ କାଳିଚରଣ ମିଶ୍ରଙ୍କ ସହାୟତା କରିବା ପାଇଁ ସହକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ଭାବେ କାର୍ଯ୍ୟ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଅବିନାଶ ପାଢ଼ୀ।

### ହଟାଇବା ପାଇଁ ...

ତାଙ୍କ ନିର୍ଦ୍ଦେଶରେ ସେ ଉଲ୍ଲେଖ କରିଛନ୍ତି ଯେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ କଡ଼ା ଅନୁପାଳନ ସୁନିଶ୍ଚିତ କରିବେ। ଅନ୍ୟଥା, ଅଧିକାରୀମାନେ ବ୍ୟକ୍ତିଗତ ଭାବରେ ଦାୟୀ ରହିବେ। ନିର୍ଦ୍ଦେଶାବଳୀ ପାଳନର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଆଠ ସପ୍ତାହ ମଧ୍ୟରେ ଦାଖଲ କରାଯିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ତୃତୀୟ ନିର୍ଦ୍ଦେଶଟି ଅନୁଷ୍ଠାନିକ ସେଟିଂସ୍ ସହିତ ଜଡିତ। କୁକୁର କାମୁଡ଼ାର ବର୍ଦ୍ଧିତ ଘଟଣା ଦୃଷ୍ଟିରୁ, ଏହି କୋର୍ଟ ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିବାକୁ ଆବଶ୍ୟକ ମନେ କରୁଛନ୍ତି। ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା ହସ୍ପିଟାଲ, ସାର୍ବଜନୀନ କ୍ରୀଡା କମ୍ପ୍ଲେକ୍ସ ଏବଂ ରେଳ ଷ୍ଟେସନ ସମେତ ସମସ୍ତ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରିବା ଉଚିତ ଏବଂ ବୁଲା କୁକୁରଙ୍କ ପ୍ରବେଶକୁ ରୋକିବା ପାଇଁ ଆବଶ୍ୟକତା ଅନୁଯାୟୀ ପରିସରଗୁଡ଼ିକୁ ପର୍ଯ୍ୟାପ୍ତ ବାଡ଼ ସହିତ ସୁରକ୍ଷିତ କରିବା ନିଶ୍ଚିତ କରିବା ଉଚିତ। ଏହି କାମ ଆଠ ସପ୍ତାହ ମଧ୍ୟରେ ସମାପ୍ତ ହେବାକୁ ପଡିବ। ଅନୁଷ୍ଠାନ ପରିଚାଳନା କ୍ଷେତ୍ରର ରକ୍ଷଣାବେକ୍ଷଣ ପାଇଁ ଦାୟୀ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବା ଆବଶ୍ୟକ। ସ୍ଥାନୀୟ ପୌର କର୍ତ୍ତୃପକ୍ଷ ଏପରି ସମସ୍ତ ପରିସରର ନିୟମିତ ଯାଞ୍ଚ କରିବେ ଯାହା ଦ୍ୱାରା ନିଶ୍ଚିତ ହେବ ଯେ ସେଠାରେ କୌଣସି ବୁଲା କୁକୁର ନ ରହନ୍ତି। ପ୍ରତ୍ୟେକ ବୁଲା କୁକୁରକୁ ତୁରନ୍ତ ଏପରି ପରିସରରୁ ବାହାର କରିଦିଆଯିବା ଉଚିତ ଏବଂ ବନ୍ଧ୍ୟାକରଣ ପରେ ଏକ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯିବା ଉଚିତ। ବୁଲା କୁକୁରମାନଙ୍କୁ ଯେଉଁ ଅଞ୍ଚଳରୁ ଉଠାଇ ନିଆଯାଇଥିଲା ସେଠାରେ ଛାଡିବା ଉଚିତ୍ ନୁହେଁ।

### ସଶକ୍ତ ହେବ ...

ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବାକୁ ଚାହୁଁଥିବା ଜଣାପଡ଼ିଛି। ୧୧ତାରିଖରେ ହେବାକୁ ଥିବା ପ୍ରଥମ ଆନ୍ତଃବିଭାଗୀୟ ପ୍ରସ୍ତୁତି ବୈଠକ କେବଳ ଯୋଜନାର ରୂପରେଖ ପ୍ରସ୍ତୁତ ପାଇଁ ନୁହେଁ ବରଂ ପଞ୍ଚାୟତ ନିର୍ବାଚନ ପୂର୍ବରୁ କ୍ଷେତ୍ରସ୍ତରରେ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଧାରିତ ସମୟସୀମା ସହ ବିଭାଗଗୁଡ଼ିକର ଉତ୍ତରଦାୟିତ୍ୱ ସ୍ଥିର କରାଯିବ ବୋଲି ଜଣାପଡ଼ିଛି। ବିଶେଷକରି ଏହି ୩ଟି ମୌଳିକ ସୁବିଧା ଯଥା ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବୈଠକରେ ଅନୁସୂଚିତ ଜାତିଜନଜାତି ବିକାଶ, ଜଳସମ୍ପଦ ବିଭାଗ ଆଦି ସମେତ ମୋଟ ପ୍ରାୟ ୧୧ଟି ବିଭାଗର ସଚିବମାନଙ୍କ ସମେତ ମୁଖ୍ୟ ସଚିବ ମଧ୍ୟ ଏହି ବୈଠକରେ ସାମିଲ ହେବେ ବୋଲି ଜଣାପଡ଼ିଛି। ବିଜେଡିରେ ବଢୁଥିବା ଗୋଷ୍ଠୀକନ୍ଦଳ ଓ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ବିଜେପି ଆସନ୍ତାବର୍ଷରୁ ବିଭିନ୍ନ ପଞ୍ଚାୟତ ସମିତିକୁ ଦଖଲ କରିବା ନିମନ୍ତେ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଦଳରେ ସାମିଲ କରି ବିଜେପି ୨୦୨୭ ପଞ୍ଚାୟତ ନିର୍ବାଚନରେ ଜୋରଦାର ଢଙ୍ଗରେ ଓହ୍ଲାଇବାକୁ ଚାହୁଁଛି। ଯଦିଓ ଏବେବି ରାଜ୍ୟର ଅଧିକାଂଶ ପଞ୍ଚାୟତରେ ବିଜେପିର ଭଲ ସଂଗଠକ ଅବା ଜନାଧାର ନାହିଁ, ତଥାପି ରାଜ୍ୟରେ ବିଜେପିର ସରକାର କ୍ଷମତାସୀନ ଥିବାରୁ ତା'ର ଫାଇଦା ଉଠାଇ ବିଜେଡି ସମର୍ଥିତ ନେତା ଓ କର୍ମୀଙ୍କୁ ଦଳରେ ସାମିଲ କରି ତୃଣମୂଳସ୍ତରରେ ନିଜକୁ ସୁଦୃଢ଼ କରିବାକୁ ବିଜେପି ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ବିଜେଡିର ସ୍ଥାନୀୟ କ୍ୟାଡ଼ରରୁ ନିଜ ଦଳରେ ମିଶାଇ ସେମାନଙ୍କର ସାଂଗଠନିକ ଶକ୍ତିକୁ ଦୁର୍ବଳ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଷ୍ଟରଷ୍ଟ୍ରୋକ୍ ଦେବାକୁ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି।

### ପୃଥିବୀକୁ ୧୫୦ ...

ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ ତାଙ୍କର ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ଏକ ପରମାଣୁ ମୁକ୍ତ ବିଶ୍ୱ ହାସଲ କରିବା। ହ୍ୱାଇଟ୍ ହାଉସରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ପରମାଣୁ ନିରସ୍ତ୍ରୀକରଣ ଏକ ଚମତ୍କାର ଜିନିଷ ହେବ। ଆମେ ପୃଥିବୀକୁ ୧୫୦ ଥର ଉଡ଼ାଇ ଦେଇପାରିବୁ, କିନ୍ତୁ ଏହାର କୌଣସି ଆବଶ୍ୟକତା ନାହିଁ। ଟ୍ରମ୍ପଙ୍କ ଅନୁସାରେ, ଆମେରିକା ପାଖରେ ସର୍ବାଧିକ ସଂଖ୍ୟକ ପରମାଣୁ ଅସ୍ତ୍ର ଅଛି, ତା'ପରେ ରୁଷ ଏବଂ ଚୀନ୍ ଅଛନ୍ତି। ସେ କହିଛନ୍ତି, ସି ଜିନପିଙ୍ଗ ଏବଂ ଭ୍ଲାଦିମିର ପୁଟିନଙ୍କ ପରି ନେତାମାନେ ଏବେ ଅନ୍ୟ ଉଦ୍ଦେଶ୍ୟରେ ଟଙ୍କା ବ୍ୟବହାର କରିବେ। ମୁଁ ସେମାନଙ୍କ ସହ କଥା ହୋଇଛି। ଏବେ ସେମାନେ ଏପରି କାମ କରିବେ ଯାହା ଲୋକମାନଙ୍କ ପାଇଁ ଲାଭଦାୟକ ହେବ। ଟ୍ରମ୍ପଙ୍କ ଏହି ବିବୃତ୍ତି ପରମାଣୁ ନିୟନ୍ତ୍ରଣ ଲାଗି ଆମେରିକା, ରୁଷ ଏବଂ ଚୀନ୍ ମଧ୍ୟରେ ତ୍ରିପାକ୍ଷିକ ସହଯୋଗର ସମ୍ଭାବନାର ଗୋଟିଏ ଦିନ ପରେ ଆସିଛି। ଟ୍ରମ୍ପ ଗତ ସପ୍ତାହରେ କହିଥିଲେ ଯେ ଆମେରିକା ପୁଣି ପରମାଣୁ ପରୀକ୍ଷଣ କରିବ। ଏଥିପାଇଁ ପେଣ୍ଟାଗନକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଦେଶମାନେ ପରମାଣୁ ପରୀକ୍ଷଣ କରୁଛନ୍ତି, ଏଣୁ ଆମେରିକା ମଧ୍ୟ ଏହା କରିବ।

# ରଘୁରାଜପୁରରେ ସଂସ୍କାର ଭାରତୀର ଦୃଶ୍ୟକଳା ଶିବିର



**ପୁରୀ :** ସଂସ୍କାର ଭାରତୀ, ଉତ୍କଳ ପୂର୍ବ ପ୍ରାନ୍ତ, ଦୃଶ୍ୟକଳା ବିଭାଗ, ଏବଂ ଶକୁନ୍ତଳା ଆର୍ଟ ଗ୍ୟାଲେରୀ, ଭୁବନେଶ୍ୱର ଦ୍ୱାରା ୨ ରୁ ୪ ନଭେମ୍ବର ୨୦୨୫ ପର୍ଯନ୍ତ ପୁରୀ ଜିଲ୍ଲାର ରଘୁରାଜପୁର ଐତିହ ଶିଳ୍ପ ଗ୍ରାମ ଠାରେ ଏକ ତ୍ରିଦିବସୀୟ ଚିତ୍ରଶିବିର ତଥା ଆଲୋଚନା-ଚକ୍ର ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଶାର ପାଞ୍ଚ ଜଣ ବରିଷ୍ଠ ଚିତ୍ରକର ଜନାର୍ଦ୍ଦନ ପରମଗୁରୁ, ପ୍ରଦୀପ ପାଣ୍ଡେ, ରାଜେଶ କୁମାର ନାୟକ, ରାଜକିଶୋର ମହାରଣା ଓ ସୁବାଷ ପୁଜାହାରୀ ଭାଗନେଇ ରଘୁରାଜପୁରର ବରିଷ୍ଠ, ପ୍ରସିଦ୍ଧ ଏବଂ ବିଜ୍ଞ ପାରମ୍ପରିକ ଚିତ୍ରଶିଳ୍ପୀଙ୍କ ସହଭାଗିତାରେ ଓଡ଼ିଶାର ପାରମ୍ପରିକ ତଥା ପୌରାଣିକ ବିଷୟବସ୍ତୁ ଆଧାରରେ ଓଡିଶୀ ଶୈଳୀର ଅନୁକରଣରେ ଚିତ୍ର ପ୍ରସ୍ତୁତ କରିଥିଲେ। ଏହି ସମସ୍ତ ବରିଷ୍ଠ ଚିତ୍ରକର ମାନଙ୍କ ସହିତ ଆଲୋଚନା-ଚକ୍ରରେ ଓଡିଶା କଳା ମହାବିଦ୍ୟାଳୟର ଅଧକ୍ଷ ଡ଼.ଦୁର୍ଗାମାଧବ କର ଓ ଛାତ୍ର/ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଆଲୋଚନା-ଚକ୍ରର ବିଷୟ ବସ୍ତୁ ଥିଲା 'ଓଡ଼ିଶାର ପାରମ୍ପରିକ କଳା ଏବଂ ପୁରାଣ'। ଏହି କାର୍ଯ୍ୟକ୍ରମରେ ସଂସ୍କାର ଭାରତୀର ଉତ୍କଳ ପୂର୍ବପ୍ରାନ୍ତର ଦୃଶ୍ୟକଳା ସଂଯୋଜକ ଡକ୍ଟର ସ୍ଥିତଧୀ ରଥ ଭିଡିଓ କନ୍‌ଫରେନସି ମାଧ୍ୟମରେ ଯୋଗଦାନ କରି, ଓଡ଼ିଶାର ପାରମ୍ପରିକ କଳା ଏବଂ ପୌରାଣିକ ଚିତ୍ର ଉପରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ମଣ୍ଡେଇ ସାଂସ୍କୃତିକ ମଞ୍ଚରୁ ଉଦ୍‌ଘୋଷକ ଭାବେ ମନୋଜ ପଟ୍ଟନାୟକଙ୍କ ସନ୍ୟାସ ଘୋଷଣା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ଜଣେ ଚର୍ଚ୍ଚିତ ଚେହେରା ତଥା ଜଣେ ସାହିତ୍ୟକ, କବି, ପ୍ରାବନ୍ଧିକ, ଭାଷ୍ୟକାର, ନାଟ୍ୟକାର ଏବଂ ଉଭୟ ମଞ୍ଚ ଓ ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟନାୟକ, ମଣ୍ଡେଇ ସାଂସ୍କୃତିକ ମଞ୍ଚରୁ ଉଦଘୋଷକ ଭାବେ ସନ୍ୟାସ ଘୋଷଣା କରିଛନ୍ତି। ଜିଲ୍ଲାରେ ଯେବେ ଠାରୁ ମଣ୍ଡେଇ ମହୋତ୍ସବ ଆରମ୍ଭ ହେଇଛି ସେବେଠାରୁ ବ୍ଲକ ସ୍ତରୀୟ ମଣ୍ଡେଇ ମଞ୍ଚ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ମଣ୍ଡେଇ ମଞ୍ଚରେ ସେ ଜଣେ ଆଗଧାଡ଼ିର ଉଦଘୋଷକ ଭାବେ ଅତି ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ମଣ୍ଡେଇ ମଞ୍ଚରେ ବର୍ତ୍ତମାନ ଯୁବ ପ୍ରତିଭା ମାନଙ୍କୁ ଉଦଘୋଷକ ଭାବେ ସୁଯୋଗ ଦେବା ନିମନ୍ତେ ସେ ଏଇ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ଜିଲ୍ଲା ପ୍ରଶାସନ ମଣ୍ଡେଇ ମଞ୍ଚରେ ଉଦଘୋଷକ ଭାବେ ସୁଯୋଗ ଦେଇଥିବାରୁ ଶ୍ରୀ ପଟନାୟକ ଜିଲ୍ଲା ପ୍ରଶାସନକୁ ଅଶେଷ ଧନ୍ୟବାଦ ଜଣାଇବା ସହ ଦର୍ଶକ ମାନେ ଦେଇଥିବା ସ୍ନେହ ଓ ସମର୍ଥନ ନିମନ୍ତେ ସମସ୍ତ ଦର୍ଶକଙ୍କୁ ସାଧୁବାଦ ଜଣାଇଛନ୍ତି। ମଣ୍ଡେଇ ସାଂସ୍କୃତିକ ମଞ୍ଚରୁ ଉଦଘୋଷକ ଭାବେ ଶ୍ରୀ ପଟନାୟକଙ୍କ ସନ୍ୟାସ ଘୋଷଣା ଖବର ଶୁଣି ତାଙ୍କର ପ୍ରଶଂସକ ମହଲରେ ଦୁଃଖର ଲହରି ଖେଳିଯାଇଛି କିନ୍ତୁ ଯୁବ ସମାଜ ନିମନ୍ତେ ଶ୍ରୀ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସୂଚନା ଯୋଗ୍ୟ ଯେ ସେ ସଂଗୀତ ହେଉ କିମ୍ବା ନାଟକ ଅଥବା ଚଳଚ୍ଚିତ୍ର, ଏ ସମସ୍ତ କ୍ଷେତ୍ରରେ ଶ୍ରୀ ପଟ୍ଟନାୟକ ଆଦ୍ୟାବଧି ଅନେକ ପ୍ରତିଭା ସୃଷ୍ଟି କରିଛନ୍ତି।

# ଜିଲ୍ଲାରେ କୁଷ୍ଠ ରୋଗର ଚିହ୍ନଟ ଅଭିଯାନ ନିମନ୍ତେ ଜିଲ୍ଲା ସ୍ୱମନ୍ୱୟ କମିଟି ବୈଠକ



**ନବରଙ୍ଗପୁର :** ସମୟରେ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲ୍ଲାରେ ୨୦୨୫-୨୬ ବର୍ଷରେ କୁଷ୍ଠ ରୋଗର ଚିହ୍ନଟ ଅଭିଯାନ ନିମନ୍ତେ ଜିଲ୍ଲା ସ୍ୱମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି ଚିହ୍ନଟ ଅଭିଯାନ ଆସନ୍ତା ୧୭.୧୧.୨୦୨୫ ରୁ ୩୦.୧୧.୨୦୨୫ ପର୍ଯ୍ୟନ୍ତ ୧୦ଟି କର୍ଯ୍ୟଦିବସରେ ୯ଟି ବ୍ଲକ (ରାଇଘର ବ୍ୟତୀତ) ୧୮୮୨ଟି ଗ୍ରାମ ରେ ଅନୁଷ୍ଠିତ ହେବ। କୁଷ୍ଠ ମୁକ୍ତ ନବରଙ୍ଗପୁର ଜିଲ୍ଲାର ସଫଳ ରୂପାୟନ ଦିଗରେ ଏହି ଅଭିଯାନ ନିଶ୍ଚୟ ଫଳପ୍ରଦ ହେବାକୁ ଚେଷ୍ଟା କରାଯାଉଛି। ୨୦୨୫-୨୬ ସେପଟ୍ମେର ସୁଦ୍ଧା ଜିଲ୍ଲାରେ ନୂତନ ଭାବେ ୧୨୭ ଜଣଙ୍କୁ କୁଷ୍ଠ ରୋଗ ର ଲକ୍ଷଣ ଥିବା ଚିହ୍ନଟ କରାଯାଇଛି। ୨୦୨୪-୨୫ ରେ ଏହି ସଂଖ୍ୟା ୪୦୮ ଥିଲା। ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାରେ ୨୪୨ ଜଣ ସକ୍ରିୟ କୁଷ୍ଠ ରୋଗୀ ସରକାରଂକ ପ୍ରଦତ୍ତ ମାଗଣା ଔଷଧ ରେ ଚିକିତ୍ସିତ ହେଉଛନ୍ତି। ଏହି ଅଭିଯାନରେ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର ମାନଙ୍କ ମିଳିତ ଉଦ୍ୟମରେ ୯ଟି ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମ, ସ୍କୁଲ୍ ବିଶେଷ ଭାବରେ ଚିହ୍ନଟ କାର୍ଯ୍ୟକ୍ରମ କରାଯିବ। ୨୦୨୫ ଡିସେମ୍ବର ୧୩ ସୁଦ୍ଧା ଚୁଡାନ୍ତ ରିପୋର୍ଟ ପ୍ରଦାନ କରାଯିବ। ବୈଠକରେ ଏଡିପିଏଚ ଓ( କୁଷ୍ଠ ରୋଗ) ଡ ସୁକାନ୍ତ ଶତପଥୀ, ଏଡିପିଏଚଓ (ମ୍ୟାଲେରିଆ) ଡ ଏନ୍ ରବିବାବୁ, ଏଡିପିଏଚଓ (ବିଭିଡି) ଡ ମଳୟ ପଣ୍ଡା, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସଏସଓ ସୁଧାଂଶୁ ପାତ୍ର, ଡିଏସଡବ୍ଲୁଓ ଦ୍ରୌପଦୀ କହଁର, ଜିଲ୍ଲା କୁଷ୍ଠାରୋଗ ପରାମର୍ଶଦାତା ଇର୍ଷାତ ଖାଁ, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଉପସ୍ଥିତ ଥିଲେ।

# 'ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ'



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପିର ଜାହାନିଆଁ ବେଳା ଭୂମିରେ ଗଢି ଉଠିଥିବା ବେଳାଭୂମି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଦୁଇ ଧରି ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ତାରିଖ ସାକାଳ ୭ଘଟିକା ସମୟେ ପିର ପୀଠ ନିକଟ ବିରାଟ ଜଳାଶୟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅସ୍ତରଙ୍ଗ ବ୍ଲକ ବିଡିଓ ସସ୍ମିତା ବେହେରାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ୬ ତାରିଖ ଗୁରୁବାର ଦିନ ଅସ୍ତରଙ୍ଗ ତହସିଲ ଦାର ପ୍ରିୟଙ୍କା ପ୍ରିୟ ଦର୍ଶିନୀ ପତି ଓ ସମାଜସେବୀ ଅମୀୟ କୁମାର ପଟନାୟକଙ୍କ ଦ୍ୱରା ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଚିତ୍ତ ରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଦୁଃଶାସନ ନାୟକ ବିବରଣୀ ପାଠ ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଭାଷା କିପରି ବଞ୍ଚିବ ସେ ବିଷୟ ଆସିଥିବା କବି କବୟିତ୍ରୀ ମାନେ କବିତା ପାଠ ଦ୍ୱାରା ପରି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗ କବି ସମ୍ପଦ ରଥ, ଲଲାଟେନ୍ଦୁ ପଳାଉରୀ, ସରପଞ୍ଚ କ୍ଷୀର କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ସାମ୍ବାଦିକ ରାଧାଶ୍ୟାମ ମହାନ୍ତି, ଅଶୋକ ଶତପଥୀ ପ୍ରମୁଖ ଭାଷଣ ଦେଇ ଓଡ଼ିଆ ଭାଷା କିପରି ବଞ୍ଚି ରହିବ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୫ଜଣ କବି କବୟିତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ବେଳାଭୂମି ସାହିତ୍ୟ ସଂସଦ ତରଫରୁ ମାନପତ୍ର, ଉତ୍ତରୀୟ ଓ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅସ୍ତରଙ୍ଗ ମାଟିର ସନ୍ତାନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକ ସ୍ମୃତି ସମ୍ମାନ ୬ ଜଣଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଯୋଜକ ଶୋଭାକର ବେହେରା ଓ ଅଶୋକ ପରିଡା ରମେଶ ସାହୁ ପ୍ରମୁଖ।

# ତାରାତାରିଣୀ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ଗଞ୍ଜାମ ଜିଲ୍ଲାର ସପ୍ତ ପ୍ରସିଦ୍ଧ ତାନ୍ତ୍ରିକ ଶକ୍ତିପୀଠ ସିଦ୍ଧଭୈରବୀ, ବାଳକୁମାରୀ, ବାଙ୍କେଶ୍ୱରୀ, ମହୁରୀକାଳୁଆ, ବାଗ୍‌ଦେବୀ, ସିଂହାସନୀ, ନାରାୟଣୀଙ୍କ ସହ ତାରାତାରିଣୀ ଶକ୍ତିପୀଠର ମାହାତ୍ମ୍ୟ ଓ ଆକର୍ଷଣ ସୁଦୂରପ୍ରସାରୀ। ବ୍ରହ୍ମପୁରଠାରୁ ଚାଳିଶି କିଲୋମିଟର ଦୂରରେ ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଦକ୍ଷିଣ ତଟ ଦେଶରେ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ସ୍ଥଳୀରେ ତାରାତାରିଣୀ ଯାମଳା ଭଗିନୀ ଦେବୀ ପୂଜା ପାଇ ଆସୁଛନ୍ତି । ଶକ୍ତି ଉପାସକବୃନ୍ଦ ଏହି ସୁପ୍ରତିଷ୍ଠିତା ଦେବୀ ଆରାଧନା କରିବା ଦିଗରେ ବିଶେଷ ପ୍ରାଧାନ୍ୟ ଦେଇଥାନ୍ତି । ଅଗଣିତ ଭକ୍ତ ପରିବାର ତାରାତାରିଣୀଙ୍କୁ ସ୍ୱଗୃହ ଇଷ୍ଟଦେବତା ଭାବରେ ବଂଶାନୁକ୍ରମେ ଗ୍ରହଣ କରିଆସୁଛନ୍ତି । ସନ୍ତାନଙ୍କ ସୁଖଦୁଃଖରେ ତାରାତାରିଣୀ ନାମ ସ୍ମରଣ କରିଥାନ୍ତି । ସେମାନଙ୍କ ପାଇଁ ତାରାତାରିଣୀ ସଙ୍କଟତାରିଣୀ ସକଳ ବିପଦ ଭଞ୍ଜନୀ ସୁଖସ୍ୱାସ୍ଥ୍ୟ ସାମର୍ଥ୍ୟ ବିଭବ ସୌଭାଗ୍ୟ ସମୃଦ୍ଧି ପ୍ରଦାୟିନୀ। ସେ କରୁଣାମୟୀ ପ୍ରେମମୟୀ ଓ ମମତାମୟୀ ଭକ୍ତବତ୍ସଳା ଅନନ୍ୟା ଶୋକ କ୍ଲେଶ ହାରିଣୀ ଭବଭୟ ନିବାରିଣୀ ପ୍ରତ୍ୟକ୍ଷା ଠାକୁରାଣୀ। ସେ ଆୟୁ, ଜ୍ଞାନ, ଯଶ, ଧନ ଭକ୍ତଙ୍କୁ ଅନ୍ତର ଭାବବୋଧ କରି ଅଯାଚିତ ଭାବରେ ଦାନ କରିଥାନ୍ତି। ତାରାତାରିଣୀଙ୍କୁ ଗଂଜାମ ଜାହ୍ନବୀ ଋଷିକୁଲ୍ୟା ଜଳରେ ସ୍ନାନ କରି ଦର୍ଶନ କଲେ ଦୁଃଖ ଶୋକ ଚାଲିଯାଏ। ସମସ୍ୟା, ଅଭାବ ଅସୁବିଧା, ଅନ୍ତରାୟ ଯାବତୀୟ ଜାଗତିକ କ୍ଲେଶ ଦୂର ହୋଇଯାଏ। ଅଭୀଷ୍ଟ ଫଳ, ଆୟୁ ପ୍ରାପ୍ତ ହୋଇଥାଏ। ମା'ମାନଙ୍କର ବିଶ୍ୱାସ ସନ୍ତାନଙ୍କୁ ମୁଣ୍ଡନ କରି ଜଗଜ୍ଜନନୀଙ୍କ ପାଦତଳେ ପକାଇଲେ ସନ୍ତାନ ବୀର୍ଯ୍ୟଶାଳୀ ଓ ଚିରାୟୁ ହୋଇଥାଏ । ମାତୃ ଦୟାରୁ ସେ ଜୟୀ ଓ ଯଶସ୍ୱୀ ହୋଇଥାଏ ମଧ୍ୟ । ଦୀନ ଶରଣାଗତର ପରିତ୍ରାଣ ଦିଗରେ ତାରାତାରିଣୀ ହିଁ ସର୍ବ ସୁଖକରୀ, ନିତ୍ୟାନନ୍ଦକରୀ, ବରାଭୟକରୀ, ସୌନ୍ଦର୍ଯ୍ୟ ରତ୍ନାକରୀ, ପ୍ରତ୍ୟକ୍ଷ ମାହେଶ୍ୱରୀ ଦେବୀ । ସନ୍ତାନ ଜନ୍ମ ପରେ ମା' ତାରାତାରିଣୀଙ୍କୁ ମହାଦୁଃଖ ହରଣ ନିମିତ୍ତି ନିବେଦନ କରିଥାଏ । ମାଆଙ୍କ ପୀଠରେ ପ୍ରଥମ ସ୍ୱନକ୍ଷତ୍ର ବାସରରେ ମୁଣ୍ଡନ କରାଇ ଆଶିଷ ଭିକ୍ଷା କରିଥାଏ ମାଆ। ପାଖରେ ଥାଉ ବା ଦୂରରେ ଥାଉ ରାଜ୍ୟଭିତରେ ଥାଉ ବା ରାଜ୍ୟ ବାହାରେ ଥାଉ ଏପରିକି ଦେଶ ବିଦେଶରୁ ମଧ୍ୟ ପ୍ରଥମ ସନ୍ତାନର ମୁଣ୍ଡନ ପାଇଁ ଦମ୍ପତି ଏଠାକୁ ଆସିଥାନ୍ତି । ବିଶେଷ କରି ଗଞ୍ଜାମ ସଂସ୍କୃତି ଧର୍ମୀୟ ପରମ୍ପରାରେ ତାରାତାରିଣୀଙ୍କ କରୁଣା ପ୍ରତି ଆସ୍ଥା ନିବିଡ଼ ଓ ପ୍ରଗାଢ଼ - ଭକ୍ତଙ୍କର। ଆଗେ ଏଠାରେ ସନ୍ତାନଙ୍କ କଲ୍ୟାଣ ସୁଖ ସମୃଦ୍ଧି ଲାଗି ମାନସିକ ଛାଗବଳି ପ୍ରଚଳିତ ଥିଲା । ସଂସ୍କାରକାମୀ ଭକ୍ତଙ୍କ ପ୍ରଚେଷ୍ଟାରେ ଶିକ୍ଷାର ପ୍ରସାର ଯୋଗୁଁ ଜନ ସହଯୋଗ ସମର୍ଥନରେ ଆଉ ବଳିଦାନ ଜୀବହତ୍ୟା ଜଘନ୍ୟ ପ୍ରଥା ପରିଦୃଷ୍ଟ ହେଉନାହିଁ। ପାଚିଲା ଫଳ ରମ୍ଭା ନାରୀକେଳ ଅମୃତ ମଣୋହି ସହ ପ୍ରପାନକ ଭୋଗ ନୈବେଦ୍ୟ ଦେବୀଙ୍କୁ ନିବେଦିତ ହେଉଛି। ପୀଠରେ ଭକ୍ତବୃନ୍ଦ ଜାଳୁଛନ୍ତି କାମନା ପୂରଣ ଚିନ୍ତନରେ ଚାରୁ ପ୍ରଦୀପମାଳା। ବିଶେଷତଃ ଚୈତ୍ରମାସ ମଙ୍ଗଳବାର ଓ ସଂକ୍ରାନ୍ତିମାନଙ୍କରେ ମା'ଙ୍କ ପୀଠ ଲୋକାରଣ୍ୟ ହୋଇ ଉଠୁଥାଏ।

ତାରାକକ୍ଷ ପାହାଡ଼ ପୂର୍ଣ୍ଣଗିରି ପୁଣି ରତ୍ନଗିରି ପାହାଡ଼ ନାମରେ ମଧ୍ୟ ପରିଚିତ। ନଦୀ ତୀରର ମନୋଜ୍ଞ ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ଏହି ପୀଠରେ ପହଞ୍ଚିବା ପାଇଁ ସହସ୍ର ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ । ଦ୍ରୁମରାଜିର ସୁଶୀତଳ ଛାୟା ଦେଇ ପକ୍କା ରାସ୍ତାରେ ଭକ୍ତ ଶିଖରୀ ଶିଖରେ ଉପନୀତ ହୋଇ ସର୍ପିଳ ଗତିଶୀଳା ଋଷିକୁଲ୍ୟାର ଧାବମାନ ଜଳ ପ୍ରବାହକୁ ଉପଭୋଗ କରିବାରେ ନୈସର୍ଗିକ ସୁଖ ଉପଭୋଗ କରିଥାଏ। ଦୂରବୀକ୍ଷଣ ଯନ୍ତ୍ର ଦର୍ଶନ ପଥରେ ଚକ୍ଷୁ ଭରି ପାରାବାରର ନୀଳିମା ସୁଷମା ଅନୁଭବ ଅନ୍ତର୍ଭୁକ୍ତ କରିବାରେ ସମର୍ଥ ହୋଇଥାଏ । ତଳେ ଜନବସତିର ଦୃଶ୍ୟାବଳୀ ସର୍ବ ସୁଖଦାୟକ କହିବା ବାହୁଲ୍ୟ। ସଂପ୍ରତି ରଜ୍ଜୁପଥରେ ଦର୍ଶନ ଦୋଳିରେ ବସି ଶୂନ୍ୟତା ଭିତରେ ଗତି କରି ପୁଲକ ସଂଚୟ କରେ। ପକ୍କା ସଡ଼କ ରାସ୍ତାରେ ଉପରକୁ ଉଠିବାବେଳେ ବୃକ୍ଷରାଜିର ଶୀତଳ ଛାୟା ସୁଖଦାୟକ।

ତାରାକକ୍ଷ ପୂର୍ଣ୍ଣଗିରି ପାହାଡ଼ ପାଖରେ ରହିଛି ପୁଷ୍ପଗିରି ଖଣ୍ଡଶୈଳ। ଏହା ଏକ ସୁନ୍ଦର ଗୁମ୍ଫା ସହିତ ଶିବ ଆରାଧନା ପୀଠକୁ ନେଇ ଐତିହ୍ୟ ଶୁଣାଇବାକୁ ସତେକି ଦଣ୍ଡାୟମାନ। ସମୟ ଥିଲା ଏହି ଗୁମ୍ଫାରେ ବୌଦ୍ଧଭିକ୍ଷୁମାନେ ସାଧନାରତ ଥିଲେ। ଅହିଂସା ଓ ଶାନ୍ତିର ବାର୍ତ୍ତା ଜନସମାଜକୁ ଦେଉଥିଲେ।

ତାରାକକ୍ଷ ପାହାଡ଼ ଯାହା ପୂର୍ଣ୍ଣଗିରି ଅଥବା ରତ୍ନଗିରି ନାମରେ ଅଭିହିତ ତାହା ଦିନେ ତାରା ତାରିଣୀଙ୍କର ନିବାସସ୍ଥଳୀ ଗୌରବମୟ ଶକ୍ତି ପୀଠ ଥିଲା। ଯିଏ କି କଳିଙ୍ଗ ସମ୍ରାଟ ଭାବରେ ଇତିହାସର ଅନ୍ତରାଳରେ ଲୁଚି ଯାଇଛନ୍ତି- ସେହି କଳିଙ୍ଗ ସମ୍ରାଟଙ୍କ ଆରାଧ୍ୟା ଦେବୀ ଥିଲେ ତାରା ତାରିଣୀ। ରାଜ୍ୟ ଲିପ୍ସୁ ରକ୍ତ ପିପାସୁ ଚଣ୍ଡାଶୋକ ଧଉଳି ପାହାଡ଼ ତଳେ ନୁହେଁ ତାରାକକ୍ଷ ପାହାଡ଼ ପାଦଦେଶରେ ହିଁ ଭୟାବହ କଳିଙ୍ଗ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ। ଏହା ଅଧିକ ବିଶ୍ୱସନୀୟ। କାରଣ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ପାରଳାଖେମୁଣ୍ଡି ନିକଟରେ କଳିଙ୍ଗ ନଗର (ମୁଖଲିଙ୍ଗମ୍) ଠାରେ ଥିଲା।

ସ୍ୱ ମାଟି ସମ୍ମାନାଭିଳାଷୀ କଳିଙ୍ଗବୀରଙ୍କ ରଣହୁଙ୍କାରରେ ରଣକ୍ଷେତ୍ର ଝଲସି ଉଠିଥିଲା। ଆଜି ରଣ ଝଳି ଗାଆଁ ତା'ର ମୂକସାକ୍ଷୀ। ଅସମର୍ଥିତ ଐତିହାସିକ ସ୍ମୃତି ବହନ କରି ଋଷିକୁଲ୍ୟା କୂଳରେ ସ୍ୱରୂପ ପ୍ରକଟ କରୁଛି। ବାଇଶିଶହ ବର୍ଷ ତଳର ଅତୀତକୁ ଟାଣିନେଉଛି ଦର୍ଶକଙ୍କୁ। ସେ ଦିନ ସ୍ୱାଧୀନ କଳିଙ୍ଗବାସୀଙ୍କ ଯୋଦ୍ଧୃପଣ ଏବଂ ଆବାଳବୃଦ୍ଧବନିତାଙ୍କ ସମରକ୍ଷେତ୍ରରେ ଅବତୀର୍ଣ୍ଣ ହେବା ଅତ୍ୟନ୍ତ ବିସ୍ମୟକର ଘଟଣା ଥିଲା। କଳିଙ୍ଗ ସେନାରେ ସାମିଲ ହୋଇଥିଲେ କାଳିଙ୍ଗୀ ବାହିନୀ (କାଳିଞ୍ଜି), ଦଳପତି (ଦଳୁଆ) ଓ ବଳ ଅସି ବାହିନୀ ପରି ପ୍ରସିଦ୍ଧିବହ କଳିଙ୍ଗ ବୀର ସେନାନୀ। ସମସ୍ତଙ୍କର ଲକ୍ଷ୍ୟ ଥିଲା ଏଇ ସ୍ୱାଧୀନ ମାଟିର ସ୍ୱାଭିମାନ ସୁରକ୍ଷା । ଦେଶପ୍ରୀତି ଥିଲା- ଅତୁଳ ଓ ଅନିର୍ବଚନୀୟ। ମଗଧର ବିଶାଳ ସୈନ୍ୟବାହିନୀ ଓ କଳିଙ୍ଗ ସମ୍ରାଟଙ୍କ ଅଦମନୀୟ ସେନାନୀ ଋଷିକୁଲ୍ୟା ତଟସ୍ଥ ରଣଝଳି ଗ୍ରାମର ଉପକଣ୍ଠରେ ଥିବା ବିସ୍ତୃତ ସମର କ୍ଷେତ୍ରରେ ପରସ୍ପର ମୁହାଁମୁହିଁ ହୋଇଥିଲେ। ଆଜି ସେହି ରଣଝଳି ଭୂମିର ରଣ ପ୍ରାଙ୍ଗଣ ଶସ୍ୟ ଶ୍ୟାମଳ ବିଲମାଳରେ ପରିଣତ ହୋଇଛି। ଯୁଦ୍ଧ ବାସ୍ତବିକ ଭୟଙ୍କର ଓ ଐତିହାସିକ ଥିଲା। ଲକ୍ଷାଧିକ ଲୋକ ନିହତ ହେଲେ। ଲକ୍ଷ ଲକ୍ଷ ଆହତ ହେଲେ। ଅଗଣିତ ସୈନ୍ୟ ବନ୍ଦୀ ହେଲେ। ବିଧବାମୟ ହେଲା ରାଜ୍ୟ। ସମୃଦ୍ଧ ବୀର କଳିଙ୍ଗ ଛାରଖାର ହୋଇଗଲା। କିନ୍ତୁ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ଦେଶରୁ କଳିଙ୍ଗ ଯୁଦ୍ଧର ଭୟାବହତା ଓ ବୀଭତ୍ସ ଦୃଶ୍ୟପଟ୍ଟ ସନ୍ଦର୍ଶନରେ ବିସ୍ମିତ ବିବ୍ରତ ଓ ବିଷଣ୍ଣ ହୋଇପଡ଼ିଲେ ମଗଧ ଭୂପତି ଅଶୋକ। ବିଶ୍ୱ ଇତିହାସ ଖ୍ୟାତ ଅଶୋକ। ତାରାକକ୍ଷ (ପୂର୍ଣ୍ଣଗିରି) ପାହାଡ଼ ନିକଟସ୍ଥ ପୁଷ୍ପଗିରି ପାହାଡ଼ରେ ବସି ବିଜନ ମୁହୂର୍ତ୍ତରେ ଅନୁଶୋଚନା କଲେ। ପୁଷ୍ପଗିରିସ୍ଥ ସାଧକ ବୌଦ୍ଧ ତପସ୍ୱୀଙ୍କ ସଂପର୍କରେ ଆସିଲେ। ସବୁଦିନ ପାଇଁ ଅସ୍ତ୍ର ତ୍ୟାଗ କଲେ। ଅହିଂସା ଓ ସତ୍ୟର ବିଜୟ ବାଣୀ ଦୀକ୍ଷା ସ୍ୱରୂପ ନେଇ ଶାନ୍ତିର୍ବଚନର ପ୍ରଚାର ଓ ପ୍ରସାରରେ ମନୋନିବେଶ କଲେ। ଶିଳାତୀର୍ଥ ଖପିଳଙ୍ଗ ଜଉଗଡ଼ ଠାରେ ଲେଖିଗଲେ ସତ୍ୟ ଅହିଂସା କରୁଣା ପ୍ରେମ ମମତା ମୈତ୍ରୀର ମାର୍ମିକ ଆବେଗମୟ ଭାଷା । ପ୍ରଜାଙ୍କ ଲାଗି ମାନବ ଧର୍ମୀୟ ଅନୁଶାସନ ଶିଳା ସନ୍ଦେଶ। ଏବେ ମଧ୍ୟ ଜଉଗଡ଼ ପାହାଡ଼ ପାଷାଣ ପ୍ରାକୃତିକ ପ୍ରାଚୀରରେ ଉପଲବ୍ଧ ଅକ୍ଷତ ଭାବରେ ଅନୁଶାସନାବଳୀ ଦୃଷ୍ଟିଗୋଚର ହୋଇ ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ବୀର କଳିଙ୍ଗ ଭୂମିକୁ। ଦେଉଛି ଶୌର୍ଯ୍ୟର ପ୍ରମାଣ, ଶାନ୍ତିର ବାର୍ତ୍ତା। ଦେଉଛି ସହୃଦୟର ପ୍ରଚ୍ଛନ୍ନ ପ୍ରଣାମ।

ନାହାନ୍ତି ଆଜି କଳିଙ୍ଗ ସମ୍ରାଟ। ଫେରିଯାଇଛି ମଗଧାଧିପତି ଧର୍ମାଶୋକର ନୂତନ ପରିଚୟ ନେଇ। କିନ୍ତୁ ରହିଛି ସେହି ତାରାକକ୍ଷ ପାହାଡ଼- ଯେଉଁ ଦହିହାଣ୍ଡି ଶୃଙ୍ଗଭୂମିରେ ଆଜି ତାରାତାରିଣୀ ପୂଜା ପାଆନ୍ତି । ତାରାତାରିଣୀ ମନ୍ଦିର ଏକ ସୁପ୍ରତିଷ୍ଠିତ ଶକ୍ତିପୀଠର ପର୍ଯ୍ୟଟନ ସୁଖଦ କେନ୍ଦ୍ରଭିତ୍ତିକ ଆକର୍ଷଣୀୟ ପରିଚୟ ବହନ କରି ଦୂରରୁ ଦୃଷ୍ଟି ପଥାରୁଢ଼ ହେଉଛି। ଭକ୍ତମାନଙ୍କ ହୃଦୟରେ ଅଟଳ ଓ ଅପାର ଧର୍ମୀୟ ଆସ୍ଥା, ବିଶ୍ୱାସ କେଉଁ କାଳରୁ ଅତୁଟ ହୋଇ ରହି ଆସିଛି।

କଳିଙ୍ଗ ରାଜା କୁଆଡ଼େ ଗଲେ ଇତିହାସ ଜାଣିଲାନି, ମଗଧ ସମ୍ରାଟ ଅଶୋକ ଶାନ୍ତି ବାର୍ତ୍ତା ଆବର୍ତ୍ତନାର୍ଥେ ନୂତନ ଦିବ୍ୟ ମାର୍ଗ ବାଛିନେଲେ। କିନ୍ତୁ ଏପରି ଜଘନ୍ୟ ପ୍ରଜା ସଂହାର ଦୃଶ୍ୟପଟରେ କଳିଙ୍ଗ ସମ୍ରାଟଙ୍କ ସୀମା ସ୍ଥଳ ଅଧିଷ୍ଠିତା ଆରାଧ୍ୟା ତାରା ତାରିଣୀ ଦେବୀ ନିଜ ସାମ୍ରାଜ୍ୟବାସୀ ଭକ୍ତଙ୍କୁ ରକ୍ଷା କରିନପାରି ଅକଥନୀୟ ଅନୁଶୋଚନାରେ ତାରାକକ୍ଷ ପାହାଡ଼ର ଦହି ହାଣ୍ଡି ଶିଖରରୁ ଅନ୍ତର୍ହିତ ହୋଇ ପଡ଼ିଥିଲେ। ସେହି ଦିନରୁ ଶକ୍ତି ଶୂନ୍ୟ ହୋଇଗଲା ତାରା କକ୍ଷ ପାହାଡ଼। ସେହି ଶିଖର ଦେଶରେ ପୁନଃ ଜଗଜ୍ଜନନୀ ପ୍ରବଳ ଶକ୍ତି ସ୍ୱରୂପିଣୀ ତାରାତାରିଣୀ କେଉଁ ପରିସ୍ଥିତିରେ ସିଂହାସନାରୂଢ଼ା ହେଲେ ଏହି ପରିପ୍ରେକ୍ଷୀରେ ତା'ର ସମ୍ୟକ୍ ବିବରଣୀ ସୁପ୍ରତିଷ୍ଠିତ ଜନଶ୍ରୁତି ଆଧାରରେ ଉପସ୍ଥାପନ ସ୍ୱଚ୍ଛ ଶବ୍ଦରେ କରିବାକୁ ଲେଖକ ଉପାଦେୟ ମନେ କରୁଛି।

ଏକଦା ବସୁ ପ୍ରହରାଜା ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଯଜ୍ଞ ମହାସମାରୋହରେ କରିବାକୁ ମନସ୍ଥ କରିଥିଲେ। ଏହି ଯଜ୍ଞ ଏପରି ବ୍ୟୟବହୁଳ ଥିଲା- ଯାହାର ଅନ୍ନ ଯଜ୍ଞ ବିଭାଗର ପରିଚାଳନା ପାଇଁ ଡାଲି ଫୁଟଣକୁ ବାଇଶି ଭରଣ ଜୀରା (ପ୍ରାୟ ପଚାଶ କ୍ୱିଣ୍ଟାଲ୍) ଆବଶ୍ୟକ ପଡ଼ିଥିଲା। ବଦାନ୍ୟ ରାଜନ୍ୟମଣ୍ଡଳୀଙ୍କ ପାଖକୁ ଅନ୍ନବ୍ୟଞ୍ଜନ ପ୍ରସ୍ତୁତି ତାଲିକା ବସୁ ନେଇ ଯେବେ ଯାଆନ୍ତି ସମସ୍ତେ ତଟସ୍ଥ ଓ ଅସମର୍ଥ ହୋଇ ପଡ଼ିଥିଲେ ଦାନ ସହଯୋଗାର୍ଥେ । କାରଣ ଡାଲି ଫୁଟଣର ଜୀରା ପରିମାଣ ଯଦି ଏତେ ଅଧିକ ଅନ୍ୟାନ୍ୟ ଶସ୍ୟ ବସ୍ତୁପୂଜା ଆଦି ଉପକରଣର ଆବଶ୍ୟକତା କଳନାତୀତ ଥିଲା। ପରିଶେଷରେ ଯଜ୍ଞ ଆୟୋଜନ ଲାଗି ସଂକଳ୍ପବଦ୍ଧ ବସୁ ପ୍ରହରାଜ ମାନବ ଉପରେ ଆଶ୍ରୟ ଓ ଆଶା ନ କରି ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସାନ୍ତର ସାଦର ରଖି ଯଜ୍ଞକାର୍ଯ୍ୟକୁ ଅନ୍ତତଃ କାୟିକ ମାନସିକ ବାଚନିକ ସମର୍ଥନ ଦେଇ ଯଜ୍ଞସ୍ଥଳରେ ରାଜୋଚିତ ଆଡ଼ମ୍ବର ପଟୁଆରରେ ଉପସ୍ଥିତ ରହିବା ଲାଗି ଅଷ୍ଟଦୁର୍ଗର ଭୂପତିଙ୍କ ସହ ପଡ଼ୋଶୀ ରାଜ୍ୟର ନୃପବରବୃନ୍ଦଙ୍କୁ ନିବେଦନ କଲେ ଏବଂ ନିଜେ ଘୁମୁସରାଧିପତି ଭଞ୍ଜଙ୍କୁ ନିମନ୍ତ୍ରଣ ଦେବାଲାଗି କୁଲାଡ଼ ଗମନ କଲେ। ରାଜବିଧାନୋଚିତ ନିମନ୍ତ୍ରଣ ପ୍ରଦାନ କରି ସ୍ୱଗ୍ରାମ ଖରିଡ଼ା ଜଗନ୍ନାଥପୁର ଶାସନ ଅଭିମୁଖେ ପ୍ରତ୍ୟାବର୍ତ୍ତନ ଯାତ୍ରୀ ହେଲେ । ଆଠଗଡ଼ ଓ ଘୁମୁସର ସୀମାନ୍ତସ୍ଥ ଶୈଳଖଣ୍ଡ ଅରଣ୍ୟାନି ସଂକୁଳ ଦୁର୍ଗମ ପଥରେ ଫେରିବାକୁ ପଡୁଥିଲା । ଅଷ୍ଟଦୁର୍ଗ ମୁଲକର ସୁଖ୍ୟାତ ଅସ୍ତାଚଳ ମନ୍ଦାର ଶିଖରୀମାଳାର ଶିଖର ଦେଶରେ ବିକର୍ତ୍ତନ ବିକର୍ତ୍ତିତ ହୋଇ ଅସ୍ତ ଯାଉଥିଲେ। ଲୋହିତ ମନୋଜ୍ଞ କୋମଳ ରଶ୍ମି ବିଚ୍ଛୁରିତ ହୋଇ ପଡୁଥିଲା - ବୃକ୍ଷଲତା ବେଷ୍ଟିତ ରମଣୀୟ ଅଖଣ୍ଡ ପ୍ରାକୃତିକ ଅଭିରୂପମୟ ନିସର୍ଗ ସଂଗଠିତ ଚିତ୍ରପଟ୍ଟରେ ସହସା ବସୁଙ୍କ ଦୃଷ୍ଟିଗୋଚର ହେଲେ ଶିଳା ଶଯ୍ୟା ଉପରେ ଅଲୌକିକ ରୂପ ମାଧୁରୀ ସଂପନ୍ନା କିଶୋରୀ ଯାମଳ ଭଗିନୀ। ସେମାନଙ୍କ ମୁଖମଣ୍ଡଳରୁ ଅପୂର୍ବ ଜ୍ୟୋତି ନିର୍ଗତ ହେଉଥିଲା। ସେମାନେ ଅତ୍ୟନ୍ତ ସୁପ୍ରସନ୍ନ ଓ ଦେବୀ ସମ ସୁନ୍ଦର ଥିଲେ। ମୁକୁଳିତ କେଶରେ ଭଗିନୀ ଦ୍ୱୟ ଉପବେଶନ କରିଥିଲେ । ବିଜନ ଭୂମିରେ ଏପରି ଅସମୟରେ କନ୍ୟାବେନିଙ୍କୁ ଦେଖି ବିସ୍ମିତ ଓ ଆନନ୍ଦିତ ହୋଇପଡ଼ିଲେ। ସାଥୀରେ ଥିବା କାଲୁ ଭଣ୍ଡାରୀ କେବଳ ସ୍ତମ୍ଭୀଭୂତ ହୋଇ ଚାହିଁ ରହିଥିଲା । ଗୋସାଇଁ ମହାପ୍ରଭୁ ବସୁ ପ୍ରହରାଜଙ୍କ ପ୍ରତିକ୍ରିୟା ଲକ୍ଷ୍ୟ କରୁଥିଲା ।

ବସୁ ପ୍ରଶ୍ନ କଲେ- 'ତୁମେ କିଏ? ଏହି ନିର୍ଜନ ବେଳାରେ ଏକାକିନୀ କାହିଁକି ବସିଛ?' କନ୍ୟାଦ୍ୱୟ ଉତ୍ତର ଦେଲେ- 'ଆମେ ତାରାତାରିଣୀ' କୁଲାଡ଼ ରାଜଭବନରେ ଆପଣ ନିମନ୍ତ୍ରଣ ଭଞ୍ଜ ରାଜାଙ୍କୁ ଦେଇଥିଲେ- ଅଗ୍ନିଷ୍ଟୋମ ଓ ଶରତ୍ ବାଜେପେୟ ଯଜ୍ଞ ଦେଖି ଆସିବାକୁ। କଳିଯୁଗରେ ଏପରି ଯଜ୍ଞାନୁଷ୍ଠାନ କରିବାକୁ ଯାଉଛନ୍ତି- ବସୁ ପ୍ରହରାଜ, ଆମ୍ଭମନରେ ଆନନ୍ଦ ଓ କୌତୁହଳ ଜାତ ହେଲା । ଆମ୍ଭେ ଆପଣଙ୍କୁ ଅନୁଧାବନ କରି ଆସିଛୁ । କ୍ଲାନ୍ତ ହୋଇ ବସି ପଡ଼ିଥିଲୁ। ଆପଣ ଓ କାଲୁଙ୍କୁ ଦେଖି ଏବେ ସୁଖୀ ହେଲୁ । ଆପଣଙ୍କ ଗୃହକୁ ଯିବାକୁ ବର୍ତ୍ତମାନ ପ୍ରସ୍ତୁତ, ଆମ୍ଭେ ବସୁଙ୍କ ଯଜ୍ଞ ଦେଖିବୁ।'

ବସୁ ପ୍ରହରାଜଙ୍କ ସହ ଆସିଲେ ତାରା ତାରିଣୀ ସେଦିନ ବସୁଗୃହକୁ। ପରମ ଆନନ୍ଦିତ ହୋଇ ପଡ଼ିଥିଲେ ବସୁ ପ୍ରହରାଜ। ସେମାନେ ବସୁଙ୍କୁ ପିତୃତୁଲ୍ୟ ମନେ କରି ବସୁ ଗୃହରେ ଅବସ୍ଥାନ କଲେ।

ପାଳିତା କନ୍ୟା ପରି ତାରା ତାରିଣୀ ଆଦୃତା ହେଲେ। ଲୋକ ଅଗୋଚରରେ ପିତୃ-କନ୍ୟା ସମ୍ବନ୍ଧ ନିବିଡ଼ ହୋଇ ପଡ଼ିଥିଲା। ସେମାନେ କନ୍ୟା ପରି ଯାତାୟତ କରୁଥିଲେ। ଅସ୍ୱାଭାବିକତା କିଛି ନଥିଲା। ଆଶ୍ଚର୍ଯ୍ୟର କଥା ତାରାତାରିଣୀଙ୍କ ଉପସ୍ଥିତିରେ ବସୁଙ୍କ ଯଜ୍ଞ ଅନୁଷ୍ଠାନ ସଂକଳ୍ପ କାର୍ଯ୍ୟକାରୀ ହେବାରେ ଆଦୌ ବାଧା ରହିଲା ନାହିଁ। ଅନିଶ୍ଚିତତା ଓ ଆଶଙ୍କା ବସୁ ହୃଦୟରୁ ଆପେ ଦୂରୀଭୂତ ହେଲା। ପଦାର୍ଥ ଉପକରଣ ଗୃହ ଆପେ ଆପେ ପୂର୍ଣ୍ଣ ହୋଇଗଲା।

ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଉଭୟ ଯଜ୍ଞ ମହାସମାରୋହରେ ଯାବତୀୟ ବିଧି ବିଧାନ ମଧ୍ୟରେ ସମାହିତ ହେଲା। ନିର୍ବିଘ୍ନରେ ଯଜ୍ଞାନୁଷ୍ଠାନ ଶେଷ କରିଥିଲେ। ସଂଖ୍ୟାତୀତ ଶ୍ରଦ୍ଧାଳୁ ଜନତା ଅହୋରାତ୍ରି ଯଜ୍ଞ ପ୍ରସାଦ ଭୋଜନ କରି ତୃପ୍ତ ହୋଇ ଫେରି ଯାଉଥିଲେ। ଯାଚକମାନେ ଯାଚନା କରିବା ମାତ୍ରକେ ପୂର୍ଣ୍ଣକରରେ ଫେରି ଯାଉଥିଲେ। ସର୍ବସ୍ୱ ଦାନ କରିବାକୁ ଲାଗିଥିଲେ ବସୁ ପ୍ରହରାଜ। ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ଠାରୁ ଆରମ୍ଭ କରି ଆଠଗଡ଼, ଧରାକୋଟ, ଖଲ୍ଲିକୋଟ ଘୁମୁସର ଇତ୍ୟାଦି ସେତେବେଳର ଦକ୍ଷିଣ ଓଡ଼ିଶାର ଅଠର ଗଡ଼ର ରାଜାମାନେ ସେହି ଯଜ୍ଞରେ ଉପସ୍ଥିତ ଥିବାର କପିଳେଶ୍ୱର ରଚନାବଳୀରୁ ଜଣାଯାଏ । ଶରତ ବାଜପେୟ ଯଜ୍ଞ ପୀଠରେ ବର୍ତ୍ତମାନ ଜଗନ୍ନାଥ ମୂର୍ତ୍ତି ଯଜ୍ଞନାରାୟଣ ବିଜେ କରିଥିବା ଓ ଅଗ୍ନିଷ୍ଟୋମ ପୀଠରେ କୂପ ପ୍ରତିଷ୍ଠିତ ହେବା ଏବଂ ଉଭୟ ପବିତ୍ର ପୀଠରେ ବସୁଙ୍କ ବଂଶଧରମାନେ ଅଧିବାସୀ ହୋଇ ବାସ କରୁଥିବା ତଥ୍ୟ ଉକ୍ତ ରଚନାବଳୀରେ ଉଲ୍ଲେଖ ରହିଛି।

ଏହି ଅସାଧାରଣ ଯଜ୍ଞରେ ଦିନେ ସ୍ୱୟଂ ନାରାୟଣ କ୍ଷୁଧାର୍ତ୍ତ ବ୍ରାହ୍ମଣ ବେଶ ଧାରଣ କରି ଉପସ୍ଥିତ ହୋଇଥିଲେ। ବ୍ରାହ୍ମଣଙ୍କର ଭିକ୍ଷା ଥିଲା ଏକ ଗୁଆରସ କଳସୀ। ବସୁ ବ୍ରାହ୍ମଣଙ୍କୁ ଅନ୍ୟ କିଛି ଖାଦ୍ୟ ବ୍ୟଞ୍ଜନ ଭୋଜନ ଲାଗି ମାଗିବାକୁ କହିଥିଲେ ହେଁ ବ୍ରାହ୍ମଣଙ୍କର ଜିଦ୍ ଥିଲା ଏକ ପୂର୍ଣ୍ଣ ଗୁଆରସ କଳସୀ। ସେ ବସୁଙ୍କୁ କହିଥିଲେ ଗୁଆରସ ବ୍ୟତୀତ ସେ କିଛି ଭୋଜନ କରନ୍ତି ନାହିଁ। କାଳବିଳମ୍ବ ନକରି ଗୁଆରସ ଭେଜାନ ଦେବାର ବ୍ୟବସ୍ଥା ହେଉ- ନୋଚେତ୍ ସେ ଭୋକରେ ବସୁ ଯଜ୍ଞ ଶାଳାରୁ ଫେରିଯିବେ। ଚିନ୍ତାରେ ପଡ଼ିଯାଇଥିଲେ ବସୁ ପ୍ରହରାଜ। ବ୍ରାହ୍ମଣଙ୍କ ଗୁଆରସ ଭୋଜନ ଅଭିଳାଷ ପୂର୍ଣ୍ଣ କରିବାକୁ ହେଲେ ଯଥେଷ୍ଟ ଗୁଆ ସଂଗ୍ରହ କରିବାକୁ ହେବ। ଗୁଆ ପରି କଠିନ ବସ୍ତୁରୁ ରସ ଆହରଣ ହେବ ବା କିପରି? ପୁଣି ଏକ ପୂର୍ଣ୍ଣ କଳସ ଗୁଆରସର ଆବଶ୍ୟକତା, ସ୍ୱ କାର୍ଯ୍ୟାଳୟରେ ମଥାବନତ କରି ବସିପଡ଼ିଲେ ବସୁ ପ୍ରହରାଜ । ଏପରି ଧର୍ମସଂକଟ ସମୟରେ ତାରା ତାରିଣୀ ନିର୍ଜନ ପ୍ରକୋଷ୍ଠରେ ପିତା ବସୁଙ୍କ ପାଖରେ ଉପସ୍ଥିତ ହୋଇ ଚିନ୍ତାର କାରଣ ବୋଧ କଲେ। ଯାଚକ ଗୁଆରସ ଭୋଜନ ନ କରି ଫେରିଗଲେ ଯଜ୍ଞ ଫଳ ଶୂନ୍ୟ ହୋଇପଡ଼ିବ କହିଲେ- ବସୁ ପ୍ରହରାଜ। କିନ୍ତୁ ତାରା ତାରିଣୀ ରୋଷେଇ ଘରେ ଏକ ପୂର୍ଣ୍ଣ ଗୁଆରସ କଳସୀ ମହଜୁଦ ଥିବା କଥା ଶୁଣାଇ କରି ରୋଷେଇ ଘରେ ପୂର୍ଣ୍ଣ ଗୁଆରସ କଳସୀକୁ ଆବିଷ୍କାର କଲେ ଓ ତତ୍‌କ୍ଷଣାତ୍ ବ୍ରାହ୍ମଣଙ୍କୁ ଭେଜାନ ଲାଗି ପରିବେଷଣ ନିଜେ କରିଥିଲେ। ଚମତ୍କାର ଦୃଶ୍ୟ ଦେଖିବାକୁ ପାଇଥିଲେ ବସୁ ପ୍ରହରାଜ। ବ୍ରାହ୍ମଣଙ୍କ ସ୍ଥାନରେ ସ୍ୱୟଂ ନାରାୟଣ ଠିଆ ହୋଇେ ଆଶୀର୍ବଚନ ଶୁଣାଇ ଯଜ୍ଞ ସାଫଲ୍ୟ ଘୋଷଣା କରିଥିଲେ । ବସୁ ଓ ନାରାୟଣଙ୍କ ଭେଟ ଅତ୍ୟନ୍ତ ରୋମାଞ୍ଚକର ଥିଲା।

ଯଜ୍ଞ ଶେଷରେ ଘର ଝିଅମାନେ ସେମାନଙ୍କ ପତି ଗୃହକୁ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତ ହେଲେ। ବସୁ କାଚରାଙ୍କୁ ଡକାଇ ପଠାଇଲେ। ସମସ୍ତ ଝିଅ ଓ ବୋହୂଙ୍କୁ କାଚରା କାଚ ପିନ୍ଧାଇଲା। କାଚରା କାଚର ପଇସା ପୈଠ ନେଲାବେଳେ ହିସାବରେ ଚାରି ମୁଠା ଅଧିକ ଦାବି କଲା। ମାତ୍ର କାଠ ପିନ୍ଧିଥିବା ସ୍ତ୍ରୀମାନଙ୍କର ସଂଖ୍ୟା ବାରମ୍ବାର ଗଣନା କଲା ସମୟରେ ଦୁଇଜଣଙ୍କ କାଚ ଅଧିକ ଆସିବା କଥା ଜଣାପଡ଼ିଲା- କାଚରାର ଦାବି ଅନୁସାରେ ଆଉ କାହାକୁ ଅଧିକ ପିନ୍ଧାଇଲା ବୋଲି ଅନୁସନ୍ଧାନ ଚାଲିଲା। ବସୁ ଠାକୁର ଘର କବାଟ ଖୋଲିଲେ। ଦୁଇ ଭଉଣୀ ତାରା ତାରିଣୀ ସୁନ୍ଦର ପଞ୍ଚୁବର୍ଣ୍ଣୀ ଚାରିମୁଠା କାଚ ପିନ୍ଧି ବସିଛନ୍ତି ଓ ହସୁଛନ୍ତି। ତାରା ତାରିଣୀ ପିତା ବସୁ ପ୍ରହରାଜଙ୍କୁ ପ୍ରଶ୍ନ କରିଥିଲେ- "ସବୁ ଝିଅ ବୋହୂ ସମସ୍ତ ସ୍ତ୍ରୀ ଲୋକ କାଚ ପିନ୍ଧିଲେ- ଆମ୍ଭେ ଆପଣଙ୍କର ଝିଅ। ଆମ୍ଭେ କାଚ ନ ପିନ୍ଧିବୁ କିପରି । ଆପଣ ଘରର ସବୁ ଝିଅଙ୍କୁ ଯେପରି ସମ୍ମାନ ସସମ୍ଭାରେ ପତି ଗୃହକୁ ବିଦାୟ ଦେବେ ଆମ୍ଭର ବିଦାୟ ବ୍ୟବସ୍ଥା ଆପଣ କରନ୍ତୁ ।" ବସୁ ପ୍ରଶ୍ନ କଲେ- ତୁମ୍ଭେ ଯିବ କେଉଁଠିକି?

ତାରା ତାରିଣୀ ଉତ୍ତର ଦେଲେ- ଋଷିକୁଲ୍ୟାର ଦକ୍ଷିଣ ତୀରରେ ଅବସ୍ଥିତ ତାରାକକ୍ଷ ପାହାଡ଼। ମୁଁ ତାରା ବହୁଦିନ ହେଲା ମୋହର ପୀଠ ଛାଡ଼ି ଚାଲିଯାଇଥିଲି। ଦହିହାଣ୍ଡି ଶୃଙ୍ଗରେ ମୋହର ଆସ୍ଥାନ ଶୂନ୍ୟପଡ଼ିଛି - ମୋର ଏ ଭଉଣୀ ତାରିଣୀ ସହ ଚିରଦିନ ପାଇଁ ତାରାକକ୍ଷ ପାହାଡ଼ରେ ରହିବି । ତାରା ତାରିଣୀ ନାମରେ ଆମ୍ଭେ ବିଖ୍ୟାତ ହେବୁ କାଳ କାଳକୁ। ଆପଣ ବସୁ ପ୍ରହରାଜ ଆମ୍ଭର ପିତା ଭାବେ ଜନ ଜଗତରେ ସ୍ମରଣୀୟ ହୋଇ ରହିବେ।

ତାରା ତାରିଣୀଙ୍କ ଇଚ୍ଛା ପୂର୍ଣ୍ଣ କଲେ ବସୁ ପ୍ରହରାଜ। କନ୍ୟା ତାରା ତାରିଣୀ ଶିଳା ମୂର୍ତ୍ତିରେ ବସୁଙ୍କ ଦିଅଁ ଘରେ ରୂପାନ୍ତରିତ ହୋଇଯାଇଥିଲେ। ବସୁ, କନ୍ୟାଙ୍କ ବିଦାୟ ଉତ୍ସବ ଆୟୋଜନ କଲେ। ଘଣ୍ଟ, ମୃଦଙ୍ଗ, ମର୍ଦ୍ଦଳ, କାହାଳୀ, ତୂରୀ ବାଜି ଉଠିଲା। ଲଳନାଙ୍କ କଣ୍ଠ ହୁଳହୁଳି ଶୁଭଧ୍ୱନିରେ ନିନାଦିତ ହେଲା ଖରିଡ଼ା ଧରଣୀ। ବିଶାଳ ଶୋଭାଯାତ୍ରା, ତାରା ତାରିଣୀଙ୍କର ଆରମ୍ଭ ହେଲା ଚୈତ୍ର ମାସ ପ୍ରଥମ ମଙ୍ଗଳବାର ଦିନ, ମୁଣ୍ଡମୟ ଦେଖାଗଲା ଚତୁର୍ଦ୍ଦିଗ। ଲୋକ ଅରଣ୍ୟ ହୋଇ ଉଠିଲା ତାରାକକ୍ଷ ପାହାଡ଼ ଆଡ଼କୁ ଲମ୍ବି ଯାଇଥିବା ରାସ୍ତା। ବସୁ ନିଜେ ତାରା ତାରିଣୀଙ୍କୁ ତାରାକକ୍ଷ ପାହାଡ଼ରେ ଦହିହାଣ୍ଡି ଶୃଙ୍ଗରେ ଆସୀନ କରାଇଲେ- ମନ୍ତ୍ର ଧ୍ୱନିର ପବିତ୍ର ଉଚ୍ଚାରଣରେ, ତାରାତାରିଣୀ ମା' ରୂପେ ସବୁଦିନ ପାଇଁ ବିଜେ ହୋଇ ତାରାକକ୍ଷ ପାହାଡ଼ରେ ରହିଲେ। ବସୁ କନ୍ୟାଙ୍କୁ ଯଥା ପୂଜା ଆରାଧନା ମଧ୍ୟରେ ସ୍ଥାପନ କରି ଖରିଡ଼ା ସ୍ୱଗୃହକୁ ଫେରିଲେ। ସେହିଦିନ ଠାରୁ ବସୁଙ୍କର ଘର ସ୍ତ୍ରୀ ମାନେ ପଞ୍ଚୁବର୍ଣ୍ଣୀ କାଚ ନ ପିନ୍ଧି ଶୁକ୍ଳ ଟୋପା ଥିବା କଳା କାଚ ପିନ୍ଧିବାର ପରମ୍ପରା ଗ୍ରହଣ କଲେ।

ବସୁ ପ୍ରହରାଜ ଅଭୂତପୂର୍ବ ଯଜ୍ଞ ଅନୁଷ୍ଠାନ ସଂଗଠନରେ ସାଫଲ୍ୟ ଅର୍ଜନ ସକାଶେ ଦେବୀଙ୍କ ପାଖରେ ଯେଉଁ ପ୍ରଚ୍ଛନ୍ନ ଆଶାପୋଷଣ କରିଥିଲେ, ଫଳତଃ ନବ ବିଦ୍ୟୁ ଆଭା ଲକ୍ଷ୍ମୀ ସଦୃଶା ବେନି ଭଗିନୀଙ୍କର ଦର୍ଶନ ନେଇ ସ୍ତମ୍ଭୀଭୂତ ହୋଇଯାଇଥିଲେ। ସେମାନେ ହିଁ ଲକ୍ଷ୍ମୀ ରୂପରେ ଅଜାଡ଼ି ଦେଇଥିଲେ ଅଯାଚିତ ଐଶ୍ୱର୍ଯ୍ୟ ଡାଲି ଫୁଟଣ ଲାଗି ଆବଶ୍ୟକ ଥିବା ବାଇଶି ଭରଣ ଜୀରା ସହ ସମସ୍ତ ଉପାଦାନ ଓ ଉପକରଣ ଯଜ୍ଞ ଭଣ୍ଡାର ଶାଳାରେ ଭର୍ତ୍ତି କରୁଥିଲେ ତାରା ତାରିଣୀ।

ପୁରାଣ କଥା ଅନୁସାରେ ସତୀ ଦକ୍ଷ ଯଜ୍ଞରେ ଆତ୍ମାହୂତି ଦେଇଥିବା ବେଳେ ଶିବଙ୍କ କରରେ ବିଖଣ୍ଡିତ ହୋଇ ସ୍ତନ ଋଷିକୁଲ୍ୟା କୂଳ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖରେ ପଡ଼ିଥିଲା । ସ୍ତନପୀଠ ଭାବରେ ଏହି ପୀଠ ପରିଚିତ। ସ୍ତନ ଦ୍ୱୟ ତାରାତାରିଣୀ ଭାବରେ ପ୍ରକଟିତ। ଲୋକ ମୁଖରେ ତାରାତାରିଣୀଙ୍କ ସମ୍ବନ୍ଧରେ ଶୁଣାଯାଉଛି ଯେ ଥରେ ବଶିଷ୍ଠ ମୁନି ସ୍ତନ ପୀଠରେ ତାରାତାରିଣୀଙ୍କୁ ଆରାଧନା କରି ଅଭୀଷ୍ଟ ପୂରଣ କରିବାରେ ଅକ୍ଷମ ହୋଇଥିଲେ ଓ ସ୍ତନ ପୀଠ ଗୌରବ ନେଇ ଅହଂକାରିଣୀ ବୋଲି ଭର୍ତ୍ସନା କରି ଅଭିଶାପ ଦେଇଥିଲେ ଅପୂଜା ରହିବା ପାଇଁ। ତାରାତାରିଣୀଙ୍କ ଆବିର୍ଭାବ ଓ ବିନୟ ବଚନରେ ଶାପ ମୋଚନର ସୂଚନା ଦେଇଥିଲେ। "ବ୍ରାହ୍ମଣ କୂଳରେ ବସୁ ପ୍ରହରାଜ ଜନ୍ମ ନେବେ ଓ ତାରାତାରିଣୀ ତାଙ୍କର କନ୍ୟା ଭାବରେ ପାଳିତ ହେବେ। ବସୁ ପ୍ରହରାଜ ହିଁ ତାରା ତାରିଣୀଙ୍କୁ ପ୍ରତିଷ୍ଠିତ କରାଇ ଅପୂଜ୍ୟା ଦୋଷରୁ ମୁକ୍ତ କରି ଜଗତ ପୂଜ୍ୟ କରାଇବେ- ଦହି ହାଣ୍ଡି ପାହାଡ଼ ଶୃଙ୍ଗରେ।"

ନରସିଂହ ମାଠଙ୍କ ରଘୁନାଥ କୀର୍ତ୍ତନରେ ଲେଖାଅଛି- ମହୀରାବଣ ରାମ ଲକ୍ଷ୍ମଣଙ୍କୁ ପାତାଳକୁ ଅପହରଣ କରି ନେଲା । ସୀତା ଏହି ବାର୍ତ୍ତା ଅସୁରୀମାନଙ୍କ ଠାରୁ ପାଇ ଅତି ଶୋକରେ ଅଶୋକବନରେ ରୋଦନ କଲେ । ସୀତାଙ୍କ ବେନି ଅଶ୍ରୁ ବିନ୍ଦୁରୁ ବେନି ଚଣ୍ଡୀ ଭୀଷଣ ରୂପ ବହନ କରି ଆବିର୍ଭୂତ ହେଲେ। ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କଲେ। ବିଂଶବାହୁ ସବଂଶ ବିନଷ୍ଟ ହେଲେ। ଲଙ୍କା ବିଜୟ ରାଘବ କଲେ। ସୀତା ଲଙ୍କା ବିଜୟ ପରେ ବେନି ଚଣ୍ଡୀ ଦେବୀଙ୍କୁ ଋଷିକୁଲ୍ୟା ନଦୀ ତୀରସ୍ଥ ତାରାକକ୍ଷ ପାହାଡ଼ର ଦଧିହାଣ୍ଡି ଶୃଙ୍ଗରେ ସଂସ୍ଥାପିତ କରାଇଥିଲେ। ସେହି ଦେବୀଦ୍ୱୟ ସଂକଟ ତାରିଣୀ ତାରା ତାରିଣୀ ନାମରେ ଖ୍ୟାତି ବହନ କରି ଗଞ୍ଜାମରେ ରାମାୟଣ ସମୟରୁ ପୂଜା ପାଇ ଆସୁଛନ୍ତି । କବି ନରସିଂହ ମାଠଙ୍କ ଭାଷାରେ-

"ହୋଇଲା ମୋର ଦୁଃଖ ଲୋତକୁ ଜନ୍ମ ତୁମ
ଦେଲଇ ତୋଷେ ହେ ତାରା ତାରିଣୀ ନାମ,
ରଖିଲ ସ୍ୱାମୀଙ୍କୁ ମୋ ସଙ୍କଟ ତାରି ଦେଲେ,
ସଙ୍କଟ ତାରିଣୀ ତୁମ୍ଭେ ବୋଲାଅ କାଳେ
କାଳେ।"

ସେହି ତାରା ତାରିଣୀ ହିଁ ଆଜି ତାରାକକ୍ଷ ପାହାଡ଼ ଶିଖର ସ୍ଥଳରେ ଭକ୍ତାଭୀଷ୍ଟ ପୂର୍ଣ୍ଣ କରି ଚାଲିଛନ୍ତି- ଚାରିଶହ ବର୍ଷର ଇତିହାସ ନେଇ। କି ଶିକ୍ଷିତ, କି ଅଶିକ୍ଷିତ ସମସ୍ତେ କଥିତ ଅଞ୍ଚଳରେ ମାଆଙ୍କ କରୁଣା ଆଶ୍ରୟ ଓ ଅଭୀଷ୍ଟ ପୂରଣ ଆଶାୟୀ। ଆଜି ତାରାତାରିଣୀ ପୀଠର ଅନେକ ଉନ୍ନତି ସାଧିତ ହୋଇଚାଲିଛି- ଉନ୍ନୟନ ପରିଷଦଙ୍କ ଉନ୍ନତ ପରିଚାଳନାରେ- ଦୂରଦୃଷ୍ଟି ସଂପନ୍ନ ମହାନ୍ ସଂଗଠନରେ, ପ୍ରଶାସନର ସହଯୋଗ ହାତ ମଧ୍ୟ ଲମ୍ବିଛି ମା'ଙ୍କ ପୀଠର ଉନ୍ନତିକରଣରେ। ଗଣମାଧ୍ୟମ ବନ୍ଧୁଗଣ ମାଆଙ୍କ ମହିମା ଓ ପୀଠର ଆକର୍ଷଣ ବିଶେଷତ୍ୱ ବର୍ଣ୍ଣନା କରିଚାଲିଛନ୍ତି ସ୍ୱ ସ୍ୱ କ୍ଷମତା ପରିସରରେ।

ଏକଦା ପୁରୁଷୋତ୍ତମପୁର ଥାନା ଅଧିକାରୀ ଅଭିମନ୍ୟୁ ପ୍ରଧାନ ପାଦରୁ ଶିଖଯାଏଁ ପକ୍କା ପିଚୁ ରାସ୍ତା, କଳ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା କରି ସ୍ମରଣୀୟ ଅଛନ୍ତି। ଭକ୍ତ ଶିରୋମଣି ଚିଟି ରାମେୟା ନ ଶହ ଅନେଶ୍ୱତ ପାବଚ୍ଛ ତାରାତାରିଣୀଙ୍କ ଇଚ୍ଛା ଓ ଆଶୀର୍ବାଦରେ ନିର୍ମାଣ କରିଥିବା କଥା ଜନଶ୍ରୁତିରେ ରହିଛି।

ତାରାତାରିଣୀ ପୀଠ କେବଳ ଏକ ଆଧ୍ୟାତ୍ମିକ ଆକର୍ଷଣ ବିଭବର ପୀଠ ନୁହେଁ- ଏହାର ପ୍ରାକୃତିକ ଦୃଶ୍ୟ ବହୁଳ ସଂସ୍ଥିତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସର୍ବ ଯୋଗ୍ୟତା ସଂପନ୍ନ ପ୍ରକୃଷ୍ଟ କ୍ଷେତ୍ର । ଆର୍ଥିକ ସ୍ଥିତି ସୁଧାରିବାରେ ପର୍ଯ୍ୟଟନ ଶିଳ୍ପକୁ ପ୍ରାଧାନ୍ୟ ଓ ମାନ୍ୟତା ଦିଆଯାଉଥିବା ସ୍ଥଳେ ଏହାକୁ ପର୍ଯ୍ୟଟନ କ୍ଷେତ୍ର ଘୋଷଣାରେ ସ୍ଥାନୀୟ ଜନସାଧାରଣଙ୍କ ଅର୍ଥ ସ୍ୱଚ୍ଛଳତା ରକ୍ଷାରେ ତାରାତାରିଣୀ ପୀଠ ଯେ ସହାୟକ ହେବ ଏହା କହିବା ବାହୁଲ୍ୟ ମାତ୍ର। ବର୍ତ୍ତମାନ ତାରାତାରିଣୀଙ୍କ ନବନିର୍ମିତ ସୁଦୃଶ୍ୟ ଭବ୍ୟ ମନ୍ଦିର ଭକ୍ତମାନଙ୍କୁ ଦୂରଦୂରାନ୍ତରୁ ଆକର୍ଷିତ କରୁଛି । ଏହି ପୀଠରେ ଅଦ୍ଭୁତ ଉନ୍ନତି ଦର୍ଶନରେ ପ୍ରାଣ ଉଲ୍ଲସିତ ହୋଇ ଉଠୁଛି- ଦ୍ରୁମ ବହୁଳ ବଙ୍କିଳ ଉନ୍ନତ ପଥରେ ବାରବାର ଯିବାକୁ ଜନମନ ବ୍ୟାକୁଳ ହେଉଛି।

*ଲୁଣିଘାଟୀ, ଗୋପୀନାଥପୁର ଶାସନ*
*ପୋଲସରା, ଗଞ୍ଜାମ*
*ଦୂରଭାଷ : ୮୭୬୩୪୭୪୩୮୮*





ଏକମାତ୍ର

ଭୁବନେଶ୍ୱର, ୧୦ ନଭେମ୍ବର - ୧୬ ନଭେମ୍ବର, ୨୦୨୫






# “ବନ୍ଦେ ମାତରମ୍” ରାଷ୍ଟ୍ରପ୍ରେମ, ଆତ୍ମବିଶ୍ୱାସ ଓ ଏକତାର ପ୍ରତୀକ: ଗୋଳକ



**ଭୁବନେଶ୍ୱର :** ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିବା ରାଷ୍ଟ୍ରଗୀତ “ବନ୍ଦେ ମାତରମ୍”ର ଶୀର୍ଷକକୁ ନେଇ ଦେଶର ବିଭିନ୍ନ ଭାଷାରେ ନାଟକ ପ୍ରଦର୍ଶିତ ହୋଇଛି। ସାରା ବିଶ୍ୱରେ କୌଣସି ଏକ ଗୀତର ଶୀର୍ଷକକୁ ରାଜନୈତିକ ସ୍ଲୋଗାନ ଓ ଆବାହ ସଂଗୀତ ଭାବେ ୧୫୦ ବର୍ଷ ଧରି ନିୟମିତ ବ୍ୟବହାର କରିବା ସମ୍ପୂର୍ଣ୍ଣ ବିରଳ। “ବନ୍ଦେ ମାତରମ୍”ଗୀତ ହେଉଛି ରାଷ୍ଟ୍ରପ୍ରେମ, ଆତ୍ମବିଶ୍ୱାସ ଓ ଏକତାର ପ୍ରତୀକ ବୋଲି ବରିଷ୍ଠ ନେତା ଗୋଲକ ମହାପାତ୍ର କହିଛନ୍ତି। “ବନ୍ଦେ ମାତରମ୍”ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ୧୮୭୫ ମସିହା ନଭେମ୍ବର ୭ ତାରିଖରେ ପ୍ରଖ୍ୟାତ ବଙ୍ଗଳା ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତିଟି ତାଙ୍କ ସମ୍ପାଦିତ ମାସିକ ସାହିତ୍ୟ ପତ୍ରିକା “ବଙ୍ଗ ଦର୍ଶନ”ରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିଲା। ସେହି ପ୍ରଥମ ସମ୍ପାଦନର ଏବେ ୧୫୦ ବର୍ଷ ପୂରଣ ହୋଇଛି। “ବନ୍ଦେ ମାତରମ୍” ଗୀତର ଶୀର୍ଷକଟି ରାଜନୈତିକ ସ୍ଲୋଗାନ ରୂପେ ୧୯୦୫ ମସିହାରୁ ବ୍ୟବହୃତ ହୋଇ ଆସୁଛି। ୧୮୯୬ରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ “ବନ୍ଦେ ମାତରମ୍” ଗୀତକୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ନିଜେ ସ୍ୱର ସଂଯୋଜନା କରିବା ସହ ନିଜ କଣ୍ଠରେ ଗାନ କରିଥିଲେ। “ବନ୍ଦେ ମାତରମ୍” ନାମରେ କଲିକତାରେ ଏବଂ ଲଣ୍ଡନରେ ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଜନଗଣ ମନକୁ ରାଷ୍ଟ୍ରୀୟ ସଂଗୀତ ଏବଂ “ବନ୍ଦେ ମାତରମ”କୁ ରାଷ୍ଟ୍ରୀୟ ଗୀତ ରୂପେ ସ୍ୱୀକୃତି ମିଳିଥିଲା। ଏହି ଗୀତଟି ୧୮୯୬ରୁ ୧୯୪୭ ପର୍ଯ୍ୟନ୍ତ ଭାରତବର୍ଷର ରାଜନୈତିକ ସଭାଗୁଡ଼ିକରେ ପାରମ୍ପରିକ ସଂଗୀତ ରୂପେ ଗାନ ହୋଇ ଆସୁଛି। ଏହି ମହାନ୍ ପରମ୍ପରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନରେ ସାରା ଦେଶରେ ଏହି ଗୀତର ୧୫୦ତମ ପୂର୍ତ୍ତି ପାଳନ ହେଉଛି। ଏହି ଅବସରରେ ମୋଦିଜୀ ଆଜି ଏକ ସ୍ମାରକୀ ଡାକ ଟିକେଟ ଓ ୧୫୦ ଟଙ୍କିଆ ମୁଦ୍ରା ଉନ୍ମୋଚନ କରିଛନ୍ତି। ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଏହି ମହାନ ଗୀତର ୧୫୦ ପୂର୍ତ୍ତି ଉତ୍ସବ ରାଜ୍ୟର ବିଭିନ୍ନ ବିଧାନସଭା କ୍ଷେତ୍ରରେ ଆୟୋଜନ କରାଯିବ ବୋଲି ଅନ୍ୟତମ ବରିଷ୍ଠ ନେତା ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଏବଂ ଭୁବନାନନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱଦେଶୀ ସାମଗ୍ରୀ ଓ ବସ୍ତୁ ଆପଣାଇବା ପାଇଁ ଶପଥପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପୂର୍ବତନ ଉପସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲ୍ଲୀପ ମଲ୍ଲିକ, ସୁଶାନ୍ତ ଜେନାଙ୍କ ସମେତ ପାର୍ଟିର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବନ୍ଦେ ମାତରମ୍ ହେଉଛି ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ରାଷ୍ଟ୍ରୀୟ ଗୀତ ‘ବନ୍ଦେ ମାତରମ୍’ ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ , ବନ୍ଦେ ମାତରମ୍ ହେଉଛି ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ। ‘ବନ୍ଦେ ମାତରମ’ କେବଳ ଏକ ଜାତୀୟତାବାଦ ଭିତ୍ତିକ ସଙ୍ଗୀତ ନୁହେଁ, ଏହା ଦେଶ ମାତୃକାର ବନ୍ଦନା। କାର୍ଯ୍ୟକ୍ରମ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୭ ନଭେମ୍ବର ୧୮୭୫ ରେ ଯେତେବେଳେ ତାଙ୍କ ଅମର କୃତି ‘ଆନନ୍ଦ ମଠ’ ମାଧ୍ୟମରେ ‘ବନ୍ଦେ ମାତରମ୍’ ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ ଗୋଟେ ନୂଆ ଯୁଗର ଆରମ୍ଭ ହେଲା। ଯେତେବେଳେ ସ୍ୱାଧିନତା ସଂଗ୍ରାମୀମାନେ ରାଜରାସ୍ତାରେ ବନ୍ଦେ ମାତରଂ, ଇନ୍‌କିଲାବ୍ ଜିନ୍ଦାବାଦ୍ ଭଳି ନାରା ଦେଇ ଜାତୀୟତାବାଦ ଗୀତର ତାଳେ ତାଳେ ବ୍ରିଟିଶ୍ ଶାସନକୁ ବିରୋଧ କରୁଥିଲେ, ସେହି ସମୟରେ ବ୍ରିଟିଶ ସରକାରର ଦୃଢ ପ୍ରାଚୀରମାନ କମ୍ପି ଉଠୁଥିଲା। ଆମ ରାଜ୍ୟ ସରକାର, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସେହି ପଦକ୍ଷେପକୁ ହୃଦୟପୂର୍ବକ ସ୍ୱାଗତ କରୁଛି ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ବିଦ୍ୟାଳୟ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ, ପ୍ରତ୍ୟେକ ସଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୁବପିଢ଼ି ମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶପ୍ରେମର ଭାବନା କେବଳ ଇତିହାସ ପଢ଼ିଦେଲେ ହୁଏନି, ତାହାକୁ ଜୀବନରେ ବାସ୍ତବରେ ଅନୁସରଣ କରିବା ଦରକାର। ଦେଶକୁ ଭଲପାଇବା ଅର୍ଥ ଦାୟିତ୍ୱବୋଧ, ଶୃଙ୍ଖଳା ଓ ଶ୍ରମ। ଆୟୋଜିତ ଉତ୍ସବରେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ବନ୍ଦେ ମାତରମ୍’ କେବଳ ଏକ ଗୀତ ନୁହେଁ, ଏହା ଆମ ଦେଶର ସଂଘଟନ, ସ୍ୱାଧୀନତା ଓ ଜାତୀୟ ଗରିମାର ପ୍ରତୀକ। ଏହି ଗୀତ ମାଧ୍ୟମରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଭାରତୀୟ ଜନମାନସରେ ଜାଗରଣ ଆଣିଥିଲେ, ଯାହା ଦେଶକୁ ସ୍ୱାଧୀନତା ଆନ୍ଦୋଳନର ପଥରେ ଅଗ୍ରସର କରିଥିଲା। ଏହି ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଆଧାରରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ଡଃ ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

## ବନ୍ଦେ ମାତରମ୍ କେବଳ ଏକ ଶବ୍ଦ ନୁହେଁ: ମୋଦୀ



**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ରାଷ୍ଟ୍ରୀୟ ଗୀତ ‘ବନ୍ଦେ ମାତରମ୍’ର ୧୫୦ତମ ବାର୍ଷିକୀ ପାଳନ ଲାଗି ଏକ ବର୍ଷବ୍ୟାପୀ ସମାରୋହର ଶୁଭାରମ୍ଭ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ, ବନ୍ଦେ ମାତରମ୍ କେବଳ ଏକ ଶବ୍ଦ ନୁହେଁ - ଏହା ଏକ ମନ୍ତ୍ର, ଏକ ଶକ୍ତି, ଏକ ସ୍ୱପ୍ନ ଏବଂ ଏକ ପବିତ୍ର ସଂକଳ୍ପ। ସେ ଏହା ମଧ୍ୟ କହିଛନ୍ତି ଯେ ‘ବନ୍ଦେ ମାତରମ୍’ ଭାରତ ମାତାଙ୍କ ପ୍ରତି ଭକ୍ତି ଏବଂ ଆଧ୍ୟାତ୍ମିକ ସମର୍ପଣର ପ୍ରତୀକ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଶବ୍ଦ ଆମକୁ ଆମର ଇତିହାସ ସହିତ ଯୋଡେ, ଆମର ବର୍ତ୍ତମାନକୁ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ କରେ ଏବଂ ଆମର ଭବିଷ୍ୟତକୁ ଏହି ବିଶ୍ୱାସ କରିବାର ସାହସ ଦିଏ ଯେ, କୌଣସି ସଂକଳ୍ପ ପୂରଣ କରିବା ଅସମ୍ଭବ ନୁହେଁ, କୌଣସି ଲକ୍ଷ୍ୟ ଆମ ପାଇଁ ଅପହଞ୍ଚ ନୁହେଁ। ‘ବନ୍ଦେ ମାତରମ୍’ର ସାମୂହିକ ଗାନକୁ ଅଭିବ୍ୟକ୍ତିର ସୀମା ବାହାରେ ଏକ ପ୍ରକୃତ ଅନନ୍ୟ ଅଭିଜ୍ଞତା ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି ଯେ, ଅନେକ ସ୍ୱର ମଧ୍ୟରେ ଏକ ଅନନ୍ୟ ତାଳର ଉଦ୍ଭବ ହୋଇଥିଲା, ଏକ ଏକୀକୃତ ସ୍ୱର, ଏକ ସହଭାଗୀ ରୋମାଞ୍ଚ ଏବଂ ଏକ ଅବିଚ୍ଛିନ୍ନ ପ୍ରବାହ ଦେଖାଦେଇଥିଲା। ସେ ସେହି ସ୍ୱରସମୂହ ଓ ସମନ୍ୱୟର ତରଙ୍ଗ ବିଷୟରେ କହିଲେ, ଯାହା ହୃଦୟକୁ ଉତ୍ସାହ ଓ ଶକ୍ତିରେ ଭରିଦେଇଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନଭେମ୍ବର ୭ ତାରିଖ ଏକ ଐତିହାସିକ ଦିନ, କାରଣ ଦେଶ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପାଳନ କରୁଛି। ସେ କହିଥିଲେ ଯେ, ଏହି ପବିତ୍ର ଅବସର ଆମର ନାଗରିକମାନଙ୍କୁ ନୂତନ ପ୍ରେରଣା ଏବଂ ଶକ୍ତି ପ୍ରଦାନ କରିବ। ଇତିହାସର ପୃଷ୍ଠାରେ ଏହି ଦିନକୁ ସ୍ମରଣ କରିବା ପାଇଁ, ‘ବନ୍ଦେ ମାତରମ୍’ ପାଇଁ ଏକ ବିଶେଷ ସ୍ମାରକୀ ମୁଦ୍ରା ଏବଂ ଡାକ ଟିକେଟ୍ ଜାରି କରାଯାଇଛି। ଭାରତ ମାତାଙ୍କୁ ନିଜର ଜୀବନ ଉତ୍ସର୍ଗ କରିଥିବା ଭାରତର ସମସ୍ତ ବୀର ଏବଂ ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ମୋଦୀ ଉପସ୍ଥିତ ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ ଏବଂ ବନ୍ଦେ ମାତରମର ୧୫୦ ବର୍ଷ ପୂରଣ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ପ୍ରତ୍ୟେକ ଗୀତ ଏବଂ କବିତା ଏକ ମୂଳ ଭାବନା ଏବଂ ଏକ ବିଶେଷ ବାର୍ତ୍ତା ବହନ କରେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପଚାରିଥିଲେ: ‘ବନ୍ଦେ ମାତରମ୍’ର ସାର କ’ଣ ? ସେ କହିଥିଲେ ଯେ ଏହାର ସାର ହେଉଛି ଭାରତ, ଭାରତ ମାତା – ଭାରତ ରାଷ୍ଟ୍ରର ଅନନ୍ତ ଧାରଣା। ସେ ବିସ୍ତାରିତ ଭାବରେ କହିଥିଲେ ଯେ ଏହି ଧାରଣା ମାନବ ସଭ୍ୟତାର ଆରମ୍ଭରୁ ସାକାର ରୂପ ନେବା ଆରମ୍ଭ କରିଥିଲା। ଏହା ବିଭିନ୍ନ ରାଷ୍ଟ୍ରର ଉତ୍ଥାନ, ବିଭିନ୍ନ ଶକ୍ତିର ଉତ୍ଥାନ, ନୂତନ ସଭ୍ୟତାର ବିକାଶ, ଶୂନ୍ୟତାରୁ ମହାନତାକୁ ସେମାନଙ୍କର ଯାତ୍ରା ଏବଂ ଶେଷରେ ଶୂନ୍ୟତାରେ ସେମାନଙ୍କର ବିଲୟକୁ ଦେଖିଛି, ପ୍ରତ୍ୟେକ ଯୁଗକୁ ଏକ ଅଧ୍ୟାୟ ଭାବରେ ଦେଖୁଛି।

## ବାର୍‌ହା ଫାଶରେ ପଡି ଦୁଇ ଯୁବକ ମୃତ



**ଲକ୍ଷ୍ମୀପୁର :** ଗାଈ ଖୋଜିବାକୁ ଯାଇ ପାହାଡ଼ ଭିତରେ ଦୁଇଜଣ ଆଦିବାସୀ ଯୁବକ ବାର୍‌ହା ଫାଶରେ ପଡି ମୃତ୍ୟୁବରଣ କରିଛନ୍ତି। ଏଇ ଭଳି ଏକ ଦୁଃଖଦ ଘଟଣା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ପିପଲପଦର ପଞ୍ଚାୟତରେ ଘଟିଛି। ଏହି ଘଟଣା ସାରା ବ୍ଲକରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ପୋଲିସର ନିଦ ହଜେଇ ଦେଇଛି। ମୃତକ ଦୁହେଁ କେନ୍ଦୁପାଇ ଗ୍ରାମର ଗାହେଲା ମାଣ୍ଡିଙ୍ଗା ଓ ପିପଲପଦର ଗ୍ରାମର କୁମର ମିଣିଆକା ବୋଲି ଜଣାପଡ଼ିଥିବା ବେଳେ ବିଦ୍ୟୁତ ତାର ବିଛେଇଥିବା ଦୁର୍ବୃତ୍ତଙ୍କୁ ଏବେ ପୋଲିସ ଖୋଜୁଛି। ଖବର ଶୁଣି ଘଟଣାସ୍ଥଳରେ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ ଓ ବିଜୁଳି ବିଭାଗ କର୍ମଚାରୀ ସଦଳବଳେ ପହଞ୍ଚି ଦୁଇଟି ଯାକ ମୃତ ଦେହ ଉଧାର କରିଥିଲେ। ହେଲେ ରାତି ଅନେକ ହେବାରୁ ଶନିବାର ଦିନ ବ୍ୟବଛେଦ ହେବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ ପିପଲପଦର ପଞ୍ଚାୟତର ଦୁଇଜଣ ଯୁବକ ବୁଧବାର ପାହାନ୍ତିଆରୁ ଗାଈ ଚରାଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରେ ପରିବାର ଲୋକେ ବହୁତ ଖୋଜା ଖୋଜି କରି ଦୁହେଁ ଜଙ୍ଗଲ ଭିତରେ ବିଜୁଳି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜାଣିବାକୁ ପାଇଥିଲେ।

# ରାଜ୍ୟରେ ୨୬, ୬୬୬ ଜଣ କ୍ୟାନସର ଆକ୍ରାନ୍ତ ଚିହ୍ନଟ



**ଭୁବନେଶ୍ୱର :** ତିନି ବର୍ଷରେ ଏକ କୋଟି ୩୯ ଲକ୍ଷରୁ ଅଧିକ ଲୋକଙ୍କ ସ୍କ୍ରିନିଂ କାଯାଇଛି। ଦେଶରେ ବାର୍ଷିକ ୮ଲକ୍ଷରୁ ଅଧିକ କ୍ୟାନସର ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ରାଜ୍ୟରେ ୨୬ହଜାର ୬୬୬ଜଣ କ୍ୟାନସର ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୟାନସରର ଗଡ ସାଜିଛି ବରଗଡ଼। ହୁ ହୁ ହୋଇ ବଢୁଛି କ୍ୟାନ୍ସର ରୋଗୀଙ୍କ ସଂଖ୍ୟା। କେବଳ ବରଗଡ଼ ନୁହେଁ ସାରା ପଶ୍ଚିମ ଓଡ଼ିଶାରେ ଏବେ ଏହି ମାରାତ୍ମକ ବ୍ୟାଧିକୁ ନେଇ ବଢୁଛି ଚିନ୍ତା। ଗତ ତିନି ବର୍ଷ ଭିତରେ ଏକ କୋଟି ୩୯ ଲକ୍ଷରୁ ଅଧିକ ଲୋକଙ୍କ ସ୍କ୍ରିନିଂ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୬ ହଜାର ୬୬୬ଜଣ କ୍ୟାନସର ଆକ୍ରାନ୍ତ ଚିହ୍ନଟ କରାଯାଇଛି। ତେବେ କାହିଁକି କ୍ୟାନ୍ସର ବଢୁଛି ଓ କେମିତି ଏହାକୁ ରୋକାଯାଇ ପାରିବ ସେନେଇ ଆଜି ଜାତୀୟ କ୍ୟାନ୍ସର ସଚେତନତା ଦିବସର କାର୍ଯ୍ୟକ୍ରମ ରହିଛି। ବରଗଡ ଜିଲ୍ଲାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ବଢୁଛି ଚିନ୍ତା। ରାଜ୍ୟରେ ଚିହ୍ନଟ ହୋଇଥିବା କ୍ୟାନସର ଆକ୍ରାନ୍ତଙ୍କ ମଧ୍ୟରୁ ୨୬.୩ ପ୍ରତିଶତ କେବଳ ବରଗଡ ଜିଲ୍ଲାରୁ। ବରଗଡ଼ରେ ବହୁଳ ମାତ୍ରାରେ ଚାଷ ଜମିରେ ସାର, କୀଟ ନାଶକ ବ୍ୟବହାର ପାଇଁ ଅଧିକ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବଢୁଥିବା ଅନୁମାନ କରାଯାଉଛି। ଅନେକ କ୍ଷେତ୍ରରେ ଗୁଠଖା , ପାନ ମସଲା, ସିଗାରେଟ, ତମାଖୁ କ୍ୟାନସର ବୃଦ୍ଧିର କାରଣ ପାଲଟିଛି। ଦେଶରେ ବାର୍ଷିକ ୮ଲକ୍ଷରୁ ଅଧିକ କ୍ୟାନସର ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ତମାଖୁ ବ୍ୟବହାର ଯୋଗୁଁ ୩୫ରୁ ୫୦ ପ୍ରତିଶତ ଆକ୍ରାନ୍ତ। ଜୀବନଶୈଳୀରେ ପରିବର୍ତ୍ତନ, ତମାଖୁ ବ୍ୟବହାର, ଖରାପ ଖାଦ୍ୟ ଅଭ୍ୟାସ ଓ କମ୍ ଶାରୀରିକ ଶ୍ରମ ଯୋଗୁଁ ବ୍ୟାପୁଛି କ୍ୟାନସର। ଏଥିପାଇଁ ବ୍ୟାପକ ସଚେତନତାର ରହିଛି ଆବଶ୍ୟକତା। ଲକ୍ଷଣ ଦେଖାଦେଲେ ଭୟଭୀତ ନହୋଇ ଡାକ୍ତରଙ୍କ ସହ ପରାମର୍ଶ କଲେ କ୍ୟାନସରଠାରୁ ମଧ ଜିତିହେବ ବୋଲି କ୍ୟାନ୍ସର ସର୍ଭାଇବର୍ ମତ ଦେଇଛନ୍ତି। ବରଗଡ଼ ସହରର କ୍ୟାନ୍ସର ସର୍ଭାଇବର୍ ଅସୀମା ବିଷୋୟୀ ଓ ଜୟଶ୍ରୀ ପଣ୍ଡା। ଦୀର୍ଘ ବର୍ଷ ପୂର୍ବେ ଏମାନଙ୍କୁ ହୋଇଥିଲା କ୍ୟାନ୍‌ସର। ଆଉ ରୋଗ ଚିହ୍ନଟ ହେବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆରମ୍ଭ କରିଥିଲେ ନିଜର ଚିକିତ୍ସା। କିଛି ବର୍ଷ ଧରି ଜୀବନ ଓ ମୃତ୍ୟୁର ସଂଘର୍ଷ ପରେ ପାଇଥିଲେ ନୂଆଁ ଜୀବନ। ଏବେ ସେମାନେ ଲୋକମାନଙ୍କୁ ଦେଉଛନ୍ତି ସଚେତନତାର ବାର୍ତ୍ତା।

# କମିବ ଟ୍ରେନ୍ ଦୁର୍ଘଟଣା; ଲାଗିଲା ସୁରକ୍ଷା ବାଡ

**ଭୁବନେଶ୍ୱର :** ରେଳ ସୁରକ୍ଷାକୁ ବୃଦ୍ଧି କରିବା ଏବଂ ଟ୍ରେନର ଗତିକୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରର ବିଭିନ୍ନ ରେଳ ସେକ୍ସନରେ ବ୍ୟାପକ ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ କରିଛି। ଏହି ମହତ୍ୱାକାଂକ୍ଷୀ ସୁରକ୍ଷା ପଦକ୍ଷେପ ଅଧୀନରେ, ଇଷ୍ଟକୋଷ୍ଟ ରେଲୱେ ଏହାର କ୍ଷେତ୍ରାଧିକାରରେ ମୋଟ ୩୧୩୩ ଟ୍ରାକ୍ କିଲୋମିଟରକୁ କଭର କରି ସୁରକ୍ଷା ବାଡ଼ କାର୍ଯ୍ୟକୁ ମଞ୍ଜୁର କରିଛି। ଯାହାର ଆନୁମାନିକ ପ୍ରକଳ୍ପ ମୂଲ୍ୟ ବର୍ତ୍ତମାନ ୧,୦୬୧ କୋଟିରୁ ଅଧିକ। ଏହି କାର୍ଯ୍ୟ ତିନୋଟି ଡିଭିଜନ - ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟେୟାରରେ ଚାଲିଛି। ଖୋର୍ଦ୍ଧା ରୋଡ୍ ଡିଭିଜନରେ ଭଦ୍ରକ-ପଲାସା, ଖୋର୍ଦ୍ଧା ରୋଡ୍-ପୁରୀ ଏବଂ ନେରଗୁଣ୍ଡି-କେରେଜଙ୍ଗ ସେକ୍ସନରେ ୪୫୮ କୋଟି ଟଙ୍କା ବ୍ୟୟରେ ୧୨୫୫ କିଲୋମିଟର ପାଇଁ ସୁରକ୍ଷା ବାଡ଼ କାର୍ଯ୍ୟ ଜାରି ରହିଛି ଏବଂ ଜଖପୁରା-ଜାରୋଲି ସେକ୍ସନରେ ୨୮୭ କିଲୋମିଟର ପାଇଁ ୯୮ କୋଟି ଟଙ୍କାରୁ ଅଧିକ ବ୍ୟୟରେ କାର୍ଯ୍ୟ ଜାରି ରହିଛି ଯାହାର ବିସ୍ତୃତ ଆକଳନ ମଞ୍ଜୁରୀ ଅଧୀନରେ ଅଛି। ସେହିପରି ସମ୍ବଲପୁର ଡିଭିଜନରେ ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-କେରେଜଙ୍ଗ, ବଲାଙ୍ଗୀର-ଥେରୁଭାଲି ଏବଂ ସରଳା-ବଲାଙ୍ଗିର ସେକ୍ସନରେ ୪୦୪ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ୧୨୭୮ କିଲୋମିଟର ସୁରକ୍ଷା ବାଡ଼ କାର୍ଯ୍ୟ ଜାରି ରହିଛି ଏବଂ ଲାଖୋଲି-ଟିଟଲାଗଡ଼ ସେକ୍ସନରେ ୩୧୬.୫ କିଲୋମିଟର ପାଇଁ ୯୩.୪୩ କୋଟି ଟଙ୍କା ବିସ୍ତୃତ ଆକଳନ ମଞ୍ଜୁରୀ ଅଧୀନରେ ଅଛି। ସେହିପରି, ୱାଲଟେୟାର ଡିଭିଜନରେ ପଲାସା-ବିଶାଖାପାଟଣା ଦୁଭୱାଡା ଏବଂ ବିଜୟାନଗରମ-ସିଙ୍ଗାପୁର ରାସ୍ତା ସେକ୍ସନରେ ୧୯୯.୨୭ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୬୦୦ କିଲୋମିଟର ପାଇଁ ସୁରକ୍ଷା ବାଡ଼ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟଗୁଡ଼ିକର ଲକ୍ଷ୍ୟ ହେଉଛି ସୁରକ୍ଷିତ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା, ଅନଧିକୃତ ଅନୁପ୍ରବେଶକୁ ରୋକିବା ଏବଂ ରେଳ ଟ୍ରାକ ନିକଟରେ ଗୋରୁ ଏବଂ ବନ୍ୟ ପ୍ରାଣୀଙ୍କ ଗତିବିଧିକୁ ପ୍ରତିବନ୍ଧିତ କରିବା। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି, ଇଷ୍ଟକୋଷ୍ଟ ରେଲୱେ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ନେଟୱାର୍କ ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# ଇତିହାସ ଅଧାପକଙ୍କ ବିୟୋଗରେ ଶୋକସଭା



**କୋରାପୁଟ :** ଲକ୍ଷ୍ମୀପୁର ମହାବିଦ୍ୟାଳୟର ଇତିହାସ ଅଧାପକ ଶ୍ରୀ ମଧୁସୂଦନ ସାହୁଙ୍କ ଅକାଳ ବିୟୋଗକୁ ନେଇ ମହାବିଦ୍ୟାଳର ଶ୍ରେଣୀ ଗୃହରେ ଶୋକ ସଭା ପାଳନ କରାଯାଇଛି। ମହାବିଦ୍ୟାଳୟର ଯୁକ୍ତ -୨ ଅଧକ୍ଷ ଗିରିଜା ଚୌଧୁରୀଙ୍କ ପ୍ରତ୍ୟେକ ତତ୍ୱାବଧାନରେ ଆୟୋଜିତ ଏହି ଶୋକ ସଭାରେ ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ସମେତ ମହାବିଦ୍ୟାଳୟର କାର୍ଯ୍ୟରତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଫଟଚିତ୍ର ଆଗରେ ଧୂପ ଦେଇ ପୁଷ୍ପ ପ୍ରଦାନ ପୂର୍ବକ ଦୁଇ ମିନିଟ ଧରି ନିରବ ପ୍ରାର୍ଥନା କରିଥିଲେ। ସିଏ ମୁଖ କର୍କଟ ରୋଗରେ ପଡି କଟକ ର ଏକ ଘରୋଇ କ୍ଲିନିକରେ ଦୁଇ ମାସ ହେଲାଣି ଚିକିତ୍ସିତ ହେଉଥିଲେ। ହେଲେ ସୋମବାର ଦିନ ବିଳମ୍ବିତ ରାତିରେ ସିଏ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତହିଁ ଆରଦିନ ପୁରୀ ସ୍ୱର୍ଗ ଦ୍ୱାରରେ ଶୋକାକୁଳ ପରିବେଶ ମଧ୍ୟରେ ପରିବାର ବର୍ଗ ଓ ଆତ୍ମୀ ସଜନଙ୍କ ଉପସ୍ଥିତିରେ ତାଙ୍କର ଶେଷ କୃତ୍ୟ ସମ୍ପନ କରାଯାଇଥିଲା। ଦୀର୍ଘ ପଚିଶି ବର୍ଷ ଧରି ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ସିଏ ଶିକ୍ଷାଦାନ କରି ଆସୁଥିବାରୁ ତାଙ୍କ ଅକାଳ ବିୟଗ କଥା ଶୁଣି ସମସ୍ତ ଛାତ୍ରଛାତ୍ରୀ ଓ ସହକର୍ମୀ ଦୁଃଖ ପ୍ରକାଶ କରିଥିଲେ। ଏନେଇ ତାଙ୍କ ବିୟୋଗରେ ଗୋଟିଏ ଓଳି ମହାବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା।




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**

ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**

ସମ୍ପାଦକ : ତାରକ ମହାନ୍ତି